

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

| Vol.5 | Issue- 25 | November 29 to December 5, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୫ | ନଭେମ୍ବର ୨୯ ରୁ ଡିସେମ୍ବର ୫, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଅଣ୍ଡା ମାଡ଼ ବିଜେଡିକୁ ଆଶୀର୍ବାଦ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଲାଙ୍ଗିର ମହାଲିଙ୍ଗ ସନ୍‌ସାଇନ୍ କଲେଜ୍‌ର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ବିରୋଧୀଙ୍କ ଅଶୋଭନୀୟ ଆଚରଣ ଧିରେ ଧିରେ ଥମିବାରେ ଲାଗିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି । ମମିତା ମେହେର ମାମଲାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କୁ ବିରୋଧୀଙ୍କ ଅଣ୍ଡା ମାଡ଼ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇପଡିଛି । ଯେସାକୁ ତେସା(ସ୍ପସପ୍ସ ଲକ୍ଟକ୍ସ ସ୍ପବସ୍ପ) ଭଳି ପରସ୍ପର ପରସ୍ପରଙ୍କ ନେତା ଓ ମନ୍ତ୍ରୀଙ୍କୁ ଅଣ୍ଡା ମାଡ଼ ସମଗ୍ର ରାଜ୍ୟରେ ମଜାଦାର ବିଷୟ ବୋଲି ମଧ କୁହାଯାଉଛି । କିଏ କହୁଛି ଅଣ୍ଡା ମାଡ଼ କରିବା ଅପେକ୍ଷା ସେହି ଅଣ୍ଡାକୁ ସ୍କୁଲ୍‌ର ଛୋଟ ପିଲାଙ୍କୁ ଖାଇବାକୁ ଦେଲେ ଭଲ ହୁଅନ୍ତା ବୋଲି କୁହାଯାଉଛି । କାର୍ତ୍ତିକ ମାସରେ ମନ୍ତ୍ରୀ ଓ ନେତାମାନଙ୍କୁ ଅଣ୍ଡା ମାଡ଼ କରୁଥିବା ଦୃବୃର୍ତ୍ତଙ୍କ ଯୋଗୁଁ ଦଳର କ୍ଷତି ପହଞ୍ଚାଇବ ବୋଲି କୁହାଯାଇ ଅଣ୍ଡାମାଡ଼ ବିଜେଡି ପାଇଁ ଆଶିର୍ବାଦ ବୋଲି କୁହାଯାଉଛି । କୁହାଯାଉଛି ଯେ ଅତୀତରେ ତଥା ୧୯ ବର୍ଷ ମଧରେ ବା ୨୦୧୯ ସାଧାରଣ ନିର୍ବାଚନରେ ଯେଉଁ ଫଳାଫଳ ହେଲା କେବଳ ବିରୋଧୀଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁଁ ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ଆଶିର୍ବାଦ ଯୋଗୁଁ ବିଜୟୀ ହେବା ସହିତ ବିରୋଧୀଙ୍କ ସଂଖ୍ୟା ଲୋପ ପାଇଛି । ଏଥର ଯେପରି



ବିରୋଧୀ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ନ ରଖି ଅଗ୍ନିକୁ ବାଇଗଣ ପକାଇଲା ଭଳି ବିରୋଧ କରିବା ସେମାନଙ୍କ ପାଇଁ ପଞ୍ଚାୟତ ନିର୍ବାଚନ ଠୁଁ ଆରମ୍ଭ କରି ସାଧାରଣ ନିର୍ବାଚନ ୨୦୨୪ ସେମାନଙ୍କ ପାଇଁ ବୁମେରାଙ୍ଗ ସୃଷ୍ଟି କରିପାରେ ବୋଲି ବରିଷ୍ଠ ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଥିବା କୁହାଯାଉଛି । କେବଳ କ୍ୟାପ୍‌ଟେନ୍ ମିଶ୍ରଙ୍କ ଘଟଣା ନୁହେଁ ମନ୍ତ୍ରୀ ଅରୁଣ ସାହୁଙ୍କ ପରୀ ମାମଲା, ମେୟର ଅନନ୍ତ ନାରାୟଣ ଜେନାଙ୍କ ରକ୍ଷୀ ହତ୍ୟାକାଣ୍ଡ ଘଟଣା, ଇତିଶ୍ରୀ ପରି ଅନ୍ୟାନ୍ୟ ଘଟଣାବଳୀକୁ ଅନୁଧ୍ୟାନ କଲେ କୌଣସି ଘଟଣାରେ ବିରୋଧୀ ସଫଳ ହୋଇପାରିନଥିବା ଆଲୋଚନା ହେଉଛି । କ୍ୟାପ୍‌ଟେନ୍ ମନ୍ତ୍ରୀ କେଉଁ ମହିଳାଙ୍କ ସହିତ ଅନୈତିକ ସଂପର୍କ ରଖିଥିବାର କେଉଁ ମହିଳା ତୁମ ନିକଟରେ ହେଉ ବା ପୋଲିସ୍‌ରେ ଅଭିଯୋଗ କରିଛନ୍ତି ତା'ର ଠୋସ୍ ପ୍ରମାଣ ନ ରଖି ଅଗ୍ନିକୁ ବାଇଗଣ ପକାଇଲା ଭଳି ରାଜ୍ୟରେ ତୁମ୍ଭି ତୋଫାନ କରି ସରକାରଙ୍କୁ ବଦନାମ କରି ଗାଦିରୁ ହଟାଇବା ଯେଉଁ ଯୋଜନା ବିରୋଧୀ କରୁଛନ୍ତି ତା'ର କୁପରିଣାମ ପଞ୍ଚାୟତ ଓ ପୌର ନିର୍ବାଚନ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କ ବିରୁଦ୍ଧରେ ଫଳାଫଳ ନିଶ୍ଚିତ ଯିବ ବୋଲି ଦୃଢତାର ସହିତ ରାଜନୈତିକ ବିଶେଷଜ୍ଞମାନେ ଏପରି ମତ ରଖୁଥିବା ଲକ୍ଷ୍ୟ କରାଯାଉଛି ।

## ଅପରାଜିତା ବିବାଦ ଘନେଇଲା

ଗୁରୁବାର ରାତିରେ ରାଜଧାନୀର ଆଚାର୍ଯ୍ୟ ବିହାରରେ ହୋଇଥିବା ବିଜେଡି-ବିଜେପି ଖଣ୍ଡଯୁଦ୍ଧ ତୀବ୍ର ରାଜ୍ୟନୈତିକ ବିବାଦର ରୂପ ନେଇଛି । ଏହି ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୁଦ୍ଧରେ ଆରୋପ ପ୍ରତ୍ୟାରୋପ କରିଛନ୍ତି । ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ସମର୍ଥନ କରି ରାଜ୍ୟ ବିଜେପି ଆଗକୁ ଆସିଥିଲା ବେଳେ ଶ୍ରୀମତୀ ଷଡଙ୍ଗୀଙ୍କ କାର୍ଯ୍ୟଶୈଳୀକୁ କଡା ସମାଲୋଚନା କରିଛି ବିଜେଡି । ଗଣ୍ଡଗୋଳ



- ଅପରାଜିତାଙ୍କ କାର୍ଯ୍ୟଶୈଳୀକୁ ନିନ୍ଦା କଲା ବିଜେଡି ।
- ୨୨ ବର୍ଷ ଶାସନରେ ଅହଙ୍କାର ବଢିଯାଇଛି:ଅପରାଜିତା ।
- ଓଡ଼ିଶାକୁ ବିହାର କରିବାକୁ ସାଂସଦଙ୍କ ଯୋଜନା:ଅନନ୍ତ ।

ଘଟଣାରେ ଶ୍ରୀମତୀ ଷଡଙ୍ଗୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ମୁହାଁମୁହିଁ ହୋଇଛନ୍ତି । ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜିଲ୍ଲା ବିଜେପି ରାସ୍ତାକୁ ଓହ୍ଲାଇଛି । ଏହାକୁ ନେଇ ରାଜଧାନୀ (ପୃଷ୍ଠା-୨)

## ମମିତା ବାପାଙ୍କ ୧୬୪ ବୟାନ ରେକର୍ଡ

**ବଲାଙ୍ଗିର(ସଂପର୍କବାର୍ତ୍ତା):-** ମମିତା ମେହେର ହତ୍ୟା ଘଟଣାର ବାପା ସୁଚନ୍ଦ୍ର ମେହେରଙ୍କର ଶେଷରେ ୧୬୪ ବୟାନ ରେକର୍ଡ କରାଯାଇଛି । କଣ୍ଟାବାଞ୍ଜି କୋର୍ଟରେ ସୁଚନ୍ଦ୍ରଙ୍କ ବୟାନ ରେକର୍ଡ ହୋଇଛି । ମାର୍ଜିଷ୍ଟ୍ରେଟ୍‌ଙ୍କ ଚାମ୍ବରରେ ପୋଲିସ୍ ଅନୁପସ୍ଥିତିରେ ଏହି ବୟାନ ରେକର୍ଡ କରାଯାଇଥିବା ଜଣାଯାଇଛି । ବାରମ୍ବାର କଥା ବଦଳାଉଥିବା ସୁଚନ୍ଦ୍ରଙ୍କ ବିରୁଦ୍ଧରେ ଏହା ଯାଇପାରେ ବୋଲି କହିଛନ୍ତି ପ୍ରତିପକ୍ଷ ଓକିଲ । ସୂଚନାଯୋଗ୍ୟ, ମମିତା ମେହେର ହତ୍ୟା ଘଟଣାରେ



ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ପ୍ରଥମେ ସୁଚନ୍ଦ୍ର ହିଁ ପ୍ରଥମ ଅଭିଯୋଗ କରିଥିଲେ । ଏପରିକି ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସନ୍‌ସାଇନ୍ ହଷ୍ଟେଲ୍‌କୁ ଯାଉଥିବା ବେଳେ ସେଠାରେ ତାଙ୍କର ବହୁ ଯୁବତୀଙ୍କ ସହ ଅନୈତିକ ସଂପର୍କ ଥିବା ନେଇ କଥା ପ୍ରଘଟ କରିଥିଲେ । ଏହା ପରେ ସମଗ୍ର ରାଜ୍ୟରେ ତୁମ୍ଭିତୋଫାନ ସୃଷ୍ଟି ହୋଇଥିଲା । ଏପରିକି ବିଜେପି ଓ କଂଗ୍ରେସର ହାଇଲେଭଲ୍ ମିଟିଂ ସମୟରେ ମଧ ସେ ଏହି କଥା ଉଠାଇଥିଲେ । ଏପରିକି ୮ ତାରିଖ ପୂର୍ବରୁ ଝିଅ ଆଉ କୁଆଡେ ଯାଇନଥିବା (ପୃଷ୍ଠା-୨)

## ଓଡ଼ିଶାକୁ ବିହାର ଭଳି ନ କରନ୍ତୁ ଅପରାଜିତା

ସାଂସଦ ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କୁ ସୁରକ୍ଷା ମାଗିବା ପରେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରତିକ୍ରିୟା ରଖିଛନ୍ତି । ଗୁରୁବାର ରାତି ଭୁବନେଶ୍ୱର ଆଚାର୍ଯ୍ୟ ବିହାର ଛକ ପାଣି ଟାଙ୍କି ନିକଟସ୍ଥ ଘଟଣାକୁ ନେଇ ଅପରାଜିତ ପ୍ରେସ୍‌ମିଟ୍ କରିବା ସହ ବିଜେଡିକୁ ଟାର୍ଗେଟ୍ କରିଥିଲେ । ଆଉ ଆଗକୁ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଦିଅନ୍ତୁ ବୋଲି ଦାବି କରିଥିଲେ । ତେବେ ଅପରାଜିତା ଏଭଳି ଆରୋପ ଆଣିବାର କିଛି ଘଟଣା ମଧରେ କଡା ଜବାବ ରଖିଛନ୍ତି ବିଜେଡି ବିଧାୟକ ଅନନ୍ତ ନାରାୟଣ




ଜେନା ବୋଲି ନ୍ୟୁଜ୍ ପୋର୍ଟାଲ୍‌ରେ ପ୍ରକାଶ ପାଇଛି ।

ବିଧାୟକ ଅନନ୍ତ ନାରାୟଣ ଜେନା (ପୃଷ୍ଠା-୨)

# ବିଚାରପତିମାନେ କୋର୍ଟ ରୁମ୍‌ରେ ବୟାନ ରଖନ୍ତୁ:ରାଷ୍ଟ୍ରପତି

**ନୂଆଦିଲ୍ଲୀ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସୁପ୍ରିମ୍‌କୋର୍ଟ ଦ୍ୱାରା ଆୟୋଜିତ ୭୨ତମ ସମ୍ବିଧାନ ଦିବସ ସମାପନ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, କୋର୍ଟ ରୁମ୍‌ରେ ବିଚାରପତିମାନେ ସେମାନଙ୍କ ମନ୍ତବ୍ୟ ରଖିବା ବେଳେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ ଏବଂ ସମ୍ବେଦନଶୀଳ ବ୍ୟବହାର ଦେଖାଇବାକୁ ହେବ । ବିଚାରପତିଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ଦିଆଯାଉଥିବା ବୟାନକୁ ନେଇ ବିଭ୍ରାନ୍ତି ଉପୁଜୁଛି ଏବଂ ସାମାଜିକ ଗଣମାଧମରେ ଭୁଲ୍ ବାକ୍ଷା ହେଉଛି । ବିଚାରପତିମାନେ କୋର୍ଟ ରୁମ୍‌ରେ ନିଜ ବିବେକ ଅନୁଯାୟୀ ମତ ରଖିବା ମଧ ଦାୟିତ୍ୱ । କେତେକ ଅନିଚ୍ଛାକୃତ ଏବଂ ଅନାବଶ୍ୟକ ମନ୍ତବ୍ୟ ମଧ ନ୍ୟାୟ ପାଳିକାକୁ ନେଇ ବିବାଦୀୟ ଆଲୋଚନା କରିବାକୁ ଖୋରାଗ ଯୋଗାଇ ଦେଉଥିବାରୁ ଏ ଦିଗରେ ବିଚାରପତିମାନେ ସତର୍କ ରହିବାକୁ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି । ଆମେରିକା ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ଫ୍ରାଙ୍କଫର୍ଟରଙ୍କ ଏକ ବୟାନରୁ ଉଦ୍ଧାର କରି ରାଷ୍ଟ୍ରପତି କହିଛନ୍ତି 'କୋର୍ଟ ପ୍ରତିନିଧି ସଂସ୍ଥା ନୁହଁନ୍ତି ଏବଂ ବିଚାରପତିମାନଙ୍କର ଆବଶ୍ୟକ ଗୁଣ ହେଉଛି ନିଜକୁ ପୃଥକ ରଖିବା ଏବଂ ସାଧୀନତା ଉପରେ ଆଧାରିତ ରହିବା । ଇତିହାସ ଶିକ୍ଷା ଦିଏ ଯେ, ନ୍ୟାୟାଳର ସାଧୀନତା ସେତବେଳେ ବିପଦରେ ପଡେ ଯେତବେଳେ କୋର୍ଟ ଘଟଣାର ଆବେଗରେ ଜଡିତ ହୁଅନ୍ତି ଏବଂ ରାଜନୈତିକ ଅର୍ଥନୈତିକ ଏବଂ



ସାମାଜିକ ଚାପ ମଧରେ ଚୟନ କରିବାକୁ ବାଧ ହୁଅନ୍ତି ।'

ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନରେ ଦୀର୍ଘ ଦିନ ଧରି ପଡି ରହିଥିବା ବିଚାରଧିନ ମାମଲାର ଶୁଣାଣି ଜନିତ ସମସ୍ୟା ହଟାଇବା ପାଇଁ ମଧ ଗୁରୁତ୍ୱାରୋପ କରିଥିଲେ । ବିଚାରପତି ବାଛିବା ପାଇଁ ସର୍ବଭାରତୀୟ ଜୁଡିସିଆଲ୍ ପରୀକ୍ଷା ଏ ଦିଗରେ ଏକ ଉତ୍ତମ ପଦକ୍ଷେପ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି । ନିମ୍ନ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ସବୁଠି ସଠିକ୍ ପ୍ରତିଭା ଚୟନ ଏବଂ ପ୍ରୋତ୍ସାହନକୁ ଗୁରୁତ୍ୱ ଦିଆଯିବ ଉଚିତ୍ ବୋଲି ରାଷ୍ଟ୍ରପତି କହିଛନ୍ତି । ନ୍ୟାୟ ବିତରଣ ପ୍ରଣାଳୀକୁ ସର୍ବାଧିକ ମଜବୁତ୍ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଜରୁରୀ ବୋଲି ସେ କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ନିମ୍ନ ଅଦାଲତରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାତ୍ରା ସାଧାରଣ ନାଗରିକଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ ହେଉଛି । ଏଥିପାଇଁ ଆବଶ୍ୟକ ଆଇନଗତ ସହାୟତା ପ୍ରକ୍ରିୟାରେ ବୃଦ୍ଧି ହେବ ବୋଲି ରାଷ୍ଟ୍ରପତି ଆଶା ପୋଷଣ କରିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ନରେନ୍ଦ୍ର ମୋଦି ଏକ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ କ୍ଷମତାର ପୃଥକ ସ୍ଥିତି ବିଷୟରେ କହିଥିଲେ । ସେ କହିଥିଲେ, 'ସରକାର ଏବଂ ନ୍ୟାୟପାଳିକା ଯାଆଁଳା ଶିଶୁ, ଯେହେତୁ ସେମାନେ ସମାନ ସମ୍ବିଧାନରୁ ଜନ୍ମ ହୋଇଛନ୍ତି । ଆଗାମୀ ୨୫ ବର୍ଷରେ ରାଷ୍ଟ୍ର ସାଧୀନତାର ୧୦୦ବର୍ଷ ଆଡକୁ ଚାହିଁଲା ବେଳେ, ସରକାର ଓ ନ୍ୟାୟପାଳିକା ଏକ ସାଧାରଣ ଲକ୍ଷ୍ୟ ଏବଂ ସାଧାରଣ ମନରେ ଉଦ୍ୟମ କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।'

# ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅନ୍ତରାଷ୍ଟ୍ରୀୟ ର୍‍ୟାଙ୍ଗିଂରେ ଅଣାଯାଉ:ଧର୍ମେନ୍ଦ୍ର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଧାପକଙ୍କ ପାଠପଢା ଶୈଳୀ ଓ ଗବେଷଣା ଦେଶରେ ଆଦୃତ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନକୁ ଅନ୍ତରାଷ୍ଟ୍ରୀୟ ର୍‍ୟାଙ୍ଗିଂରେ ଆଣିବା ପାଇଁ ସାମୁହିକ ପ୍ରଚେଷ୍ଟା କରିବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାମୂଳକ ହେଲେ ହିଁ ଏହାର ଉନ୍ନତି ହୋଇପାରିବ ବୋଲି ଗତ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଆ ସମାଜ ଓ ସଂସ୍କୃତିର ଅନନ୍ୟ ପର୍ବ ପବିତ୍ର ପ୍ରଥମାଷ୍ଟମୀ ଅବସରରେ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ମୁଁ ଗର୍ବିତ । ଉତ୍କଳ ବିଶ୍ୱବିଦ୍ୟାଳୟ ସେହିଭଳି ମହାନୁଭବଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇପାରିଥିଲା । ଯେଉଁମାନେ ଓଡ଼ିଶାର ସତନ୍ତ୍ରତାର ସ୍ୱପ୍ନ ଦେଖିଥିଲେ । କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ପଣ୍ଡିତ ଗୋଦାବରିଶ ମିଶ୍ର, ପଣ୍ଡିତ ନିଳକଣ୍ଠ ଦାସ, ବିଶ୍ୱନାଥ ଦାସଙ୍କ ସାମୁହିକ ପ୍ରଚେଷ୍ଟାରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଅନେକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ-ଆକାଂକ୍ଷାକୁ ପୂରଣ କରିବାରେ ସଫଳ ହୋଇଛି । ସେହିଭଳି ମୋ ପରି ମଧ ଜଣେ ସାମାଜିକ କାର୍ଯ୍ୟକର୍ତ୍ତାର ପ୍ରାରମ୍ଭିକ ଜୀବନର ମୂଳଦୁଆକୁ ସୁଦୃଢ ଓ ଆତ୍ମବିଶ୍ୱାସୀ କରିବାରେ



ବିଶ୍ୱବିଦ୍ୟାଳୟର ଅବଦାନ ଅତୁଳନୀୟ ।

ସମାଜ ପରିବର୍ତ୍ତନର ମାଧମ ଓ ଲୋକଙ୍କ ସହ ନିଜକୁ ବାନ୍ଧି ରଖିବାର ଶିକ୍ଷାର ପ୍ରେରଣା ମୋତେ ଏହିଠାରୁ ହିଁ ମିଳିଛି । ରାଜ୍ୟରେ ସବୁ ବିଶ୍ୱବିଦ୍ୟାଳୟ ପାଇଁ ନାକ୍ ଏ+ ମାନ୍ୟତାପ୍ରାପ୍ତ ଏହି ଶିକ୍ଷାନୁଷ୍ଠାନ ମେଣ୍ଟର ହିସାବରେ କାର୍ଯ୍ୟ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶାର ପୁଞ୍ଜି ହେଉଛି ଏହାର ବୌଦ୍ଧିକ କ୍ଷମତା । ଅର୍ଥାତ୍ ପଢିବା, ପଢାଇବା ଏବଂ ବୁଝାଇବା ଓଡ଼ିଆଙ୍କ ଧମନୀରେ ରହିଛି । ସେଭଳି ଜଣେ ଅନନ୍ୟ ବ୍ୟକ୍ତିତ୍ୱ ହେଲେ ଡା. ରଜତ କୁମାର କର । ପଦ୍ମଶ୍ରୀ ଡାକ୍ତର କରଙ୍କ ଶିକ୍ଷାଦାନର ପଦ୍ଧତି ଚକ୍ ଏବଂ ଟକ୍ ଥିଓରି ଅନେକ ଛାତ୍ରଛାତ୍ରୀଙ୍କ ସହ ମଧ ପ୍ରଭାବିତ କରିଛି । ଡା. କରଙ୍କ କହିବା ଅନୁସାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବାର ଦୁଇଟି ମୂଳ କାମ ହେଲା ଚକ୍ ଏବଂ ଟକ୍ । ତେବେ ବର୍ତ୍ତମାନ ଶିକ୍ଷାର ବରିବର୍ଦ୍ଧିତ ଦୃଶ୍ୟପଟ ତଥା ଡିଜିଟାଲ୍ ୱାର୍ଲ୍ଡରେ ପିଲାମାନଙ୍କ ପାଇଁ ସେତବେଳର ଚକ୍ ଆଜି ଡିଜିଟାଲ୍ ପେନ୍‌ସିଲ୍ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୀତ ଦୂରଦୃଷ୍ଟି ସଂପନ୍ନ ଜାତୀୟ ଶିକ୍ଷାନୀତି-୨୦୨୦ ଆମକୁ ମଲ୍ଟି ଡିସିପ୍ଲିନାରୀ, ନିଯୁକ୍ତି, ଗବେଷଣା, ସ୍ଥାନୀୟ ଭାଷା ସହ ମାତୃଭାଷା ଓ ବିଶ୍ୱବିଦ୍ୟାଳୟକୁ ଆନ୍ତର୍ଜାତୀୟକରଣ କରିବାର ସୁଯୋଗ ଦେଇଛି । ଏଥିପାଇଁ ସତନ୍ତ୍ର ଫ୍ରେମ୍‌ୱାର୍କ ଆଣିବାର ଚିନ୍ତା କରିବା (ପୃଷ୍ଠା-୨)

## CMCରେ ଅଡିଟ୍ କରିବ CAG

### କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ନାକରେ ଲାଗିବ ଷଣ୍ଢୁଆସି

**କଟକ(ତପନ ମହାନ୍ତି):-** CMC (କଟକ ମହାନଗର ନିଗମ)ର ଗତ ୫ ବର୍ଷର କାମକୁ **CAG** ତଥା ଭାରତର ମହାଲୋକା ନିୟନ୍ତ୍ରକ**(Comptroller and Auditor General)** ଅଡିଟ୍ କରିବେ । ସିଏମ୍‌ସିର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ନାକରେ ଲାଗିବ ଷଣ୍ଢୁଆସି ବୋଲି ଇଆଡମୁଣ୍ଡରୁ ସମଗ୍ର କଟକ ସହରରେ ଚର୍ଚ୍ଚାର ବିଷୟ ହେଉଛି । ଡିସେମ୍ବର ପ୍ରଥମ ସପ୍ତାହରେ ସିଏଜି ପକ୍ଷରି ସିଏମ୍‌ସିରେ ଡିଷ୍ଟ୍ରିକ୍ ଅଡିଟ୍‌ର ପାଇଲଟ୍ ପ୍ରୋଜେକ୍ଟରେ (ପୃଷ୍ଠା-୨)

### ୫୫ ନମ୍ବର ୱାର୍ଡ଼ର ଟେଣ୍ଡର ଫାଇଲ୍ ଗାଏବ !

ସିଏମ୍‌ସିର ୫୫ ନମ୍ବର ୱାର୍ଡ଼ ଉଦିମୂଳ ଭୋଇ ସାହିରେ ଡ୍ରେନ୍ ମରାମତି କାର୍ଯ୍ୟ ହେବା ପାଇଁ ୨୦୨୦ ନଭେମ୍ବର ୨୪ରେ ଟେଣ୍ଡର ହୋଇ ରଶ୍ମି ମିଶ୍ରଙ୍କ ନାମରେ କାମ ଦିଆଯାଇଥିଲା । ମାତ୍ର ଦୀର୍ଘ ବର୍ଷେ ପରେ ମଧ କାର୍ଯ୍ୟାଦେଶ ମିଳୁନଥିବାରୁ କାମ ହୋଇପାରୁନି । ଆଗକୁ ପୌର ନିର୍ବାଚନ ହେବାକୁ ଥିବାରୁ ଆଚରଣ ବିଧି ଲାଗୁ ହେଲେ ଆଉ କାମ ହୋଇପାରିବ ନାହିଁ । ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଭୋଇସାହି ବାସିନ୍ଦା ଅନୁରୋଧ କରିଛନ୍ତି ।

ଏହି ଟେଣ୍ଡର ରେଫରେନ୍‌ସ ନହ. ଏମ୍‌ସି(ସିଏମ୍‌ସି) ଡିଭିଜନ୍-୧ ନଂ୧୭/୨୦୨୦-୨୧, ଟେଣ୍ଡର ଆଇଡ଼ି ୨୦୨୦ (ପୃଷ୍ଠା-୨)

## ସାଂସଦ ଅପରାଜିତା ଷଡଙ୍ଗୀଙ୍କ କଡା ଜବାବ ଦେଲା ବିଜେଡି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଜୟଦେବ ବିହାରରେ ମହିଳାମାନେ ଘେରାଉ କରିଥିଲେ । ତାଙ୍କ ଅଞ୍ଚଳରେ ବସ୍ତିର କିଛି ଉନ୍ନତି ହୋଇ ନାହିଁ ବୋଲି ଦାବି କରିଥିଲେ । ଦୀର୍ଘ ସମୟ ଧରି ସାଂସଦଙ୍କୁ ଘେରାଉ କରିବା ସହିତ ଠେଲାପେଲା କରିଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସାଂସଦ ଅପରାଜିତା ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ (ପୃଷ୍ଠା-୨)



## ସୁର ପିନ୍ଧିଲେ ମାସ୍କ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କରୋନାରେ ଆକ୍ରାନ୍ତ ହୋଇଥିବା ବିଧାୟକ ସୁର ରାଉତରାୟ ସୁସ୍ଥ ହୋଇଛନ୍ତି । ତାଙ୍କର କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିଥିବା ସୁର ନିଜେ ଗଣମାଧମ (ପୃଷ୍ଠା-୨)

# ଦୟନୀୟ ପାକିସ୍ତାନ, ଦେଶ ଚଳାଇବା ପାଇଁ ଅର୍ଥ ନାହିଁ:ଇମ୍ରାନ୍ ଖାନ୍



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନର ଅର୍ଥ ବ୍ୟବସ୍ଥା ଏବେ କାଙ୍ଗାଳ ଅବସ୍ଥାରେ ପହଞ୍ଚିଛି । ବର୍ତ୍ତମାନ ଦେଶର ସ୍ଥିତି ପୁରା ଦୟନୀୟ ଅବସ୍ଥାରେ ରହିଛି । ଏପରିକି ଦେଶ ଚଳାଇବା ପାଇଁ ପାଖରେ ପାଇସା ନାହିଁ, ଯେଉଁଥିପାଇଁ ବିଦେଶରୁ କରଜ ଆଣିବାକୁ ପଡୁଛି । ବିଦେଶୀ ଋଣ ଓ ଟ୍ୟାକ୍ସ ରେଭିନ୍ୟୁ କମିବା ଏବେ ରଷ୍ଟ୍ରୀୟ ପ୍ରସଙ୍ଗ ପାଲଟିଛି । ଆଉ ସରକାରଙ୍କ ପାଖରେ ଜନକଲ୍ୟାଣ ଉପରେ ଖର୍ଚ୍ଚ କରିବାକୁ ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ନାହିଁ । ଏକଥା ଖୋଦ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି । ପାକିସ୍ଥାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ଥାନର ଅର୍ଥନୀତି ସଂପୂର୍ଣ୍ଣ ରୂପେ ଦୟନୀୟ ସ୍ଥିତିରେ ରହିଛି । ଦେଶ ଦାରିଦ୍ର୍ୟର ଚରମସୀମାରେ ପହଂଚଛି ଏବଂ ଦେଶ ଚଳାଇବା ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ । ମଙ୍ଗଳବାର ଦିନ ଏକ କାର୍ଯ୍ୟକ୍ରମ ସମୟରେ ଇମ୍ରାନ ଖାନ ସର୍ବସାଧାରଣରେ କହିଛନ୍ତି ଯେ ସରାକରଙ୍କ ଟଙ୍କା ସରିଯାଇଛି ତେଣୁ ବର୍ତ୍ତମାନ ଅନ୍ୟ ଦେଶରୁ ଋଣ ନେବାକୁ ପଡୁଛି । ଫେଡେରାଲ୍ ବୋର୍ଡ ଅଫ୍ ରେଭିନ୍ୟୁର ପ୍ରଥମ ଟ୍ରେକ୍ ଆଣ୍ଡ ଟ୍ରେସ ସିଷ୍ଟମର ଉଦଘାଟନ ସମୟରେ ଉପସ୍ଥିତ ଥିଲେ ଇମ୍ରାନ୍ । ଇସଲାମବାଦରେ ସମ୍ବୋଧନ ଦେବା ଅବସରେ ସେ କହିଛନ୍ତି, ଦେଶ ଚଳାଇବା ପାଇଁ ପାଖରେ ପର୍ଯ୍ୟାନ୍ତ ପରିମାଣର ଅର୍ଥ ନାହିଁ । ଯାହା ଆମ ପାଇଁ ସବୁଠୁ ବଡ ସମସ୍ୟା ପାଲଟିଥିବା ବେଳେ ଆମକୁ ବିଦେଶରୁ ଋଣ ଆଣିବାକୁ ପଡୁଛି । ଟ୍ରେକ୍ ଆଣ୍ଡ ସିଷ୍ଟମ ଫଳରେ ବିଭିନ୍ନ ବ୍ୟବସ୍ଥାରେ ପାରଦର୍ଶିତା ଓ ରାଜସ୍ୱ ବୃଦ୍ଧିରେ ସହାୟକକ ହେବ ବୋଲି ଆଶା କରିଛି ପାକିସ୍ଥାନ । ଖାଲି ଏତିକି ନୁହେଁ ପାକସ୍ଥାନର ନେତା ମାନେ ବ୍ରଟେନ୍ ଠାରୁ କିଛି ଶିଖନ୍ତୁ ବୋଲି ଇମ୍ରାନ କହିଛନ୍ତି । ସେଠାକାର ନେତାମାନେ ଲୋକଙ୍କ ପାଇସାର ମୂଲ୍ୟ ବୁଝନ୍ତି । ବ୍ରଟେନର ମନ୍ତ୍ରୀ ମାନେ ବିଦେଶ ଗସ୍ତ କଲେ ଇକୋନୋମିକ କ୍ଲାସରେ ଯାଆନ୍ତି । ଆଉ ପ୍ରଧାନମନ୍ତ୍ରୀ ଯେତେବେଳେ ଆମେରିକା ଯାଆନ୍ତି ।ସେତେବେଳେ ସେଠାକାର ଦୂତାବାସରେ ରହିଥାନ୍ତି । ହେଲେ ପାକିସ୍ତାନରେ ଶାସକ ମାନେ ଲୋକଙ୍କୁ ଟ୍ୟାକ୍ସ କେବେ ପ୍ରୋତ୍ସାହିତ କରନ୍ତି ନାହିଁ । ଯାହା ଦୁର୍ଭାଗ୍ୟ ପୂର୍ଣ୍ଣ ବୋଲି ଇମ୍ରାନ କହିଛନ୍ତି । ଇମ୍ରାନ ଖାନ କହିଛନ୍ତ ଯେ ସରକାର ଉପରେ ବୈଦେଶିକ ଋଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଟିକସରୁ ରାଜସ୍ୱ ହ୍ରାସ ପାଉଛି । ଏହା ଜାତୀୟ ସୁରକ୍ଷା ପ୍ରସଙ୍ଗ ମଧ୍ୟ ହୋଇଯାଇଛି । କଲ୍ୟାଣମୂଳକ ଯୋଜନା ଚଳାଇବା ପାଇଁ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ନାହିଁ ।

ପାକିସ୍ତାନର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅତ୍ୟନ୍ତ ଦୁର୍ଭାଗପୂର୍ଣ୍ଣ ଯେ ଆମ ଦେଶର ଲୋକମାନେ ଟିକସ ଦେବାକୁ ପଛଘୁଂଚ ଦେଉଛନ୍ତି । ସେମାନେ ଅନୁଭବ କରୁଛନ୍ତି ଯେ ସେମାନଙ୍କ ପାଇଁ ଖର୍ଚ୍ଚ ହେଉନାହିଁ । ଇମ୍ରାନ ପୂର୍ବ ସରକାରଙ୍କ ଉପରେ ପାକିସ୍ତାନର ସାମ୍ପ୍ରତିକ ପରିସ୍ଥିତିକୁ ଦାୟୀ କରି କହିଛନ୍ତି ଯେ ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ ଦୁଇ ସରକାର ସ୍ଥାନୀୟ ବିକାଶ କରିନାହାନ୍ତି ଏବଂ ଋଣ ନେଇଛନ୍ତି ।

# ଚୀନ୍‌ରେ ସରକାରୀ ରେକର୍ଡରେ କୋଟିଏ ୨୦ ଲକ୍ଷ ଶିଶୁ ନାହାନ୍ତି



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୨୦୦୦ ରୁ ୨୦୧୦ ମଧ୍ୟରେ ଚୀନ୍‌ରେ ଜନ୍ମିତ ଶିଶୁଙ୍କ ସଂଖ୍ୟା ଠିକ୍ ଭାବେ ଗଣନା ହୋଇନି । ଏହି ସମୟ ମଧ୍ୟରେ ଚୀନ୍‌ରେ ଜନ୍ମିତ ୧୨ନିୟୁତ ଶିଶୁ ସରକାରୀ ନାହାନ୍ତି । ଉକ୍ତ ସଂଖ୍ୟା ବେଲଜିୟମର ଜନସଂଖ୍ୟା ସହ ସମାନ । ଚୀନ୍‌ର ଗୋଟିଏ ସନ୍ତାନ ନୀତି ପାଇଁ ଏହା ହୋଇଛି ବୋଲି କୁହାଯାଉଛି । ୨୦୧୦ଜନଗଣନା ସମୟରେ ଏହା ଜଣାଯାଇଥିଲା ଯେ, ଚୀନ୍‌ରେ ୨୦୦୦ ରୁ ୨୦୧୦ମଧ୍ୟରେ ୧୬୦.୯ ନିୟୁତ ଶିଶୁ ଜନ୍ମ ହୋଇଛନ୍ତି । କିନ୍ତୁ ଚୀନ୍ ସରକାରଙ୍କ ଦ୍ୱାରା ନିକଟରେ ଜାରି ହୋଇଥିବା ଏକ ବାର୍ଷିକ ପୁସ୍ତକ ପରିସଂଖ୍ୟାନ ପୁସ୍ତକରେ ଏହା କୁହାଯାଇଛି ଯେ, ଏହି ସମୟରେ ୧୭୨.୫ ନିୟୁତ ଶିଶୁ ଜନ୍ମ ହୋଇଛନ୍ତି । ଗୋଟିଏ ସନ୍ତାନ ନୀତି ପାଇଁ କିଛି ବାପା ମା ଦଣ୍ଡ ପାଇବା ଭୟରେ ସେମାନଙ୍କ ଶିଶୁଙ୍କର ଜନ୍ମ ସମୟରେ ପଞ୍ଜୀ କରଣ କରାଇନାହାନ୍ତି । ତେଣୁ ସଂଖ୍ୟାରେ ଏତେ ବିଭେଦ ରହିଛି ବୋଲି କୁହାଯାଉଛି । କିନ୍ତୁ ୨୦୧୬ରେ ଚୀନ୍ ଦ୍ୱିତୀୟ ସନ୍ତାନ ପାଇଁ ଅନୁମତି ଦେଲା । ପରେ ପଂଜିକୃତ ହୋଇଥିବା ସମସ୍ତ ଶିଶୁଙ୍କ ମଧ୍ୟରୁ ୫୭ପ୍ରତିଶତ ଝିଅ । ଏହାର ଅର୍ଥ ହେଉଛି କିଛି ଅଭିଭାବକ ପୁଅ ଆଶାରେ ଝିଅ ଜନ୍ମ ହେବାପରେ ପଂଜୀକରଣ କରାଇନାହାନ୍ତି । ୨୦୧୦ ଜନଗଣନା ନଭେମ୍ବର ୧,୨୦୧୦ରେ ହୋଇଥିଲା ।

# ଦେଶରେ ପୁରୁଷଙ୍କ ତୁଳନାର ମହିଳାଙ୍କ ସଂଖ୍ୟା ଅଧିକ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନ୍ୟାସନାଲ ଫ୍ୟାମିଲି ଆଣ୍ଡ ହେଲଥ ସର୍ଭେ (NFHS) ଅନୁଯାୟୀ ଦେଶରେ ମହିଳାଙ୍କ ସଂଖ୍ୟା ବର୍ତ୍ତମାନ ପୁରୁଷଙ୍କ ତୁଳାନରେ ଅଧିକ ହୋଇଯାଇଛି । ଏପରି ପ୍ରଥମ ଥର ପାଇଁ ହୋଇଛି । ସଦ୍ୟତମ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ଭାରତରେ ବର୍ତ୍ତମାନ ପ୍ରତି ୧୦୦୦ ପୁରୁଷରେ ୧୦୨୦ମହିଳା ଅଛନ୍ତି । ସର୍ଭେରେ ଏହା ମଧ୍ୟ କୁହାଯାଇଛି ଯେ ପ୍ରଜନନ ହାରରେ ହ୍ରାରରେ ହ୍ରାସ ଘଟିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର ଏହି ସଂଖ୍ୟା ପ୍ରକାଶ କରିଛି । ଏହି ଆକଳନରୁ ଏହା ସ୍ପଷ୍ଟ ହୋଇଛି ଯେ ବର୍ତ୍ତମାନ ଭାରତରେ ମହିଳାଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଯେତେବେଳେ କି ଏହା ପୂର୍ବର ପରିସ୍ଥିତି କିଛି ଅଲଗା ଥିଲା । ୧୯୯୦ଦେଶରେ ପ୍ରତି୧୦୦୦ପୁରୁଷଙ୍କ ପାଇଁ କେବଳ ୯୨୭ଜଣ ମହିଳା ଥିଲେ । ୨୦୦୫-୦୬ ମସିହାରେ ହୋଇଥିବା ତୃତୀୟଘରୋଇ ସର୍ଭେରେ,ଏହା ୧୦୦୦-୧୦୦୦ସହିତ ସମାନ ହେଲା । ଏହାପରେ,୨୦୧୫-୧୬ରେ ଚତୁର୍ଥ ସର୍ଭେରେ,ଏହି ସଂଖ୍ୟା ପୁଣି ହ୍ରାସ ପାଇଥିଲା । ୧୦୦୦ପୁରୁଷରେ ୯୯୧ମହିଳା ହୋଇଥିଲେ । କିନ୍ତୁ ବର୍ତ୍ତମାନ ପ୍ରଥମ ଥର ପାଇଁ ମହିଳାଙ୍କ ଅନୁପାତ ପୁରୁଷଙ୍କ ତୁଳନାରେ ଅଧିକ ହୋଇଛି ।

# କଂଗ୍ରେସ ଓ ବିଏସ୍‌ପିର ବିଧାୟିକା ବିଜେପିରେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବଲାଙ୍ଗୀର ତହସିଲର ଜଣେ ପ୍ରତିଭାବାନ ଛାତ୍ର ତାରାଚାନ୍ ରଣାଙ୍କ ଇଞ୍ଜିନିୟରିଂ ପଢିବା ସ୍ୱପ୍ନକୁ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ । ଅର୍ଥ ଅଭାବରୁ ତାଙ୍କର ଆଡମିଶନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିବା ସଂପର୍କରେ ଜାଣି ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ୯୬,୫୦୦ ଟଙ୍କା ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ବଲାଙ୍ଗୀର ଜିଲ୍ଲାର ସିନ୍ଧେକେଲା ଅଂଚଳର ବଡପଡା ଗାଁର ଜଣେ ପ୍ରତିଭାବାନ ଛାତ୍ର ହେଉଛନ୍ତି ତାରାଚାନ୍ ରଣା ବାପା ଉପସୁ ରଣାଙ୍କ ବାର୍ଷିକ ରୋଜଗାର ମାତ୍ର ୪୫ ହଜାର ଟଙ୍କା ତଥାପି ନିଜର ସ୍ୱପ୍ନ ପୂରଣକରିବା ପାଇଁ ତାରାଚାନ୍ ଅବିରତ ଉଦ୍ୟମ କରି ଚାଲିଥିଲେ ଏବଂ ଚଳିତ ବର୍ଷ ଇଞ୍ଜିନିୟରିଂ ପାଇଁ ପ୍ରବେଶିକା ପରୀକ୍ଷା JEE MAINରେ ୯୯.୩୫ ପ୍ରତିଶତ ମାର୍କ ରଖି NITWARANGALରେ ପଢିବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି । କିନ୍ତୁ ଏଥିରେ ଅର୍ଥ ହୋଇଥିଲା ତାଙ୍କ ପାଇଁ ମୁଖ୍ୟ ବାଧକ । ତାଙ୍କର ଆଡିମିଶନ ପାଇଁ ଆବଶ୍ୟକ ଅର୍ଥ ନଥିଲା କଷ୍ଟେମଷ୍ଟେ ସେ ଅଳ୍ପ କିଛି ଟଙ୍କା ସଂଗ୍ରହ କରି ଆଡମିଶନ ପାଇଁ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି । ତାଙ୍କର ବାକି ଅର୍ଥ ପ୍ରଦାନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ଆଡମିଶନ ପ୍ରକ୍ରିୟା ପୂରଣ କରିବା ପାଇଁ ୯୬,୫୦୦ଟଙ୍କା ମଞ୍ଜୁର କରିଥିଲେ । ଏହାଦ୍ୱାରା ତାଙ୍କର ଆଡମିଶନ ପ୍ରତିକ୍ରୟା ସଂପୂର୍ଣ୍ଣ ହୋଇପାରିବ । ଟଙ୍କା ମଞ୍ଜୁର କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ପ୍ରତିଭାବାନ ଛାତ୍ରଙ୍କୁ ଏହି ସଫଳତା ପାଇଁ ଅଭନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ସରକାର ବଢାଇବାକୁ ଯାଉଛନ୍ତି ଜିଏସ୍‌ଟି




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବର୍ତ୍ତମାନ ସମୟରେ ଦେଶରେ ପେଟ୍ରୋଲ,ଡିଜେଲ, ଖାଇବାତେଲ,ରନ୍ଧନ ଗ୍ୟାସର ଦରବୃଦ୍ଧି ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରିପକାଇଛି । ତେବେ ନିକଟରେ ତୈଳ ଦର ସାମାନ୍ୟ ହ୍ରାସ ପାଇଥିବା ବେଳେ ଏବେ ଗୁଡସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ (ଜିଏସଟି)ମୂଲ୍ୟ ବୃଦ୍ଧି ନେଇ ସରକାର ପ୍ରସ୍ତୁତି ଚଳାଇଛନ୍ତି । ଜିଏସଟି ଫିଟମେଣ୍ଟ କମିଟି ପକ୍ଷରୁ ଜିଏସଟି ବୃଦ୍ଧି ନେଇ ପ୍ରସ୍ତାବ ରଖାଯାଇଥିବା ଜଣାପଡିଛି । ତେବେ ଯେଉଁ ସାମଗ୍ରୀରେ ୫ପ୍ରତିଶତ ଜିଏସଟି ଲାଗିଥିଲା ତାହା ବୃଦ୍ଧି ପାଇ ୭ପ୍ରତିଶତ ଓ ଯେଉଁଥିରେ ୧୮ ପ୍ରତିଶତ ଲାଗିଥିବା ତାହା ବୃଦ୍ଧିପାଇ ୨୦ପ୍ରତିଶତ ହୋଇଯିବ ବୋଲି ଆଲୋଚନା ହେଉଛି । ସାଧାରଣତଃ ଅତ୍ୟାବଶ୍ୟକ ସାମାଗ୍ରୀ ଉପରେ ୫ପ୍ରତିଶତ ଜିଏସଟି ଲାଗିଥାଏ । ସେହିପରି ଅଧିକାଂଶ ଦ୍ରବ୍ୟ ଓ ସେବାଗୁଡିକ ୧୮ପ୍ରତିଶତ ଜିଏସଟି ଅଧୀନରେ ଆସିଥାଏ । ଜିଏସଟି ଦର ବଢିଲେ ସରକାରଙ୍କୁ ୩ ଲକ୍ଷ କୋଟି ଟ୍ୟାକ୍ସ ମିଳିବ, ଯାହାକି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅଧା ଅଧା କରାଯିବ । ଏହି ଦରକୁ ନେଇ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲରୁ ହ୍ରାସ କରିଥିବାରୁ ଏହା ମହଙ୍ଗା ହୋଇପାରେ । ବର୍ତ୍ତମାନ ରେଡିମେଡ କପଡା ଓ ଜୋତା ଉପରେ ୫ପ୍ରତିଶତରୁ ୧୨ପ୍ରତିଶତକୁ ଜିଏସଟି ବୃଦ୍ଧି କରାଯାଇଛି । ଯାହାକି ୨୦୨୨ଜାନୁଆରେ ଲାଗୁହେବା ପରେ ଏହି ସାମଗ୍ରୀଗୁଡିକ ସହ କଂଚାମାଲ ମହଙ୍ଗା ହେବ । ପେଟ୍ରୋଲ, ଡିଜେଲ ମୂଲ୍ୟ ବୃଦ୍ଧି ହେବାର ପ୍ରଭାବ ପରିବହନ, ପନିପରିବା ଛଡା ଅନ୍ୟ କ୍ଷେତ୍ରରେ ପଡିବ ।

# କଂଗ୍ରେସ ଉପରେ ମମତାଙ୍କ ପଲିଟିକାଲ୍ ଷ୍ଟ୍ରାଇକ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମେଘାଳୟରେ କଂଗ୍ରେସକୁ ଶକ୍ତ ଝଟକା ଲାଗିଛି। କଂଗ୍ରେସର ୧୮ରୁ୧୨ ଜଣ ବିଧାୟକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ଏହା କଂଗ୍ରେସ ପାଇଁ ବଡ ଝଟ୍‌କା ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସଙ୍ଗମା ମଧ୍ୟ ଏହି ତାଲିକାରେ ଅଛନ୍ତି । ତାଙ୍କୁ ରାଜ୍ୟରେ ଜଣାଶୁଣା ନେତା ଭାବରେ ଗଣତି କରାଯାଇଥାଏ । ମୁକୁଲ ସଙ୍ଗମା ଗତ ସେପ୍ଟେମ୍ବର ମାସରେ ତୃଣମୂଳ କଂଗ୍ରେସର ସାଧାରଣ ସଂପାଦକ ଅଭିଷେକ ବାନାର୍ଜୀଙ୍କୁ ଭେଟିଥିଲେ । କିନ୍ତୁ ଏସଂପର୍କରେ ଉଭୟ କୌଣସି ସୁନିଶ୍ଚିତ ବୟାନ ଦେଇ ନଥିଲେ । କିନ୍ତୁ ମୁକୁଲ ସଙ୍ଗମା ବିଧାନସଭାରେ ବିରୋଧି ନେତା ଭିସେଣ୍ଟ ପାଲାଙ୍କ ଦ୍ୱାରା ଅସନ୍ତୁଷ୍ଟ ଥିଲେ ।

# ଜିଦିରେ ଅଟଳ ଚାଷୀ, ଆନ୍ଦୋଳନ ଜାରି



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚାଷୀ ଆନ୍ଦୋଳନକୁ ପୁରିଛି ବର୍ଷେ । ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ କ୍ୟାବିନେଟରେ ମଂଜୁରୀ ମିଳିସାରିଥିଲେ ବି ଚାଷୀ ଆନ୍ଦୋଳନରେ ନିହତ କୃଷକଙ୍କ ପରିବାରକୁ କ୍ଷତିପୂରଣ ନମିଳିବା ପର୍ଯ୍ୟନ୍ତ ପଛକୁ ହଟିବୁ ନାହିଁ । ୭୫୦ କୃଷକଙ୍କ ମୃତ୍ୟୁର ଦାୟିତ୍ୱ, ଏମଏସପିକୁ ନେଇ ଗ୍ୟାରେଣ୍ଟି ଆଇନ, ଅଜୟ ଟେନି ଏବଂ ଚାଷୀଙ୍କ ବିରୋଧରେ ହୋଇଥିବା ମାମଲା ଉପରେ ପଚରାଯାଇ ଥିବା ଉତ୍ତର ସରକାର ଦେବା ଉଚିତ । ଏହା ଆମର ଦାବି ଯେ ଏମଏସପି ଉପରେ ଏକ ଗ୍ୟାରେଣ୍ଟି ଆଇନ ପ୍ରସ୍ତୁତ କରାଯିବା ଉଚିତ୍ । ଆମେ ଟ୍ରାକ୍ଟର ରାଲି ବାହାର କରିବୁ ନଭେମ୍ବର ୨୯ରେ ୩୦ଟି ଟ୍ରାକ୍ଟର ରାଲିରେ ସାମିଲ ହେବ ।

# ଡିସେମ୍ବରରେ ୧୬ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଉ କିଛି ଦିନ ପରେ ଚଳିତ ବର୍ଷର ଶେଷ ମାସ ଅର୍ଥାତ୍ ଡିସେମ୍ବର ଆରମ୍ଭ ହେବ । ଯଦି ଆପଣ ଡିସେମ୍ବର ମାସରେ ବ୍ୟାଙ୍କ ସମ୍ବନ୍ଧୀୟ କୌଣସି କାମ କରିବାକୁ ଯାଉଛନ୍ତି, ତେବେ ପ୍ରଥମେ ଆରବିଆଇ ଦ୍ୱାରା ଦିଆଯାଇଥିବା ଛୁଟିଦିନର ତାଲିକା ଉପରେ ନିଜର ପକାନ୍ତୁ । ଡିସେମ୍ବର ୨୦୨୧ରେ ବ୍ୟାଙ୍କଗୁଡିକ ୧୬ ଦିନ ପାଇଁ ବନ୍ଦ ରହିବ । ତେବେ ଆସନ୍ତା ମାସରେ ବ୍ୟାଙ୍କ ଗୁଡିକୁ ମୋଟ ୧୬ ଦିନ ପାଇଁ ବନ୍ଦ ରହିବ, ଯେଉଁଥିରେ ୪ଟି ଛୁଟି ରବିବାରର ଅଛି । ଏଥିରେ ଅନେକ ଛୁଟି ଲାଗତାର ଭାବେ ପଡୁଛି ।

ଏହି ମାସରେ ଖ୍ରୀଷ୍ଟମାସ ପର୍ବ ଆସିଥାଏ, ଯାହାର ଛୁଟି ଦେଶର ପଥାୟ ସମସ୍ତ ବ୍ୟାଙ୍କରେ ପାଳନ କରାଯାଏ । କିନ୍ତୁ ଅନେକ ସ୍ଥାନରେ ବ୍ୟାଙ୍କଗୁଡିକ ୧୬ ଦିନ ବନ୍ଦ ରହିବ ନାହାଁ କିଛି ଛୁଟି ସ୍ଥାନୀୟ ହେବା କାରଣରୁ ବ୍ୟାଙ୍କଗୁଡିକ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଦ ରହିବ । ତେବେ ଆସନ୍ତୁ ଜାଣିବା ଆରବିଆଇ ଦ୍ୱାରା ଜାରି ହୋଇଥିବା ବ୍ୟାଙ୍କର ଛୁଟି ଲିଷ୍ଟ ଡିସେମ୍ବର ୨୦୨୧ରେ ବ୍ୟାଙ୍କ ଛୁଟି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଅପରାଜିତା...

ରାଜନୀତି ସରଗରମ ହୋଇଉଠିଛି । ଉଭୟ ପକ୍ଷ ମଧ୍ୟରେ ରାଜନୈତିକ ଛକାପଞ୍ଝା ଜୋର୍‌ଦାର ହୋଇଛି । ଫଳରେ ପୁଣି ଉଭୟ ପକ୍ଷ ମୁହାଁମୁହିଁ ହେବାର ଆଶଙ୍କା ଦେଖାଦେଇଛି । ଏହି ଘଟଣା ସଂପର୍କରେ ଶ୍ରୀମତୀ ଷଡଙ୍ଗୀ ତାଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ । ଏଥିରେ ସେ କହିଥିଲେ ଯେ, ଗତ କାଲି ବିଜେଡି କର୍ମୀ ଅଣ୍ଡା ଓ ଢେଲା ମାଡ କରିଥିଲେ । ସେଠାରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ଓ ମହିଳାମାନେ ଭୟଭିତ ଥିଲେ । ଦୁଇଦିନ ହେଲା ଜଣେ ବରିଷ୍ଠ ବିଜେଡି ନେତା ଆୟୋଜକଙ୍କୁ ୪ ଥର ଫୋନ୍ କରି ଅପରାଜିତାଙ୍କୁ ନ ଡାକିବା ପାଇଁ କହିଥିଲେ । କିନ୍ତୁ ସେଥିରେ ସଫଳ ନ ହେବାରୁ ବିଶୃଙ୍ଖଳା ସୃଷ୍ଟି କଲେ । ଏହା ଏକ ଯୋଜନାବଦ୍ଧ ଆକ୍ରମଣ ଥିଲା ।

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ମହିଳା ଅପରାଧରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଅଛି । ସାଂସଦଙ୍କୁ ବାରମ୍ବାର ଆକ୍ରମଣ କରାଯାଉଛି । ବିଜେଡି ପକ୍ଷରୁ ମହିଳାମାନଙ୍କୁ ଯେଉଁ ଅତ୍ୟାଚାର ଓ ଦମନର ପ୍ରକ୍ରିୟା ଚାଲିଛି ସେଥିରୁ ଜଣାପଡୁଛି ଯେ ସେମାନେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ମହିଳା ଅପରାଧରେ ପ୍ରଥମ କରିବାକୁ ଚାହୁଁଛନ୍ତି । ଗତ କାଲି ଘଟଣାରେ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଏଫ୍‌ଆଇଆର ଦିଆଯାଇଛି । ଘଟଣାର ଭିଡିଓ ରେକର୍ଡିଂ ଅଛି । ୨୪ ଘଣ୍ଟାରେ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ।

ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ସାଂସଦ କହିଛନ୍ତି ଯେ, ୨୨ ବର୍ଷର ସରକାରରେ ରହିଲେ ଅହଂକାର ଆସିଯାଏ । ବିଜେଡି କର୍ମୀମାନେ ନଇଁକି ଚାଲିବା କଥା ଭୁଲିଯାଉଛନ୍ତି । ଜଗନ୍ନାଥ ମହାପ୍ରଭୁଙ୍କ ରାଜ୍ୟରେ ଏପରି ଗୁଣ୍ଡାଗର୍ଦ୍ଦି ଓ ଅରାଜକତା କାହାକୁ ଦରକାର ନାହିଁ । ରାଜ୍ୟ ସରକାରଙ୍କ ଦାୟିତ୍ୱ ସାଂସଦଙ୍କୁ ସୁରକ୍ଷା ଦେବା । ଗୋଟିଏ କଥା ସନ୍ଦେହ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଅରାଜକତା ସଂପର୍କରେ ଅବଗତ ଅଛନ୍ତି ତ ? ବୋଧେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସବୁକଥା ପହଞ୍ଚୁନାହିଁ । ୨୯ ନଭେମ୍ବରରେ ଆରମ୍ଭ ହେଉଥିବା ସଂସଦ ଅଧିବେଶନରେ ଓଡ଼ିଶାରେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇବେ ବୋଲି ସେ କହିଛନ୍ତି ।

ଗତ କାଲିର ଗଣ୍ଡଗୋଳ ପାଇଁ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ସିଧାସଳଖ ଅପରାଜିତାଙ୍କୁ ଦାୟୀ କରିଛନ୍ତି । ସେ ଆରୋପ ଲଗାଇଛନ୍ତି ଯେ, ସାଂସଦଙ୍କ ଇଙ୍ଗିତରେ ବସ୍ତି ମହିଳାଙ୍କୁ ଆକ୍ରମଣ ଓ ଅସଦାଚରଣ କରାଯାଇଛି । ଆଚାର୍ଯ୍ୟ ବିହାର ନିକଟରେ ସାଂସଦଙ୍କୁ ନିଜ ଅଞ୍ଚଳର ସମସ୍ୟା ଓ ବିକାଶ କାର୍ଯ୍ୟ ସଂପର୍କରେ ପ୍ରଶ୍ନ ପଚାରିବାକୁ ଯାଇଥିବା ସ୍ଥାନୀୟ ବସ୍ତିର ମହିଳାମାନଙ୍କୁ ସାଂସଦ ତାଙ୍କ ନିଜସ୍ୱ ଗୁଣ୍ଡାବାହିନୀ ଲଗାଇ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ କଲେ । ନିଜ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ସହ ମିଶିବା ପାଇଁ ଏବଂ ଲୋକଙ୍କୁ ସାମ୍ନାକୁ କରିବାକୁ ସେ ଏତେ ଡରୁଛନ୍ତି କାହିଁକି ? ସବୁବେଳେ ଅପରାଜିତାଙ୍କ ପାଖାପାଖି ରହୁଥିବା ଜିମ୍ ବାପି କିଏ ? ୧୫ରୁ ଅଧିକ ସଙ୍ଗୀନ୍ ଅପରାଧିକ ମାମଲାରେ ଥିବା ଜିମ୍ ବାପି ବିଜେପିର ପ୍ରାଥମିକ ସଦସ୍ୟ ନା ଗୁଣ୍ଡାବାହିନୀର ସର୍ଦ୍ଦାର ? ଜଣେ ନିର୍ବାଚିତ ସାଂସଦ ଯଦି ଜନତାଙ୍କ ବିରୁଦ୍ଧରେ ସମ୍ମୁଖୀନ ହେଉଛନ୍ତି ତେବେ ପୋଲିସ୍‌ର ସୁରକ୍ଷା ନ ନେଇ ଏକ ନିଜସ୍ୱ ସୁରକ୍ଷାବାହିନୀ ଧରି ବୁଲୁଛନ୍ତି କାହିଁକି ? ମୋ ଜାଣିବାରେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ନେତା ଏପରି ନିଜସ୍ୱ ଗୁଣ୍ଡାବାହିନୀ ସୃଷ୍ଟି କରି ଲୋକଙ୍କୁ ଭୟଭୀତ କରୁନାହାଁନ୍ତି । ଅପରାଜିତା ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାକୁ ବିହାର ଭଳି କରିବାକୁ ଚେଷ୍ଟା କରୁଛନ୍ତି । ଏପରି ଅପଚେଷ୍ଟା କରୁଥିବା ଅପରାଜିତାଙ୍କୁ ଆଗାମୀ ଦିନରେ ଜନତା ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି । ଅପରପକ୍ଷରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀ ଡାକି ହଠାତ୍ ନିନ୍ଦା କରିଥିଲେ । ସେ କହିଥିଲେ ଯେ, ଅପରାଜିତା ଷଡଙ୍ଗୀଙ୍କୁ ପ୍ରତିହିଂସା ପରାୟଣ ହୋଇ ସାଂସଦ ବିଜେଡି ଦ୍ୱାରା ସଂଘବଦ୍ଧ ଭାବେ ଅତର୍କିତ ଆକ୍ରମଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ । ବିଜେଡି ଶାସନରେ ମହିଳାମାନେ ଯେ ବିପଦରେ ତାହା ପୁଣି ଥରେ ପ୍ରମାଣିତ ହେଲା । ବିରୋଧୀଙ୍କ ପ୍ରତିବାଦକୁ ସାମ୍ନା ନ କରି ଶାସକ ବିଜେଡି ଅସହିଷ୍ଣୁ ହୋଇପଡି ହିଂସା ପରାୟଣ ହୋଇପଡିବା ଲଜ୍ଜାଜନକ ।

ବିଜୁ ଜନତା ଦଳ ପକ୍ଷରୁ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖାଯିବା ସହ ବିଜେପି ରାଜ୍ୟ ସଭାପତିଙ୍କ ଆଭିମୁଖ୍ୟକୁ ନିନ୍ଦା କରାଯାଇଛି । ଦଳ ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି ଯେ, ଗୁରୁବାର ଦିନ ସନ୍ଧ୍ୟାରେ ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ପ୍ରଶ୍ନ କରିବାକୁ ଯାଇଥିବା ସ୍ଥାନୀୟ ବସ୍ତିର ମହିଳାମାନଙ୍କୁ ଯେଉଁଭଳି ଭାବେ ସାଂସଦଙ୍କ ଘରୋଇ ସୁରକ୍ଷାବାହିନୀ ଆକ୍ରମଣ ଓ ଅସଦାଚରଣ କଲେ ତାହାକୁ ଯେତେ ନିନ୍ଦା କଲେ ବି ଏଭଳି କାର୍ଯ୍ୟକୁ କେଉଁ ସ୍ୱାର୍ଥରେ ବିଜେପି ସଭାପତି ସମର୍ଥନ କରୁଛନ୍ତି ?

## ମମିତା...

କହିଥିଲେ । ରାୟଗଡାରେ ମନ୍ତ୍ରୀଙ୍କ ଘରେ ଏ ନେଇ ଡିଲ୍ ହୋଇଥିବା ଅଭିଯୋଗ କରିଥିଲେ । ହେଲେ ଏହା ପରେ ହଠାତ୍ ନିଜ ମତ ପରିବର୍ତ୍ତନ କରିଦେଇଥିଲେ ସୁଚନ୍ଦ୍ର । ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ ପୂର୍ବରୁ ଆଉ ଏ ଖବରକୁ ନେଇ ପ୍ରସାରଣ କରନ୍ତୁ ନାହିଁ । ଏହା ଦ୍ୱାରା ଘରର ମାନସମ୍ମାନ ହାନୀ ହେଉଛି । ସରକାରଙ୍କ ତଦନ୍ତରେ ସେ ସନ୍ତୁଷ୍ଟ ଅଛନ୍ତି ବୋଲି ସେ କହିଥିଲେ । ସୂଚନ୍ଦ୍ର ବାରମ୍ବାର ବୟାନ ବଦଳାଉଥିବା ବେଳେ ତାଙ୍କର ୧୬୪ ବୟାନ ରେକର୍ଡ କରାଯାଇଛି । ଏଯାବତ୍ ଏ ମାମଲାରେ ସମୁଦାୟ ୧୨ଜଣଙ୍କ ନାଁ ରେକର୍ଡ ସରିଛି ।

## ଓଡ଼ିଶାକୁ...

କହିଛନ୍ତି ଯେ, କିଛି ବସ୍ତି ବାସୀନ୍ଦା ଖାସ୍‌କରି ମହିଳାମାନେ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଦେଖିବା ପାଇଁ ସେହି ସମୟରେ କିଛି ଗୁଣ୍ଡା ଶ୍ରେଣୀର ଲୋକମାନେ ତାଙ୍କୁ ଆକ୍ରମଣ କରିଥିଲେ । ମାତ୍ର ସେଇ ବାଟ ଦେଇ ଯାଉଥିବା ଅପରାଜିତା ମ୍ୟାଡାମ୍ ଓହ୍ଲାଇ ତାଙ୍କୁ ସାନ୍ତ୍ୱନା ଦେଲେନାହିଁ । ଆଉ ଯେତେବେଳେ ଲୋକମାନେ ଅପରାଜିତା ମ୍ୟାଡାମ୍‌ଙ୍କୁ ତାଙ୍କ ଦୁଃଖ ବିଷୟରେ ଜଣାଇବାକୁ ଗଲେ ସେହି ସମୟରେ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରାଯାଇଛି । ସାଧାରଣ ଲୋକଙ୍କୁ ଏତେ ଭୟ କାହିଁକି କରୁଛନ୍ତି ସାଂସଦ ବୋଲି ପ୍ରଶ୍ନ କରିଛନ୍ତି ଅନନ୍ତ ନାରାୟଣ ଜେନା ।

ବିଧାୟକ ଶ୍ରୀ ଜେନା ଆହୁରି କହିଛନ୍ତି ଯେ, ରାଜ୍ୟରେ କୌଣସି ଜନପ୍ରତିନିଧି ନିଜ ସାଙ୍ଗରେ ଗୁଣ୍ଡାବାହିନୀ ରଖିନାହାଁନ୍ତି । କିନ୍ତୁ ଅପରାଜିତା ସାଙ୍ଗରେ ଗୁଣ୍ଡାବାହିନୀ ଧରି ବୁଲୁଛନ୍ତି । ବିଜେପିର ଅନେକ ବଡ ବଡ ନେତା ରହିଛନ୍ତି, କେହିବି ଏପରି ନିଜ ସାଙ୍ଗରେ ଗୁଣ୍ଡା ବାହିନୀ ଧରି ବୁଲୁନାହାଁନ୍ତି । ଓଡ଼ିଶାକୁ ବିହାର ଭଳି ଅଶାନ୍ତ କରିବାକୁ ଚେଷ୍ଟା ନ କରନ୍ତୁ ଅପରାଜିତା ବୋଲି ହାତଯୋଡି ବିଧାୟକ ଶ୍ରୀ ଜେନା ନିବେଦନ କରିଛନ୍ତି । ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ, ଏଠି ଅଶାନ୍ତି ଓ ବିଶୃଙ୍ଖଳା କରିବାକୁ ସାଂସଦ ଚେଷ୍ଟା କରନ୍ତୁ ନାହିଁ ବୋଲି ବିଜେଡି ବିଧାୟକ ଶ୍ରୀ ଜେନା କହିଛନ୍ତି ।

## ଉତ୍କଳ...

ଆବଶ୍ୟକ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୌରବମୟ ଇତିହାସ, ଶ୍ରୀ ମନ୍ଦିର ଓ ଏହାର ରୋଷେଇଶାଳାର ବୈଜ୍ଞାନିକ ପୃଷ୍ଠଭୂମି, ଭକ୍ତ ସାଲବେଗଙ୍କ ଜୀବନୀ, ନାରୀ ସଶକ୍ତିକରଣର କଥା କହୁଥିବା ଶ୍ରୀୟା ଚଣ୍ଡାଲୁଣୀଙ୍କ ମହତ୍ତ୍ୱ ମଧ୍ୟ ଆଧ୍ୟାତ୍ମିକ ସଂସ୍କୃତି ଓ ପରମ୍ପରା ଉପରେ ଶିକ୍ଷାଦାନ କରିବା ଉପରେ ବିଶ୍ୱବିଦ୍ୟାଳୟ ବିଚାରବିମର୍ଷ କରିବା ଦରକାର । ମହାମାରୀ ଦ୍ୱାରା ଅନେକ ରାଷ୍ଟ୍ର ପ୍ରଭାବିତ ହୋଇଥିବା ବେଳେ ଏବେ ବି ଅନେକ ଚ୍ୟାଲେଞ୍ଜ ରହିଛି । ଏପରି ସ୍ଥିତିରେ ଆଗାମୀ ଦିନର ଚାଲିଚଳଣି, ସାମାଜିକ ଜୀବନ, ପାଠ ପଢା କିପରି ହେବ ତାହାର ନିଷ୍ପତ୍ତି ବିଶ୍ୱବିଦ୍ୟାଳୟମାନେ ନେବା ଦରକାର । ପାଠପଢା ସମେତ ମାନବ ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ନେବାକୁ ପଡିବ । ପାଠ ପଢା ସମେତ ମାନବ ସମସ୍ୟାର ସମାଧାନ ସୂତ୍ର ବାହାର କରିବାକୁ ବିଶ୍ୱବିଦ୍ୟାଳୟମାନଙ୍କୁ ଦାୟିତ୍ୱ ନେବାକୁ ପଡିବ । ଏତଦ୍ ବ୍ୟତିତ ବିଦ୍ୟାଞ୍ଜଳିରେ ବିଶ୍ୱବିଦ୍ୟାଳୟକୁ ସାମିଲ୍ କରିବା ଏବଂ ଏଥିରେ ଯୋଡିବା ପାଇଁ ଏବର ଛାତ୍ରଛାତ୍ରୀଙ୍କ ସହ ଆଲୁମିନି ବା ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରୟାସ ରହିବା ଜରୁରୀ । ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ଭବିଷ୍ୟତ ଗଢିବାକୁ ସହାୟକ ହେବ । ସେ କହିଛନ୍ତି ଯେ, ଯେ କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରଗତି ପାଇଁ ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ରତା ରହିବା ଦରକାର । ବିଶ୍ୱବିଦ୍ୟାଳୟର ଅଧିକାରକୁ ସଂକୁଚିତ କରିବା କଥା ନୁହେଁ । ଏହାର ବୌଦ୍ଧିକ ପରିପ୍ରକାଶରେ ଅଂକୁଶ ଲଗାଇବା ମଧ୍ୟ ଅନୁଚିତ । ତେବେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ଉପରେ ଭଲ ଭାବରେ ପୁନର୍ବାର ଅନୁଧ୍ୟାନ ଓ ବିଚାରବିମର୍ଷ କରନ୍ତୁ ବୋଲି ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ୭୯ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅବସ୍ଥାପିତ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆଶିର୍ବାଦ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପଦ୍ମଶ୍ରୀ ଡା. ରଜତ କୁମାର କର ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ସେଣ୍ଟର ଫର୍ ଇନୋଭେସନ୍ ଅଣ୍ଡ୍ ଇନ୍‌କ୍ୟୁବେସନ୍‌ର ନୂତନ ଓ୍ୱେବ୍‌ସାଇଟ୍‌କୁ ଲୋକାର୍ପଣ କରିବା ସହ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆର୍ଟିଂ ଟ୍ରାନ୍ସଫରିନ୍ ଆଣ୍ଟିବଡିର ଶୁଭାରମ୍ଭ କରିଥିଲେ । ଏହା ବ୍ୟତୀତ ଇନ୍‌କ୍ୟୁବେସନ୍ ସେଣ୍ଟରରେ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗିଙ୍କ ସହ ଆଲୋଚନା କରିଥିଲେ ।

## CMCର...

ଏହି ଅଡିଟ୍ ହେବାକୁ ଥିବା ବେଳେ ଏହାକୁ ନେଇ ସିଏମ୍‌ସିର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ମହଲରେ ଛନକା ପଶିଛି । ସିଏଜି ସିଏମ୍‌ସିର ଅଡିଟ୍ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ମିଳିଥିବା ଅର୍ଥକୁ ନିଗମରେ କିପରି ଖର୍ଚ୍ଚ କରିଛି ଏହା ଯାଞ୍ଚ କରିବେ । ଆବଶ୍ୟକ ହେଲେ ସିଏମ୍‌ସିରେ ବିଭିନ୍ନ ଯୋଜନାରେ କରାଯାଇଥିବା କାମ ଓ ନିଗମ ପକ୍ଷରୁ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସେବାକୁ ମଧ୍ୟ ସିଏଜି ତୃଣମୂଳ ସ୍ତରରେ ଦେଖିବାର ଯୋଜନା ରହିଛି । ୨୦୧୭-୧୮ରୁ ୨୦୨୧-୨୨ ବର୍ଷରେ ମହାନଗର ନିଗମର ବିଭିନ୍ନ କାମକୁ ସିଏଜି ଅଡିଟ୍ କରିବେ । ସିଏମ୍‌ସି ସହିତ ଜିଲ୍ଲାର ଗୋଟିଏ ଏନ୍‌ଏସି ଓ ୫ଟି ପଞ୍ଚାୟତରେ ଏହି ଅଡିଟ୍ କରାଯିବା ମହାନଗର ନିଗମକୁ ଅମୃତ, ସ୍ୱଚ୍ଛ ଭାରତ ମିସନ୍, ମୁକ୍ତା ୟୁଡବ୍ଲୁଆଇ ପରି ବିଭିନ୍ନ ଯୋଜନାରେ ମିଳିଥିବା କୋଟି କୋଟି ଟଙ୍କାକି କିଭଳି ଢଙ୍ଗରେ ଖର୍ଚ୍ଚ କରାଯାଇଛି ଏହାକୁ ସିଏଜି ଦେଖିବେ । ସିଏମ୍‌ସିକୁ ଗତ ୫ ବର୍ଷରେ ମିଳିଥିବା ଅର୍ଥର ହିସାବପତ୍ର କରିବା ସହିତ କେଉଁ କେଉଁ ଉତ୍ସବରେ ନିଗମ ଅର୍ଥ ଆୟ କରୁଛି ଓ ଏହାକୁ କିପରି ବିନିଯୋଗ କରୁଛି । ତାକୁ ମଧ୍ୟ ସିଏଜି ଅନୁଧ୍ୟାନ କରିବେ । ସେପଟେ ନିଗମକୁ ମିଳିଥିବା ଅର୍ଥରେ ସହରବାସୀଙ୍କୁ କେଉଁ ମାନର ସେବା ଯୋଗାଇ ଦିଆଯାଉଛି ତାହା ମଧ୍ୟ ସିଏଜି ଦେଖିବେ । ଆବଶ୍ୟକ ହେଲେ ସିଏଜିଙ୍କ ପକ୍ଷରୁ ତୃଣମୂଳସ୍ତରରେ ଏହାର ଯାଞ୍ଚ କରାଯିବ । ସିଏଜିଙ୍କ ଅଡିଟ୍‌ରେ ନିଗମର ଅନେକ ବିଷୟ ପଦାକୁ ଆସିବାର ନେଇ ନିଗମର ଅଧିକାରୀଙ୍କ ମହଲରେ ଏବେଠୁ କମ୍ପନ ସୃଷ୍ଟି ହେଲାଣି । ସିଏମ୍‌ସିରେ ଡିସେମ୍ବର ପ୍ରଥମ ସପ୍ତାହରୁ ସିଏଜି ଅଡିଟ୍ ଆରମ୍ଭ କରିବେ । ଗତ ୫ ବର୍ଷର ବିଭିନ୍ନ କାମକୁ ଅଡିଟ୍ କରାଯିବ । ସିଏଜି ଟିମ୍‌ଙ୍କୁ ସମସ୍ତ କାମରେ ସହଯୋଗ ଯୋଗାଇ ଦିଆଯିବ । ଅଡିଟ୍ ପାଇଁ ଏବେଠାରୁ ଆମେ ପ୍ରସ୍ତୁତ ଅଛୁ ବୋଲି ସିଏମ୍‌ସି ବିତ୍ତ ଅଧିକାରୀ ଲୁସି ସାଇଁ କହିଛନ୍ତି ।

## ୫୫ ନମ୍ବର...

ଓଆରୟୁଏଲ୍‌ବି ୬୧୩୭୪-୧୬, ବିଡ୍ ଆଇଡ଼ି-୧୩୨୦୨୨୦ । ସିଏମ୍‌ସି ଜେଇ ଆଦିତ୍ୟ ନାରାୟଣ ମିଶ୍ର କହନ୍ତି ଫାଇଲ କାର୍ଯ୍ୟାଦେଶ ହେବାକୁ ଉପର ଅଫିସରଙ୍କ ପାଖକୁ ଯାଇଛି । କିନ୍ତୁ ଏହି ଫାଇଲ ଅଫିସରେ ଗାଏବ ହୋଇଯାଇଥିବା କୁହାଯାଉଛି । କିନ୍ତୁ କିଏ ଫାଇଲ ଗାଏବ କଲା ତାହା ଜଣାହେଉ ନାହିଁ । ଏ ବିଷୟରେ 'ପ୍ରମେୟ'ରେ ଗତ ମାସ ୨୯ ତାରିଖରେ ଖବର ପ୍ରକାଶ ପାଇଥିଲା । ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଭଦିମୂଳ ବାସିନ୍ଦା ପ୍ରମୋଦ ଭେଇ, ନବ ଭୋଇ, ସୁର ଭୋଇ, ଜଗା ଭୋଇ, ସୁକାନ୍ତ ଭୋଇ, ତେଅଲୋକ୍ୟ ଭୋଇ, ବିପିନ ଦାସ, ସବିତା ଦାସ ପ୍ରମୁଖ ଦାବି କରିଥିଲେ । ମାତ୍ର ସିଏମ୍‌ସି ତରଫରୁ ତତ୍ପରତା ପ୍ରକାଶ ପାଇନାହିଁ । ଅପରପକ୍ଷରେ ଆଗକୁ ନିର୍ବାଚନ ଆସୁଥିବାରୁ ଖୁବ୍ ଶୀଘ୍ର ଆଚରଣ ବିଧି ଲାଗୁ ହେବାର ସମ୍ଭାବନା ରହିଛି । ତେଣୁ ଏ ଫାଇଲ ହଜିବା ଘଟଣାକୁ ଭିତିରିଆ ରଫାଦଫା କରିଦେବା ପାଇଁ ଉଦ୍ୟମ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେଣୁ ଯଥା ଶୀଘ୍ର ଫାଇଲ ଗାଏବ ଘଟଣାର ରହସ୍ୟ ଉନ୍ମୋଚନ ହେବା ସହ ଭୋଇ ସାହି ଡ୍ରେନ୍ କାମ ସାରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ସାଂସଦ...

ସରକାରଙ୍କୁ ସମାଲୋଚନା କରିଥିଲେ । ସେ ନିଜେ ମହିଳା ସାଂସଦ ଭାବେ ସୁରକ୍ଷିତ ନୁହଁନ୍ତି, ସରକାର ସୁରକ୍ଷା ଦିଅନ୍ତୁ ବୋଲି ଦାବି କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀ ପରେ ବିଜେଡି ତରଫରୁ ତୀବ୍ର ପ୍ରତିକ୍ରିୟା ରଖାଯାଇଛି । ଦଳ ପାଲଟା ସାଂସଦଙ୍କୁ ଦୋଷାରୋପ କରିଛି । ବିଜେଡି କହିଛି ଯେ, ଗୁରୁବାର ଦିନ ସନ୍ଧ୍ୟାରେ ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ସାଂସଦ ଶ୍ରୀମନ୍ତୀ ଷଡଙ୍ଗୀଙ୍କୁ ପ୍ରଶ୍ନ ପଚାରିବାକୁ ଯାଇଥିବା ସ୍ଥାନୀୟ ବସ୍ତିର ମହିଳାମାନଙ୍କୁ ଯେଉଁଭଳି ଭାବେ ସାଂସଦଙ୍କ ଘରୋଇ ସୁରକ୍ଷା ବାହିନୀ ଆକ୍ରମଣ ଓ ଅସଦାଚରଣ କଲେ ତାହାକୁ କେଉଁ ସ୍ୱାର୍ଥରେ ରାଜ୍ୟ ବିଜେପି ସଭାପତି ସମର୍ଥନ କରୁଛନ୍ତି ବୋଲି ପଚାରିଛନ୍ତି ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି ।

ରାଜ୍ୟ ବିଜେପି ସଭାପତିଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ, ପୂର୍ବରୁ ତାଙ୍କ ନିଜ ଦଳର କର୍ମୀମାନେ ମଧ୍ୟ ଅପରାଜିତାଙ୍କ ଏହି ଘରୋଇ ସୁରକ୍ଷାବାହିନୀ ଗୁଣ୍ଡାମାନଙ୍କ ଆକ୍ରମଣରୁ ବର୍ତ୍ତିନାହାଁନ୍ତି । ଏଥିରେ ଗୋଟିଏ ଘଟଣା ଗତକାଲି ଘଟିଛି ଏବଂ ଏ ନେଇ ଥାନାରେ ମାମଲା ବି ହୋଇଛି । ଏମାନେ ଏମିତି ଉତ୍ପାତ କଲେଣି ଯେ ତାଙ୍କ ଦଳର ନେତାଙ୍କୁ ବି ଆଉ ଛାଡିବେନି ।

ତେଣୁ ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି ମୁଖିଆ ହିସାବରେ ସାଂସଦଙ୍କ ଏଭଳି ଅସାମାଜିକ ଆଚରଣକୁ ନିୟନ୍ତ୍ରଣ ନ କରି କେଉଁ ବାଧ୍ୟବାଧକତାରେ ସାଂସଦଙ୍କ ସପକ୍ଷରେ ମତ ରଖିଲେ ତାହା ଆମକୁ ବିସ୍ମିତ କରିଛି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

## ସୁର...

ପ୍ରତିନିଧିଙ୍କୁ ଦେଖାଇଛନ୍ତି । ଶୁକ୍ରବାର ଦିନ କଂଗ୍ରେସ ଭବନରେ ସମ୍ବିଧାନ ବଞ୍ଚାଅ ଦିବସ କାର୍ଯ୍ୟକ୍ରମରେ ସେ ଯୋଗଦେବା ଅବସରରେ ଏହି ସୂଚନା ଦେଇଛନ୍ତି । ସୁର କହିଛନ୍ତି ଯେ, କରୋନାରେ ଆକ୍ରାନ୍ତ ହେବା ପରେ ବିଭିନ୍ନ ଦେଶରେ ଥିବା ତାଙ୍କର ଶୁଭେଚ୍ଛୁ ତାଙ୍କୁ ଫୋନ୍ କରି ସୁସ୍ଥ କାମନା କରିଥିଲେ । ୧୦ଦିନ ଭିତରେ କରୋନାରୁ ସୁସ୍ଥ ହୋଇପାରିଛନ୍ତି । କରୋନା ଭଳିଆ ରୋଗ ମଣିଷକୁ ଏକ ଘରିକିଆ କରିଦେଉଛି । ଲୋକମାନେ କେହି ପାଖକୁ ଆସୁନାହାଁନ୍ତି । ଛାତ୍ର ଜୀବନରେ ଜେଲ୍ ଯାଇଛି, ହେଲେ ଜେଲ୍ ଯିବାଠାରୁ କରୋନା ଆକ୍ରାନ୍ତ ହୋଇ ଘରେ ରହିବା କଷ୍ଟକର । ଏବେ ସେ ମାସ୍କ ପିନ୍ଧିବେ ବୋଲି ସୁର କହୁଥିବା ଖବର ଗଣମାଧ୍ୟମରେ ପ୍ରଚାର ହେଉଛି ଏବଂ ଅନେକ ଲୋକ ଅନେକ କଥାବାର୍ତ୍ତା ବେଳେ ସୁର ଭାଇଙ୍କ ବାହାଦୁରିଆ ଯୋଗୁଁ ତାଙ୍କୁ କରୋନା ଭଳି ରୋଗରେ ଆକ୍ରନ୍ତ କଲା ବୋଲି କୁହାଯାଉଛି । କରୋନା ପ୍ରଥମ ଦ୍ୱିତୀୟ ଲହରୀରେ ସୁର ମାସ୍କ ପିନ୍ଧୁନଥିଲେ । ମାସ୍କ ପିନ୍ଧିବାକୁ ଭଲ ଲାଗୁନଥିବା କହିଥିଲେ । ମାତ୍ର ଚଳିତମାସରେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ । କରୋନାରେ ଆକ୍ରାନ୍ତ ହୋଇ ମଧ୍ୟ ବାହାରେ ବୁଲୁଥିଲେ, ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ବାହାଦୁରିଆ ନେତା ବୋଲି ଅଭିଯୋଗ କରାଯାଉଥିଲା ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ନଭେମ୍ବର ୨୯ ରୁ ଡିସେମ୍ବର ୫, ୨୦୨୧, ଜଗତସିଂହପୁର

November 29 to December 5, 2021, Jagatsinghpur

www.samparkabarta.in




# ଜାତୀୟ ମିଡ଼ିଆ ମହାକୁମ୍ଭ ଉଦ୍‌ଯାପିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗଣମାଧ୍ୟମ ହେଉଛି ଧ୍ୟାନ ବା ସାଧନା ସଦୃଶ। ତଥ୍ୟ ପାଇବା ପାଇଁ ଅନ୍ତହୀନ ଭାବରେ ବୌଦ୍ଧିକ ଅନୁସଂଧାନ, ଉଦ୍‌ଭାବନ ଏବଂ ଧ୍ୟାନର ପରିଣାମ ହେଉଛି 'ଡିଜିଟାଲ ଟେକ୍ନୋଲୋଜି'ର ଆବିଷ୍କାର । ବାଲ୍ମିକୀ ଓ ବ୍ୟାସ ଦେବଙ୍କ ଭଳି ମହାପୁରୁଷମାନଙ୍କର ରଚିତ ରାମାୟଣ ଓ ମହାଭାରତ ଆଦି ଗ୍ରନ୍ଥରେ ପଶୁ, ପକ୍ଷୀ, ଗଛ ଓ ପଥର ଇତ୍ୟାଦିଙ୍କ ମନର କଥାକୁ ଆଧ୍ୟାତ୍ମିକ ବଳରେ ଜାଣିପାରିବା କଥା ହେଉଛି ବର୍ତମାନର ଡିଜିଟାଲ ଟେକ୍ନୋଲୋଜି ସଦୃଶ। ମାତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ୍ (ଏ.ଆଇ.) ତଥା କୃତ୍ରିମ ବୌଦ୍ଧିକତା କେବେବି ମାନବୀୟ ବୌଦ୍ଧିକତାର ବିକଳ୍ପ ନୁହେଁ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଥିଲେ । ଅନଲାଇନ୍‌ରେ ଗତ ତିନିଦିନ ଧରି ଚାଲିଥିବା ମିଡ଼ିଆ ମହାକୁମ୍ଭର ପଂଚମ ସଂସ୍କରଣର ଆଜି ଉଦ୍‌ଯାପିତ ସମାରୋହରେ ଯୋଗଦେଇ ସେ ସମ୍ମିଳନୀର ଶୀର୍ଷକ "ଗଣମାଧ୍ୟମ ଓ ଡିଜିଟାଲ ଟେକ୍ନୋଲୋଜି" ନିଜର ମତବ୍ୟକ୍ତକରି ଗଣମାଧ୍ୟମର ନୂତନ ସଂଜ୍ଞା ନିରୂପଣ କରିଥିଲେ।

ମୁଖ୍ୟ ବ୍ୟକ୍ତା ତଥା ପ୍ରଖ୍ୟାତ ସାମ୍ବାଦିକ ଓ ପରୀର ସଂସ୍ଥାପକ ସଂପାଦକ ପି. ସାଇନାଥ ଯୋଗଦେଇ ବର୍ତମାନ ଜାତୀୟ ସାମ୍ବାଦିକତାରେ ନୈତିକ ମୂଲ୍ୟବୋଧର ଅଭାବ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ମିଡିଆ ଓ ସାମ୍ବାଦିକତାର ଅର୍ଥ ଏକ ହୋଇଥିଲେ ମଧ୍ୟ ତାହା ଆଜି ଭିନ୍ନ ଅର୍ଥରେ ପରିଲକ୍ଷିତ ହେଉଅଛି। ମିଡିଆର ଅର୍ଥ ବେପାରରେ ପରିଣତ ହୋଇଥିବା ବେଳେ ସାମ୍ବାଦିକତାର ଅର୍ଥ ଆବେଗାତ୍ମକ ସେବା ବୋଲି ସେ କହିଥିଲେ। କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ଜାତୀୟ ଗଣମାଧ୍ୟମ ପରିଚାଳିତ ହେଉଛି। ଫଳରେ ଲୋକଙ୍କ ପ୍ରକୃତ ସମସ୍ୟା ସେଥିରେ ସ୍ଥାନ ପାଇବାରେ ବଂଚିତ ହେଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ.ଜି.ଏମ୍. ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଧିର ଗାଭାନେ, ତେଜପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁନିଲ କାନ୍ତ ବେହେରା, ମଣିପାଲ ଇନିଷ୍ଟିଚ୍ୟୁଟ୍ ଅଫ୍ କମ୍ୟୁନିକେଶନର ପ୍ରଫେସର ବି. ପି. ସଂଜୟ ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଏବଂ ଡିଜିଟାଲ ଟେକ୍ନୋଲୋଜିର ଭୂମିକା ଉପରେ ବିଷଦ



ଆଲୋଚନା କେରିଥିଲେ। ପଣ୍ଡିତ ଦିନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ଅମ୍ରିତା ଚକ୍ରବର୍ତୀ ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ।

ଦିବସର ପ୍ରଥମ ଭାଗରେ ଷଷ୍ଠତମ ପ୍ଲେନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବିନୋଦ ପାବରାଲା, ଚିଟଗଙ୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ମହମଦ୍ ସହିଦ୍ ଉଲ୍ଲାହ, କାଠମାଣ୍ଡୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁଧାଂଶୁ ଦାହାଲ, ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର କାଂଚନ କେ ମଲିକ ଏବଂ ରେଡିଓ ନମସ୍କାରର ମୁଖ୍ୟ ଏନ୍.ଏ. ସାହା ଅନସାରି ପ୍ରମୁଖ ଯୋଗଦେଇ "ଗୋଷ୍ଠୀ ଗଣମାଧ୍ୟମ, ନାଗରିକ ସମାଜ ଓ ସାମାଜିକ ସଶକ୍ତିକରଣ" ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।

ମିଡ଼ିଆ ମହାକୁମ୍ଭର ଦ୍ୱିତୀୟ ଦିବସରେ "ଭାରତରେ ୧୦୦ ବର୍ଷର ଗଣମାଧ୍ୟମ ଶିକ୍ଷା: ଏହାର ଇତିହାସ ଓ ଭବିଷ୍ୟତ ମାର୍ଗ" ଓ "କୁଶଳୀ, ପୁନଃକୁଶଳୀ ଓ ବୃତିଭିତିକ ଗଣମାଧ୍ୟମ ଦକ୍ଷତା" ଶୀର୍ଷକ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ସାମ୍ବାଦିକ ଯୋଗ ଦେଇ ଏହି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପାଂଚଗୋଟି ସମାନ୍ତରାଳ ଅଧିବେଶନରେ ପ୍ରାୟ ୮୦ ଜଣ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଅଧ୍ୟକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ଗଣମାଧ୍ୟମ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆବାହକ ମନୋରଂଜନ ପଣ୍ଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଭିନ୍ନ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ବିଭାଗ ଯଥା ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଡଃ ଜ୍ଞାନରଂଜନ ମିଶ୍ର, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଡଃ ଜୟନ୍ତ ସ୍ୱାଇଁ, ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟର ଡଃ ଅମ୍ବିକା ଶଙ୍କର ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ଡଃ ଅନୁରାଗ ସାହୁ, ପ୍ରମୁଖ ଯୋଗଦେଇ ସମ୍ମିଳନିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସମ୍ମିଳନୀଟି ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇ.ଏମ୍.ଏସ), ଉତ୍କଳ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀସ୍ଥିତ ମିଡିଆ ଏଣ୍ଡ ଏଣ୍ଟରଟେନମେଣ୍ଟ ସ୍କିଲ୍ କାଉନ୍‌ସିଲ (ଏମ୍.ଇ.ଏସ୍.ସି)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।

# ଢେଙ୍କାନାଳ ବିଜେପିକୁ ଡରୁଛି ବିଜେଡ଼ି

**ଢେଙ୍କାନାଳ(ସଂପର୍କ ବାର୍ତ୍ତା):-** ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇ ସାରିଛି। ପଞ୍ଚାୟତ ନିର୍ବାଚନରେ ଗୁରୁତ୍ୱ ବହନ କରୁଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବି ଚଳିତ ଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଅର୍ଥାତ୍ ମହିଳା ପ୍ରାର୍ଥୀ ଜିଲ୍ଲାର ଯେକୌଣସି ଆସନ ବା ଜୋନ୍‌ରୁ ବିଜୟୀ ହୋଇ ଆସିଲେ ଅଧ୍ୟକ୍ଷା ନିର୍ବାଚନ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ସେଥିପାଇଁ ମାଳମାଳ ଆଶାୟୀ ଏବେ ପ୍ରାର୍ଥୀ ହେବାପାଇଁ ଅଣ୍ଟା ଭିଡ଼ିଲେଣି। ଦଳୀୟ ଟିକେଟ୍ ହାସଲ ପାଇଁ ଆଶ୍ରୀ ବିଧାୟକ, ମନ୍ତ୍ରୀ, ବିଭିନ୍ନ ଦଳୀୟ ସଭାପତି, ନେତୃବୃନ୍ଦଙ୍କ ନିକଟରେ ଲବି ଆରମ୍ଭ କଲେଣି। ବିଭିନ୍ନ କାର୍ଯ୍ୟକ୍ରମରେ ନେତାଙ୍କ ଚାରିପାଖେ ଚକ୍କର କାଟିଲେଣି। ସଂଖ୍ୟାଧିକ ଆଶାୟୀ ଏବେ ନେତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କଲାଣି। ଜିଲ୍ଲା ପରିଷଦ ନିର୍ବାଚନ ଦଳୀୟ ଭିତ୍ତିରେ ହେଉଥିବାରୁ କ୍ଷମତା ଦଖଲ ପାଇଁ ପ୍ରମୁଖ ଦଳ ମଧ୍ୟରେ କସରତ ଆରମ୍ଭ ହୋଇଗଲାଣି। ୧୯୯୭ ମସିହାରେ ଢେଙ୍କାନାଳ ଜିଲ୍ଲା ପରିଷଦ ଗଠନ ହେବା ଦିନଠାରୁ କଂଗ୍ରେସ ଲଗାତର ୩ ଥର ଅଧ୍ୟକ୍ଷ ପଦବି ୀତେଇଥିଲା। ମାତ୍ର ୨୦୧୨ ଓ ୨୦୧୭ ପଞ୍ଚାୟତ ନିର୍ବାଚନରେ ଲଗାତର୍ ଭାବେ ବିଜେଡ଼ି ଜିଲ୍ଲା ପରିଷଦ ଅକ୍ତିଆର କରିଥିଲା। ବିଜେପି ଏ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ହାତେଇ ପାରିନାହିଁ। ଗତ ଦୁଇଟି ପଞ୍ଚାୟତ ନିର୍ବାଚନର ଫଳାଫଳକୁ ଦେଖିଲେ ବିଜେଡ଼ିକୁ ବିଜେପି ଟକ୍କର ଦେଇ ସିଟ୍ ସଂଖ୍ୟା ବଢ଼ାଇଛି। ୨୭ ଜୋନ୍ ବିଶିଷ୍ଟ ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୨୦୧୨ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ୨୩ଟି ଆସନ ହାତେଇଥିବା ବେଳେ ବିଜେପି ୩ ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ କିନ୍ତୁ ବିଜେଡ଼ିକୁ ଟକ୍କର ଦେଇଥିଲା ବିଜେପି। ୧୫ଟି ଆସନ ବିଜେଡ଼ିଏବଂ ୧୨ଟି ଆସନ ବିଜେପି ସପକ୍ଷରେ ଯାଇଥିଲା। ଏହି

ନିର୍ବାଚନରେ କଂଗ୍ରେସ ମୂଳପୋଛ ହୋଇଯାଇଥିଲା। ବିଜେପି ପ୍ରାର୍ଥୀ ଅନେକ ଗୁଡ଼ିଏ ଆସନରେ ବିଜେଡ଼ି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ମାତ୍ର ୧୧୫ ଖଣ୍ଡ ଭୋଟ୍ ପାଇଁ ବିଜେପି ହାତରୁ ଗାଦି ହାତଛଡ଼ା ହୋଇଯାଇଥିଲା। କାମାକ୍ଷାନଗର ବ୍ଲକ୍ ୧ନଂ ଜୋନ୍‌ର ବିଜେପି ପ୍ରାର୍ଥୀ ବସନ୍ତ ବିଶ୍ୱାଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡ଼ି ପ୍ରାର୍ଥୀ ପ୍ରେମାନନ୍ଦ ସାହୁଙ୍କଠାରୁ ମାତ୍ର ୧୧୫ ଖଣ୍ଡ ଭୋଟ୍‌ରେ ହାରି ଯାଇଥିଲେ। ଓଡ଼ାପଡ଼ା ବ୍ଲକ୍ ୩ ନଂ ଜୋନ୍ ବିଜେଡ଼ି ପ୍ରାର୍ଥୀ ସୁଚିତ୍ରା ପାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଗୀତାଞ୍ଜଳି ସାମଲଙ୍କଠାରୁ ମାତ୍ର ୧୫୮ ଖଣ୍ଡ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ।

ଜିଲ୍ଲାର ରାଜନୈତିକ ବାତାବରଣକୁ ସମୀକ୍ଷା କଲେ ବିଜେଡ଼ିର ବିଜୟ ରାସ୍ତାରେ ବିଜେପି ନିଶ୍ଚିତ କଣ୍ଟା ସାଜିବ ବୋଲି ଜଣାଯାଇଛି। ଏପରିକି ଚଳିତଥର ବିଜେପି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବି ହାତେଇବାକୁ ଜୋରଦାର୍ ଲଢ଼େଇ କରିବ ବୋଲି ଜଣାଯାଇଛି। ବିଜେପି ସୁବିଧାଜନକ ସ୍ଥିତିରେ ରହିଥିବାରୁ ବିଜେପିକୁ ଏଥିପାଇଁ ବହୁ କସରତ କରିବାକୁ ପଡ଼ିବ ବୋଲି ରାଜନୈତିକ ବିଶ୍ଲେଷକମାନେ ମତ ଦେଇଛନ୍ତି।

୨୦୨୪ ବିଧାନସଭା ନିର୍ବାଚନ ପାଇଁ ଏହା ସେମିଫାଇନାଲ୍ ବିବେଚନା କରାଯାଉଥିବାରୁ ଉଭୟ ବିଜେଡ଼ି, ବିଜେପି ଓ କଂଗ୍ରେସ ତିନି ପ୍ରମୁଖ ଦଳ ଜଣେ ଟାଣୁଆ ମହିଳା ପ୍ରାର୍ଥୀ ଖୋଜିବାକୁ ଆରମ୍ଭ କରିଦେଇଛନ୍ତି। ରାଜ୍ୟରେ ବିଜେଡ଼ିର ସ୍ଥିତି ଭଲ ଥିବାରୁ ବହୁ ଆଶାୟୀ ବିଜେଡ଼ି ଟିକଟ୍ ପାଇଁ ଲବି କରୁଛନ୍ତି। ଏଠାରୁ ଟିକଟ୍ ନମିଳିଲେ ଦଳବଦଳ ସମ୍ଭାବନା ରହିଛି। ଆଶାୟୀଙ୍କ ଅଧିକ ମୋହ ଭାଙ୍ଗିବା ପରେ କିଏ ନିଜ ପତ୍ନୀ, ଭାଉଜ ଓ ମା'ଙ୍କୁ ପ୍ରାର୍ଥୀ କରିବାକୁ ସଜବାଜ ହେଉଛନ୍ତି ତ ଆଉ କିଏ ନିଜର ସମର୍ଥକ ଓ ଅତି ବିଶ୍ୱସ୍ତଙ୍କୁ ପଦରେ ବସାଇବା ପାଇଁ କସରତ ଆରମ୍ଭ କରିଦେଲେଣି । ଜିଲ୍ଲା ପରିଷଦ ସଦସ୍ୟ ଦଳୀୟ ଟିକଟ୍ ହାସଲଠାରୁ ଆରମ୍ଭ କରି ଅଧ୍ୟକ୍ଷ ପଦଟି ପାଇଁ ଏବେଠାରୁ ଭିତିରିଆ ମୂଳଚାଲ ଆରମ୍ଭ ହୋଇଗଲାଣି।

# ଅଭିଯୋଗ ପରେ ଯନ୍ତ୍ରୀଙ୍କ ଉପସ୍ଥିତିରେ ହେଲା ରାସ୍ତା କାମ

**ତିର୍ତ୍ତୋଲ୍(ସଂପର୍କବାର୍ତ୍ତା):-** ଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଷ୍ଣୁନପୁର ପଞ୍ଚାୟତ ଆରଡ଼ି ରାସ୍ତା ଠାରୁ ମହାନ୍ତି ସାହି ରାସ୍ତା ୧୨୦ ମିଟରକୁ ୪ ଲକ୍ଷ ଟଙ୍କା ବ୍ୟୟବରାଦରେ କଂକ୍ରିଟ କାର୍ଯ୍ୟ ନିର୍ମାଣ କରାଯାଉଥିଲା। ଏହି କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଦିଲ୍ଲିପ ମହାନ୍ତି, ଜାବିର୍ ଖାନ, ସୟଦ କଲାମ ଅଲ୍ଲୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ତିର୍ତ୍ତୋଲ ବିଡ଼ିଓଙ୍କୁ ଫୋନ୍ ଯୋଗେ ଅଭିଯୋଗ କରିଥିଲେ। ବିଡ଼ିଓ ଅଭିଯୋଗ ପାଇବାପରେ ଯନ୍ତ୍ରୀ ଖିତିଶ ଚନ୍ଦ୍ର ପଣ୍ଡାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଯନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଯାଞ୍ଚ କରିଥିଲେ।



ବ୍ଲକ ଯନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡାଙ୍କ ଉପସ୍ଥିତିରେ କଂକ୍ରିଟି କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଥିଲା। ଏହି ବିଷୟରେ ଯନ୍ତ୍ରୀ ପଣ୍ଡାଙ୍କୁ ପଚାରୀବାରୁ ସେ ଅଭିଯୋଗ ପାଇବାପରେ କାର୍ଯ୍ୟସ୍ଥଳରେ ପହଞ୍ଚି କାର୍ଯ୍ୟର ଯାଞ୍ଚ କରାଯାଉଛି ବୋଲି କହିଥିଲେ।

# ନକଲି ହେଲମେଟ, ପ୍ରେସରକୁକର୍, ସିଲିଣ୍ଡର ବିକ୍ରି ଉପରେ କଟକଣା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜୀବନ ପ୍ରତି ବିପଦ ଥିବା ନକଲି ଉତ୍ପାଦନର ବିକ୍ରି ଓ ନିର୍ମାଣ ଉପରେ ଲଗାମ ଲାଗାଇବାକୁ ସରକାର ସାରା ଦେଶରେ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। କେନ୍ଦ୍ରୀୟ ଉପଭୋକ୍ତା ସଂରକ୍ଷଣ ପ୍ରାଧିକରଣ(ସିସିପିଏ) ବୁଧବାର କହିଛି ମିଥ୍ୟା ଆଇଏସ୍‌ଆଇ ମୋହର ଲାଗିଥିବା ପ୍ରେସର କୁକୁର,ହେଲମେଟ ଓ ରୋଷେଇ ଗ୍ୟାସ ସିଲିଣ୍ଡର ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାରା ଦେଶରେ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ସିପିସିଏ ମୁଖ୍ୟ ନିଧି ଖରେ କହିଛନ୍ତି ଖୁଚୁରା ବିକ୍ରେତାଙ୍କ ସହ ଅନଲାଇନ ପ୍ଲାଟଫର୍ମରେ ଏହି ନକଲି ଜିନିଷ ବିକ୍ରି କରାଯାଉଛି। ଏହାକୁ ନେଇ କିଛି ଇ-କମର୍ସ କମ୍ପାନୀଙ୍କୁ ନୋଟିସ ଜାରି କରାଯାଇଛି। ବଜାରରେ ବିକ୍ରି ହେଉଥିବା ଏମିତି ନକଲି ଜିନିଷ ଉପରେ ପ୍ରତିବନ୍ଧକ ଲଗାଇବାକୁ ସିପିସିଏ ଜିଲାପାଳଙ୍କୁ କମ୍ପାନୀ ଗୁଡିକର ଯାଞ୍ଚ କରାଯାଉ ବୋଲି କହିଛନ୍ତି। ଆସନ୍ତା ଦୁଇ ମାସ ମଧ୍ୟରେ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି।

# ଘର ମାଲିକାଣୀଙ୍କୁ ନିଶାଦେଇ ଦୁଷ୍କର୍ମ

**ସାଲେପୁର(ସଂପର୍କବାର୍ତ୍ତା):-** ସାଲେପୁର ଅଂଚଳରେ ଘର ଭଡା ନେଇ ରହୁଥିବା ଜଣେ ଯାତ୍ରା ପାର୍ଟିର ଖଳନାୟକ ସମ୍ପୃକ୍ତ ଘର ମାଲିକାଣୀଙ୍କୁ ନିଶାଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଗୁରୁବାର ଦିନ ଜେଲ୍ ଯାଇଛି। ସେ ହେଲା ଅରୁଣ କୁମାର ନାୟକ (୩୫)। ଘର କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଂଚଳରେ। ଘର ମାଲିକାଣୀଙ୍କ ଏତଲା ଭିତ୍ତିରେ ସାଲେପୁର ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ତେବେ ଜାମିନ ନାମଞ୍ଜୁର ହେବାକୁ ତାକୁ ସାଲେପୁର ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିରୋଧରେ ପୁଲିସ କେସ ନଂ ୩୨୬/୨୧ରେ ମାମଲା ରୁଜୁକରି ଭାରତୀୟ ରୁଜୁକରି ଭାରତୀୟ ଦଣ୍ଡବିଧି ଆଇନର ନଗ୍ନ ଫଟୋ ପ୍ରଚାର, ନିଶା ଦେଇ ବେହୋସ କରିବା, ଧମକ ଦେବା, ମହିଳାଙ୍କୁ ଅପମାନିତ କରିବା, ମହିଳାଙ୍କ ଆକ୍ରମଣ, ଯୌନ ନିର୍ଯାତନା, ବଟିମାଗିବା ଓ ଏକାଧିଙ୍କ ବ୍ୟକ୍ତି ଯୋଜନାବଦ୍ଧ ଭାବେ ଅପରାଧ ଘଟାଇବାରେ ସମ୍ପୃକ୍ତ ରହିବା ଦଫା ଲଗାଇଛି। ଅଭିଯୋଗ ମୁତାବକ ଅରୁଣ ପ୍ରାୟ ତିନି ବର୍ଷ ହେଲା ସାଲେପୁରରେ ଜଣେ ମହିଳାଙ୍କ ଘରେ ଭଡାରେ ରହୁଥିଲେ। ସମ୍ପୃକ୍ତ ମହିଳାଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ କୌଶଳକ୍ରମେ ନିଶା ଦେଇ କିଛି ଦିନ ତଳେ ବଳାତ୍କାର କରିବା ସହ ଅଶ୍ଳୀଳ ଭିଡିଓ ସୁଟିଂ କରିଥିଲା। ଏ ସଂପର୍କରେ କାହା ଆଗରେ ପ୍ରକାଶ କଲେ ଉକ୍ତ ଭିଡିଓକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିବାକୁ ଧମକ ଦେବା ସହ ୫ଲକ୍ଷ ଟଙ୍କା ଦାବି କରିଥିଲା। ତେବେ ପୀଡିତା ଏହାର ପ୍ରତିବାଦ କରିବାକୁ ଅରୁଣ ପାଟିତୁଣ୍ଡ କରିବା ସହ ଆସବାପତ୍ର ଭଙ୍ଗାରୁଜା କରିଥିଲା ଏପରିକି ଘର ମାଲିକାଣୀଙ୍କୁ ମାରଣାସ୍ତ୍ର ଦେଖାଇ ହତ୍ୟା କରିବ ବୋଲି ଧମକ ଦେଇ ତାଙ୍କ କାର୍‌କୁ ଭଙ୍ଗାରୁଜା କରିଥିଲା। ପ୍ରବଳ ନିଶାଖାଇ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। କେବଳ ସେତିକି ନୁହେଁ, ଏହା ପୂର୍ବରୁ ମହିଳା ଜଣକ ବାଥ୍‌ରୁମରେ ଗାଧେଉଥିବା ବେଳେ ତାର ରେକର୍ଡିଂ କରିଥିଲା। ଏନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସାଲେପୁର ଥାନା ପୁଲିସ ଅରୁଣ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି।

# ସାଲେପୁର ପୂର୍ତ୍ତ ବିଭାଗକୁ ଲୁଟୁଛନ୍ତି ଇଂଜିନିୟର

**ସାଲେପୁର(ସଂପର୍କବାର୍ତ୍ତା):-** ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି-ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିତକୋଇଲି ବଜାର ଠାରୁ ମାହାଙ୍ଗା ବ୍ଲକ୍ ଲଳିତଗିରି ପର୍ଯ୍ୟନ୍ତ ରାସ୍ତା ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ରହିଛି। ନିକଟରେ ଏହି ରାସ୍ତାର ପ୍ରଶସ୍ତିକରଣ କରାଯିବା ନିମନ୍ତେ ୨୩ କୋଟିରୁ ଉର୍ଦ୍ଧ୍ୱଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ଅନୁଯାଇ ଠିକାଦାର ଚୟନ କରାଯାଇଥିଲା। ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇନଥିଲା। ଏପରିକି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନ ମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ଏପରିକି ରାସ୍ତା ନିର୍ମାଣ ହେବାର ମାତ୍ର ଅଳ୍ପଦିନ ପରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ଗର୍ତ୍ତରେ ପାଣି ଜମି ରହୁଛି। ଏପରିକି ରାସ୍ତାର ବହୁ ଅଂଶରୁ ଗୋଡ଼ି ଓ ସିମେଣ୍ଟ ବାହାରି ଗଲାଣି। ଏହି ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ରାସ୍ତାରେ ଯାନ ବାହାନ ଗମନା ଗମନ କରିବା ତ ଦୂରର କଥଣ ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ଅଟେ। ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲଶ ବେଳେ ପ୍ରଶାସନିକ ଦାୟୀତ୍ୱ ହୀନତା ଯୋଗୁ ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ଫଳରେ ଏହି ରାସ୍ତାରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ହେଉଛି। ପ୍ରତିବର୍ଷ ଏହି ରାସ୍ତା ସରକାରୀ କାଗଜକଲମରେ ମରାମତି କରାଯାଇ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ଘଟୁଥିବା ବେଳେ ରାସ୍ତାର ଭାଗ୍ୟ ପରିବର୍ତ୍ତନ ଘଟୁନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ନିଶ୍ଚିତକୋଇଲି, ନଟକାଇ, ବଡ଼କ୍ଷୀର, ରାମକୃଷ୍ଣପୁର, ମାହାଙ୍ଗା ବ୍ଲକର ଗୋଟରା ଭମର, ଉଦ୍ରେଶ୍ୱର, ଗୋପାଳପୁର, ନାହାଙ୍ଗ, ହଳଦିଆ, ଲଳିତଗିରି, ଭଉଁରିଆ, ପଲ୍ଲିସାହି ସମେତ ଡେରାବିଶ ବ୍ଲକର ବହୁ ପଂଚାୟତର ଲୋକେ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି। ତେବେ ଏହି ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଥିଷଲ ମଧ୍ୟ ଏହାକୁ ମରାମତି କରାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଗଣ ଆନ୍ଦୋଳନର ରୂପ ନେବାକୁ ବସିଲେଣି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ଦୃଢ଼ ଦାବି ହୋଇଛି।

# ଦାରିଦ୍ର୍ୟ ତାଲିକାର ୯ମ ସ୍ଥାନରେ ଓଡିଶା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶାର ପ୍ରତି ତିନି ଜଣରେ ଜଣେ ଗରିବ ଅର୍ଥାତ୍ ରାଜ୍ୟର ୨୯.୩୫% ଲୋକ ଗରିବ। ନୀତି ଆୟୋଗର ସଦ୍ୟତମ ମଲ୍ଟି ଡାଇମେନ୍ସନାଲ ପୋଭର୍ଟି ରିପୋର୍ଟ ବା ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟ ବା ବହୁମୁଖୀ ରିପୋର୍ଟ ଦେଖାଇଛି ଓଡଶାର ଏଭଳି ବିକଟ ଚିତ୍ର ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁସାରେ ୩ପଛୁଆ ଜିଲ୍ଲା- ନବରଙ୍ଗପୁର,ମାଲକାନଗିରିର ୫୮.୭୧%ଓ କୋରାପୁଟ ୫୧.୧୪%ଲୋକଙ୍କ ଆର୍ଥିକ ଅବସ୍ଥା ଅତି ଦୟନୀୟ। ପ୍ରଥମ ଥର ଲାଗି ନୀତି ଆୟେଗ ଦ୍ୱାରା ପ୍ରସ୍ତୁତ ଦାରିଦ୍ର୍ୟ ରିପୋର୍ଟରେ କେବଳ କ୍ଷୁଧା ବା ଅନାହାରକୁ ମାନଦଣ୍ଡ ଅନୁସାରେ ଏବେ ଦେଶର ପ୍ରତି ୪ଜଣରେ ଜଣେ ଅର୍ଥାତ୍ ୨୫.୦୧ପ୍ରତିଶତ ଗରିବ ଅଛନ୍ତି। ବିହାର ଦେଶର ସବୁଠୁ ଗରିବ ରାଜ୍ୟ ହୋଇଥିବା ବେଳେ ଏଠାରେ ୫୧.୯୧ପ୍ରତିଶତ ଲୋକଙ୍କ ଆର୍ଥକ ଅବସ୍ଥା ସ୍ୱଚ୍ଛଳ ନୁହେଁ। କେରଳରେ ଗରିବଙ୍କ ସଂଖ୍ୟା ସବୁଠୁ କମ୍। ଏଠାରେ ଗରିବଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ମାତ୍ର ୦.୭୧ ପ୍ରତିଶତ। ଓଡିଶାର ୧୬ଟି ଜିଲ୍ଲାର ଦାରିଦ୍ର୍ୟ ହାର ଜାତୀୟ ହାରଠାରୁ ଉପରେ ରହିଛି। ଏମିତିକି ଖଣିଜ ପଦାର୍ଥ ସମୃଦ୍ଧ କେନ୍ଦୁଝର ଜିଲ୍ଲାର ୪୧.୭୮ପ୍ରତିଶତ ଲୋକ ଗରିବ। ନୀତି ଆୟୋଗର ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟକୁ ନେଇ ଆରମ୍ଭ ହୋଇଛି ରାଜ୍ୟ ରାଜନୀତି।ରାଜ୍ୟର ଏ ଦୁଃସ୍ଥିତି ପାଇଁ ଶାସକ ବିଜେଡିକୁ ଟାର୍ଗେଟ କରିଛନ୍ତି ବିରୋଧୀ ବିଜେପି କଂଗ୍ରେସ।୨୨ବର୍ଷର ଶାସନଉପରେ ନବୀନ ସରକାରର ଦୂରଦୃଷ୍ଟି ଅଭାବ ଏବଂ ଦୀର୍ଘ ମିଆଦୀ ଯୋଜନା ବିଫଳତା ଯୋଗୁ ରାଜ୍ୟର ଏ ସ୍ଥିତି ବୋଲି କହିଛି ବିଜେପି। କଂଗ୍ରେସ କହିଛି, ବିଜେଡି ସରକାରର ସବୁ ଯୋଜନା ଦଳୀୟ ଭିତ୍ତିରେ ହେଉଛି।ତୃଣମୂଳସ୍ତରର ଲୋକଙ୍କ ପାଖରେ ପହଂଚିପାରୁନି। ନୀତି ଆୟୋଗ ରିପୋର୍ଟ ତାର ଉଦାହରଣ ବୋଲି ଦଳ କହିଛି। ତେବେ ଦାରିଦ୍ର୍ୟ ଦୂରୀକରଣ ଲାଗି ସରକାର ଉଦ୍ୟମ ଜାରି ରଖିଥିବା ବିଜେଡି ସଫେଇ ଦେଇଛି। ଦାରିଦ୍ର୍ୟ ହ୍ରାସ ଲାଗି ରାଜ୍ୟ ସରକାର ମାଳମାଳ ଯୋଜନା କରୁଥିବା ଡିଣ୍ଡିମ ପିଟୁଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ରାଜ୍ୟରୁ ଦାରିଦ୍ର୍ୟ କେତେ ହଟିଛି ନୀତି ଆୟୋଗ ରିପୋର୍ଟରୁ ତାହା ଜଳ ଜଳ ଦେଖାଯାଉଛି।

# ଅଧିବେଶନ ପାଇଁ କଂଗ୍ରେସର ବଡ ପ୍ରସ୍ତୁତି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ସୋମବାର ସଂସଦରେ ଉପସ୍ଥିତ ରହିବାକୁ କହି ସଂସଦର ଉଭୟ ଗୃହର ସଦସ୍ୟମାନଙ୍କୁ ଏକ ହ୍ୱିପ୍ ଜାରି କରିଛି। ସୂଚନା ଥାଉକି ନଭେମ୍ବର ୨୯ରେ ସରକାର ତିନୋଟି କୃଷି ଆଇନ ରଦ୍ଦ ସହ ଜଡିତ ଏକ ବିଲ୍ ଆଣିବେ। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ଏକ ତିନି ଧାଡି ହ୍ୱିପ୍ ଜାରି କରିଛି। ସୂଚନା ଯୋଗ୍ୟ ଯେ ଶାସକ ବିଜେପି ଏହାର ରାଜ୍ୟସଭା ସାଂସଦମାନଙ୍କୁ ସୋମବାର ଦିନ ଗୃହରେ ଉପସ୍ଥିତ ରହିବାକୁ କହି ଏକ ହ୍ୱିପ ଜାରି କରିସାରିଛି। ମୁଖ୍ୟ ବିରୋଧୀ ଦଳ(କଂଗ୍ରେସ) ମଧ୍ୟ ଏହାର ସାଂସଦମାଙ୍କୁ ସୋମବାର ସକାଳ ୧୧ଟାର ସଂସଦରେ ଉପସ୍ଥିତ ରହିବାକୁ ଏବଂ ଦଳର ଆଭିମୁଖ୍ୟକୁ ସମର୍ଥନ କରିବାକୁ କହିଛନ୍ତି। ରାଜ୍ୟସଭାରେ କଂଗ୍ରେସର ମୁଖ୍ୟ ସଚେତକ ଜୟରାମ ରମେଶଙ୍କ ଦ୍ୱାରା ଦିଆଯାଇଥିବା ହ୍ୱିପ୍‌ରେ ଏହା କୁହାଯାଇଛି, ନଭେମ୍ବର ୨୯ରେ ରାଜ୍ୟସଭାରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ। ସମସ୍ତ କଂଗ୍ରେସ ସଦସ୍ୟଙ୍କୁ ଅନୁରୋଧ କରାଯାଇଛି ଯେ ସେହି ଦିନ ସକାଳ୧୧ଟାରୁ ପ୍ରକ୍ରିୟା ସ୍ଥଗିତ ରଖିବା ପର୍ଯ୍ୟନ୍ତ ଏବଂ ଦଳର ଷ୍ଟାଣ୍ଡକୁ ସମର୍ଥନ କରିବେ। ସେହିଭଳି ଲୋକସଭାରେ କଂଗ୍ରେସ ମୁଖ୍ୟ ମଧ୍ୟ ଏପରି ହ୍ୱିପ୍ ଜାରି କରିଛନ୍ତି।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା

ନଭେମ୍ବର ୨୯ ରୁ ଡିସେମ୍ବର ୫, ୨୦୨୧, ଜଗତସିଂହପୁର
November 29 to December 5, 2021, Jagatsinghpur



# ସମ୍ପାଦକୀୟ

## ଚାଷୀ ନୀତି-ମୋଦି

ତିନୋଟି ଯାକ କୃଷି ଆଇନ୍‌କୁ ଅଚାନକ ପ୍ରତ୍ୟାହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ, ବିଜେପି ଏବଂ ସର୍ବୋପରି ଭାରତର ଚାଷୀଙ୍କ ପାଇଁ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଗଲାବର୍ଷ ସେପ୍ଟେମ୍ବର ମାସରେ ଏହି ଆଇନ ଆର୍ଲିଆମେଣ୍ଟରେ ପ୍ରସ୍ତୁତ ହୋଇଥିଲା। ମାତ୍ର ୧୪ ମାସ ପରେ ସମାନ ସରକାର ଦ୍ୱାରା କୌଣସି ନିୟମ ପ୍ରତ୍ୟାହୃତ ହେବା ବୋଧହୁଏ ପ୍ରଥମ ଘଟଣା ହେବ। ଆଇନ ତିଆରି ହେବା ସେଥିରେ ସଂଶୋଧନ ଆଣିବା ନୂଆ କଥା ନୁହେଁ। କିନ୍ତୁ ମହାପଞ୍ଚାୟତ, ରାସ୍ତା ଅବରୋଧ, ବିକ୍ଷୋଭ ଆଳରେ ହିଂସାକାଣ୍ଡ ଦ୍ୱାରା ସରକାରଙ୍କ ହାତ ମୋଡ଼ାଯାଇ ଯଦି ଆଇନ ନାକଚ ହୋଇପାରୁଛି ତାହେଲେ ପାର୍ଲିଆମେଣ୍ଟ, ସୁପ୍ରିମ କୋର୍ଟ, ପବ୍ଲିକ୍ ବିତର୍କର ଆବଶ୍ୟକତା କ'ଣ ? କୃଷି ଆଇନ ଏବେ ସୁଦ୍ଧା କାର୍ଯ୍ୟକାରୀ ହୋଇନି ଏବଂ ସୁପ୍ରିମ କୋର୍ଟରେ ବିଚାରଧୀନ। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ପ୍ରଶାସନିକ ସ୍ତରରେ ଏହି ଆଇନ୍‌ର ଉଚ୍ଛେଦ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଛି ଏବଂ ପାର୍ଲିଆମେଣ୍ଟର ଆସନ୍ତା ଶୀତ ଅଧିବେଶନରେ ଆବଶ୍ୟକ ସାମ୍ବିଧାନିକ କାର୍ଯ୍ୟାନୁଷ୍ଠାନ ହେବ।



ସ୍ୱାଧୀନତା ପରେ କୃଷିକ୍ଷେତ୍ରରେ ଆଖିଦୃଶିଆ ସଂସ୍କାର ଆଣିବାରେ ଏହି ଆଇନ ଥିଲା ପ୍ରଥମ ବିଧିବଦ୍ଧ ପଦକ୍ଷେପ। ଚାଷ ଉପରେ ନିର୍ଭରଶୀଳ ପରିବାର ବିଶେଷ କରି କ୍ଷୁଦ୍ର ଚାଷୀଙ୍କ (ସଂଖ୍ୟା ପ୍ରାୟ ୧୦କୋଟି) ରୋଜଗାର ବଢ଼ାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ବିଗତ ବର୍ଷରେ ଚାଷ ଓ ଚାଷୀଙ୍କ ସମ୍ବନ୍ଧରେ ଅନେକ ବିଶେଷଜ୍ଞ କମିଟି ଗଠିତ ହୋଇଛି। କିନ୍ତୁ ପ୍ରତିଶ୍ରୁତି ଓ ଦରଦଭରା ଶବ୍ଦରେ ସମବେଦନା ବ୍ୟତୀତ କେହି ଆନୁଷ୍ଠାନିକ ନିଷ୍ପତ୍ତି ନେଇନାହାଁନ୍ତି। ଦୃଢ଼ମନା ନହେଲେ ପ୍ରଚଣ୍ଡ କ୍ଷମତାଶାଳୀ ଶାସକ ବି ସମୂହ ସ୍ୱାର୍ଥ ପାଇଁ ବିରୋଧକୁ ଆଡେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସମ୍ଭବ ନୁହେଁ। ମୋଦି ଏହି ପେପରରେ ଫେଲ୍ ହୋଇଛନ୍ତି ଓ ପରିବର୍ତ୍ତନ ସମୟ ସହ ତାଳଦେଇ ଚାଲିବାର ଏକ ପ୍ରକ୍ରିୟା, କିନ୍ତୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ଆନ୍ଦୋଳନଜୀବୀଙ୍କ ପାଇଁ ଏହା ଅନୁକୂଳ ନୁହେଁ। ସେମାନେ 'ଯେମିତି ଅଛି ସେମିତି ଥାଉ, ଇତି ବାଞ୍ଛା ସାହୁ' ତତ୍ତ୍ୱରେ ବିଶ୍ୱାସ କରନ୍ତି। ପୃଥିବୀର ଯେଉଁଠି ପରିବର୍ତ୍ତନର ଦାବି ଉଠିଛି ସେମାନଙ୍କ ଉପସ୍ଥିତି ବାରି ହୋଇଯାଏ। ପଞ୍ଜାବ ଚାଷୀଙ୍କ ଦ୍ୱାରା ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ଏହାର ବ୍ୟତିକ୍ରମ ନୁହେଁ।

କୃଷି ଆଇନ୍‌ର ଉଦ୍ଦେଶ୍ୟ ଥିଲା ସରଳ ଓ ସ୍ପଷ୍ଟ-ଚାଷୀଙ୍କୁ ସ୍ୱାଧୀନତା, ଉତ୍ପାଦିତ ଫସଲକୁ ବିନା କଟକଣାରେ ଯାହାକୁ ଯେଉଁଠି ଇଚ୍ଛାମୁତାବକ ମୂଲ୍ୟରେ ବିକିବାର ଅଧିକାର। ଆଇନ୍‌ର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶୋଷଣକାରୀ ଏପିଏମ୍‌ସି ଆଇନ୍‌ର ପକ୍ଷଚ୍ଛେଦନ ଓ ଚାଷୀଙ୍କ ସହ ବିକାକିଣା କାରବାର ପାଇଁ ବେସରକାରୀ ଖରିଦଦାରଙ୍କୁ ଆଇନ୍‌ଗତ ଅନୁମତି। ଉଦାହରଣ ସ୍ୱରୂପ, ରାଜ୍ୟ ସରକାରଙ୍କ ଓଡ଼ିଶା ମାର୍କେଟ୍‌ରେ ବର୍ତ୍ତମାନ ଏକମାତ୍ର କ୍ଷମତାପ୍ରାପ୍ତ ଖରିଦଦାର, ସେ ଯେତେ ଇଚ୍ଛା ସେତେ ମଣ୍ଡି ଓ ଗୋଦାମ ଖୋଲିପାରିବେ। ଧାନ ରାଜ୍ୟରେ ମୁଖ୍ୟ ଫସଲ ଓ ଚାଷୀ ସ୍ୱାଭାବିକ ଚାହାଁନ୍ତି ସରକାର ସବୁ କିଣନ୍ତୁ। କିନ୍ତୁ ଏହା ସମ୍ଭବ ନୁହେଁ। ସରକାର ତମାମ ଉତ୍ପାଦିତ ଫସଲ କିଣି କରିବେ କ'ଣ ? ତେଣୁ ଗରିବଙ୍କୁ ଶସ୍ତା ଖାଦ୍ୟ ଯୋଜନାରେ ଆବଶ୍ୟକ ପରିମାଣ କିଣିବା ପରେ ସରକାରୀ ମଣ୍ଡି ବନ୍ଦ ହୋଇଯାଏ। ଏହା ପରର ବାର୍ଷିକ ଦୃଶ୍ୟ ସହ ସମସ୍ତେ ପରିଚିତ, ମଣ୍ଡି ବାହାରେ ଦିନ ଦିନ ଧରି ଖରା, ବର୍ଷା, କାକରରେ ଚାଷୀଙ୍କ ଧାରଣା ଓ ବିକ୍ଷୋଭ ଚାଲେ। ଶୁଣିବାକୁ କେହି ନାହିଁ। ଏପିଏମ୍‌ସି ନିୟମ ଅନୁସାରେ, ପଡୋଶୀ ରାଜ୍ୟରୁ ଚାହିଁଲେ ବି କେହି ଓଡ଼ିଶାରୁ ଫସଲ କିଣିପାରିବେନି କିମ୍ବା ଓଡ଼ିଶା ଓଡ଼ିଶା ଚାଷୀ ସେଠାରେ ବିକିପାରିବେନି। ୨୦୧୮-୧୯ ଷ୍ଟାଣ୍ଡିଙ୍ଗ କମିଟି ରିପୋର୍ଟ ଅନୁଯାୟୀ, ଏପିଏମ୍‌ସି 'ରାଜନୀତି' ଓ ଦୁର୍ନୀତିର ଆଡ୍ଡା, ଏକଚାଟିଆ ବେପାରୀ ଓ ଦଲାଲଙ୍କ ପେଣ୍ଠସ୍ଥଳୀ।

ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ପରେ କନ୍ଧମାଳ, କେନ୍ଦୁଝରର ଟମାଟୋ ଚାଷୀ, କୋରାପୁଟର ମକା ଅବା ସମ୍ବଲପୁର, ଝାରସୁଗୁଡା, ବରଗଡର ଧାନଚାଷୀଙ୍କ ଭଳି ଦେଶର ପ୍ରାୟ କୋଟି କୋଟି କ୍ଷୁଦ୍ର ଚାଷୀଙ୍କୁ ୬୦ ବର୍ଷରୁ ଅଧିକ ସେହି ପୁରୁଣା ଶୋଷଣକାରୀ ବ୍ୟବସ୍ଥାରେ ସନ୍ତୁଷ୍ଟ ହେବାକୁ ପଡିବ। ଏମ୍.ଏସ୍. ସ୍ୱାମୀନାଥନଙ୍କ ରିପୋର୍ଟ ଅନୁଯାୟୀ, କୃଷି ମାର୍କେଟ୍‌ରେ ଘରୋଇ ଖରିଦଦାରିଙ୍କ ପ୍ରବେଶ ଓ ପୁଞ୍ଜି ବିନିଯୋଗ ଦ୍ୱାରା ସମ୍ଭବ।

ସବୁଠୁ ଆଶ୍ଚର୍ଯ୍ୟର କଥା, ସବୁଜ ବିପ୍ଳବର ପରୀକ୍ଷାଗାର ଯେଉଁ ପଞ୍ଜାବକୁ ଦେଶର ଅନ୍ନଦାତା ବୋଲି କୁହାଯାଏ, ସେହି ରାଜ୍ୟର ଚାଷୀ ପ୍ରଚଳିତ ବ୍ୟବସ୍ଥାରେ ସବୁଠୁ ଅଧିକ ଶୋଷିତ ଓ କ୍ଷତିଗ୍ରସ୍ତ। ସେଠାରେ ଚାଷୀଙ୍କୁ ମାଗଣାରେ ବିଜୁଳି, ଶସ୍ତାରେ ସାର, ବିହନ ମିଳେ। କେନ୍ଦ୍ର ସରକାର ବର୍ଷକୁ ଏମ୍‌ଏସ୍‌ପି ଦରରେ କିଣୁଥିବା ଗହମ ଓ ଧାନର ସିଂହଭାଗ ଆସେ ପଞ୍ଜାବାରୁ। ଏତେ ସୁବିଧା ଅନ୍ୟ ରାଜ୍ୟର ଚାଷୀଙ୍କ ପାଇଁ ସ୍ୱପ୍ନ। ଏହା ସତ୍ତ୍ୱେ ସେଠାରେ ଅବସ୍ଥା କହିଲେ ନସରେ, ମୋଟ୍ ଋଣ ପରିମାଣ, ହିସାବ ଅନୁଯାୟୀ ୧ଲକ୍ଷ କୋଟି ଟଙ୍କାରୁ ଅଧିକ, ରାଜ୍ୟରେ ପ୍ରତି ୩୯ଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରନ୍ତି। ତାହେଲେ ଏତେସବୁ ମୁନାଫା କାହା ପକେଟ୍‌କୁ ଯାଏ ? ପଞ୍ଜାବରେ ସେମାନଙ୍କ ସଂଖ୍ୟା ୨୮,୦୦୦ରୁ ଅଧିକ, ଅନ୍ୟ ରାଜ୍ୟରେ ବି ଅଛନ୍ତି। ନୂଆ କୃଷି ଆଇନ୍ ଆସିବା ପରେ ଦଲାଲମାନେ ନିଶ୍ଚିହ୍ନ ହେବା ଭୟରେ ଆତଙ୍କିତ ଥିଲେ।

ପ୍ରଧାନମନ୍ତ୍ରୀ ଘୋଷନା ସେମାନଙ୍କୁ ନୂଆ ଜୀବନ ଦେଇଛି। କୃଷି ଆଇନ୍‌ରେ ପଛଘୁଞ୍ଚା ସରକାରଙ୍କ ଏକ 'ପରିକଳ୍ପିତ ପଦକ୍ଷେପ' (ଟାକଟିକାଲ ଷ୍ଟ୍ରାଟେଜି) ବୋଲି କେହି କେହି କହୁଥିଲେ ମଧ୍ୟ ମୋଦିଙ୍କ ନିଷ୍ପତ୍ତି ବିଜେପି, ଜିଏସ୍‌ଟି, କାଶ୍ମୀର ବାବଦରେ ସମ୍ବିଧାନରୁ ଧାରା ୩୭୦ର ଉଚ୍ଛେଦ ଇତ୍ୟାଦି ଗଲା ୭ ବର୍ଷରେ ଅନେକ ପଦକ୍ଷେପ ଏହାର ପ୍ରମାଣ। ୧୯୯୧ ମସିହାରେ ପ୍ରଧାନମନ୍ତ୍ରୀ ପି.ଭି.ଏନ୍.ନରସିଂହ ରାଓ ଉଦାରୀକରଣ ନୀତି ଜରିଆରେ ବେସରକାରୀ ଶିଳ୍ପକୁ ପ୍ରୋତ୍ସାହନ ଦେଲା ଭଳି କୃଷି ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଗବେଷକମାନେ ବିବେଚନା କରନ୍ତି। ତା'ହେଲେ ମୋଦି କେଉଁ କାରଣରୁ ବିରୋଧୀଙ୍କ ପାଖରେ ମୁଣ୍ଡ ନୁଆଁଇଲେ ? ଏହାର ଉତ୍ତର ଅବଶ୍ୟ ରହସ୍ୟାବୃତ୍ତ। କୁହାଯାଉଛି, କିଛି ମାସ ପରେ ଉତ୍ତର ପ୍ରଦେଶ, ପଞ୍ଜାବର ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନରେ ରାଜନୈତିକ ଫାଇଦା ଲାଭରେ ମୋଦି ଚାଷୀଙ୍କ ସ୍ୱାର୍ଥକୁ ବଳି ଦେଇଛନ୍ତି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂହ ବିଜେପି ସହ ମେଣ୍ଟ କରିବେ ବୋଲି ଘୋଷଣା କରିଛନ୍ତି। ନିର୍ବାଚନ ଫସଲ ଦଲାଲମାନେ 'ବିଜେପି କ୍ଷମତାକୁ ଫେରିଲେ କୃଷି ଆଇନ ପୁଣି ଲାଗୁ କରିବ' ବୋଲି ମିଳିତ ପ୍ରଚାର କରିବେ ଓ ଇତିମଧ୍ୟରେ ଆନ୍ଦୋଳନରେ ମୃତ ବ୍ୟକ୍ତିଙ୍କୁ କ୍ଷତିପୂରଣ, ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବି ଉଠିଲାଣି। କେତେକ ଆଉ ପାଦେ ଆଗକୁ ଯାଇ ମୁସଲିମ୍ ଭୋଟ ଆଶାରେ ନାଗରିକ ସଂଶୋଧନ ଆଇନ ଓ ଧାରା ୩୭୦ ଉଚ୍ଛେଦ ଆଇନ୍‌ର ପ୍ରତ୍ୟାହାର ଦାବି କଲେଣି। ନିର୍ବାଚନରେ ଏସବୁ ପ୍ରସଙ୍ଗ ହେବ।

ବିଜେପି ପ୍ରତି ଭୋଟରଙ୍କ ମନରେ ଭରଷା ସୃଷ୍ଟି କରିବାରେ ମୋଦି ଏକମାତ୍ର ନେତା। ତାଙ୍କ ଫଟୋଚିତ୍ର ଦେଖେଇ ପ୍ରାୟ ବିଜେପି ପ୍ରାର୍ଥୀ ନିର୍ବାଚନ ଜିଣନ୍ତି। କୃଷି ଆଇନ୍‌ର ପ୍ରତ୍ୟାହାର ମୋଦିଙ୍କ ଭାବମୂର୍ତ୍ତିରେ ଯଥେଷ୍ଟ ଆଞ୍ଚ ଆଣିଛି। ଦଳ ଭିତରେ ଅନେକ ଭାବୁଛନ୍ତି ପ୍ରଧାନମନ୍ତ୍ରୀ ଆଉ ସଂସ୍କାରମୂଳକ ନିଷ୍ପତ୍ତି ନେବାକୁ କୁଣ୍ଠିତ ହେବେ, ବିରୋଧୀମାନେ ତାଙ୍କୁ ସବୁ ପାଦରେ ବିରୋଧ କରି ସରକାର ନିକମା ବୋଲି ପ୍ରଚାର କରିବେ। କୃଷି ଆଇନ ବଳରେ କମ୍ପାନୀମାନେ ଚାଷୀଙ୍କ ଜମି ନେଇଯିବା ଅପପ୍ରଚାର ଆଇନ୍ ପ୍ରତ୍ୟାହାର ପୃଷ୍ଠଭୂମିରେ କାମ ଦେଇଛି ବୋଲି ବିରୋଧୀଙ୍କ ବିଶ୍ୱାସ, ଯଦିଓ ୨୦୧୯ ନିର୍ବାଚନ ଇସ୍ତାହାରରେ କଂଗ୍ରେସ ସମାନ ପ୍ରତିଶ୍ରୁତି ଦେଇଥିଲା। ମୋଦି ଭାଷଣରେ ଆଇନଜନିତ ଅସୁବିଧା ପାଇଁ ଲୋକଙ୍କୁ କ୍ଷମା ମାଗିଲେ ଏବଂ କିଛି ଲୋକଙ୍କୁ ବୁଝେଇବାରେ ଆମ ତପସ୍ୟା ବୋଧହୁଏ କମ୍ ହୋଇଗଲା ବୋଲି କହିଲେ। ରାଜନୀତି ସହ ସଂପର୍କ ନଥିବା ଅନେକ ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କର ମନ୍ତବ୍ୟ ତାଙ୍କ ଉଦାରତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଭିନ୍ନ ମତକୁ ସମ୍ମାନ ଦେବା ମାନସିକତାର ପ୍ରମାଣ ବୋଲି ବର୍ଣ୍ଣନା କରିଛନ୍ତି। କିନ୍ତୁ ଭୀଷ୍ମ ଅର୍ଜୁନଙ୍କୁ ନିଜର ମୃତ୍ୟୁଭେଦ କହିଲା ଭଳି ମୋଦିଙ୍କ ମନ୍ତବ୍ୟ ବିରୋଧୀଙ୍କୁ ବଳୀୟାନ କରିଛି।

ବିଶିଷ୍ଟ ଲେଖକ ଚେତନ ଭଗତଙ୍କ ଭାଷାରେ 'ନା ଆଇନ୍‌କୁ ପଢିଛନ୍ତି ନା ଅର୍ଥନୀତିକୁ ବୁଝିଛନ୍ତି' ନା ଚାଷୀଙ୍କ ପ୍ରତି ସେମାନଙ୍କର ଦରଦ ଅଛି। ସରକାରଙ୍କ ଚିନ୍ତାର ଅନ୍ୟତମ କାରଣ ହେଉଛି ଆନ୍ଦୋଳନ ପ୍ରତି କାନାଡା ସମେତ କେତେକ ରାଷ୍ଟ୍ରଙ୍କର ଅଯଥା ମନ୍ତବ୍ୟ। ଦେଶରେ ଅରାଜକତା ସୃଷ୍ଟି କରି ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କୁ ବଦନାମ କରିବାକୁ ଏହା ଏକ ଚାଲ୍ ବୋଲି ସନ୍ଦେହ କରାଯାଉଥିଲା। ମୋଦି ଏ ବିଷୟରେ କିଛି କହିବାକୁ ଉଚିତ୍ ଭାବିନାହାଁନ୍ତି, କିନ୍ତୁ ତାଙ୍କ ଭାଷଣର ଶେଷ ଭାଗରେ ଗୋଟିଏ ବାକ୍ୟ ଅତ୍ୟନ୍ତ ସୂଚନା ଦେଉଛି ଯେ, କୃଷି ଆଇନ୍ ପ୍ରତ୍ୟାହାରର କାରଣ ଯାହା କୁହାଯାଉଛି ତାହା ନୁହେଁ। ମୁଁ ଯାହା କରିଥିଲି ଚାଷୀଙ୍କ ପାଇଁ କରିଥିଲି, ଯାହା କରୁଛି ଦେଶ ପାଇଁ କରୁଛି' ସେ କହିଥିଲେ। କିନ୍ତୁ ଆନ୍ଦୋଳନ ରାଜନୀତିରେ ସବୁଠାରୁ କ୍ଷତିଗ୍ରସ୍ତ ଚାଷୀ ବେସ୍ କିଛି ସମୟ ପର୍ଯ୍ୟନ୍ତ, ବର୍ଷେ ମାସ ଆକଳନ କରିବା କଷ୍ଟ। ସେମାନଙ୍କୁ ନେତାଙ୍କ ପ୍ରତିଶ୍ରୁତିରେ ଖୁସି ରହିବାକୁ ପଡିବ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ନମସ୍ତେ ନମସ୍ତେ ମାଗୋ ସାଗର ଦୁଲଣୀ

॥ ଡଃ.ଅରୁନ୍ଧତୀ ଦେବୀ ॥

ମାଣବସା ଗୁରୁବାର ଓଡ଼ିଶାର ବା ଓଡ଼ିଆଙ୍କ ଏକାନ୍ତ ନିଜସ୍ୱ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଝୋଟି, ଧାନଶିଶା, ଆଙ୍ଗୁଠି ଚିତା ଯେଭଳି ଓଡ଼ିଆଙ୍କ ନିଜସ୍ୱ, ପିଠାପଣା, ପୂଜା ରୀତି ନୀତି ସେପରି ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଡ଼ିମାର ନିଦର୍ଶନ । ଏ ପୂଜାରେ ଜାତି ଅଜାତି ନାହିଁ । ବ୍ରାହ୍ମଣ ଠାରୁ ଚଣ୍ଡାଳ ଯାଏଁ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ । ମହାଲକ୍ଷ୍ମୀ ଆମ ହିନ୍ଦୁଘରର ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା । ଲକ୍ଷ୍ମୀପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ । ମାଣବସା ମଧ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି; କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା ଭଳି ଚାରି ବା ପାଞ୍ଚପାଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏନାହିଁ ।

ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଢ଼ି ଘରଦ୍ୱାର ସଫା ସୁତରା ରଖି ଚଳିବା କଥା, ସେହି ପରିବେଶ, ସେହିରୂପରେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି । ମାର୍ଗଶିର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ । ଅରୁଆ ଚାଉଳ ବଟା ପିଠଉ, ଡ଼ାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତୀ, ମୟୁର ଓଲଟ ଶୁଆ, ଧାନଶିଶା, ଜାତି ଜାତିକା ଆଙ୍ଗୁଠି ଚିତାମାନ ପକାନ୍ତି ଯେ ଦେଖିଲେ ଆଖି ଲାଖି ରହେ । ପୂର୍ବଦିନ ସନ୍ଧ୍ୟାରୁ ଝୋଟି ଚିତା ପକାଇବା ଆରମ୍ଭ ହୋଇଯାଇଥାଏ । ଗୁରୁବାର ସକାଳେ ବଡ଼ିଭୋରରୁ ସ୍ନାନକର୍ମ ସମାପନ ପରେ ଘରର ସ୍ତ୍ରୀ ଲୋକମାନେ ରନ୍ଧାକାର୍ଯ୍ୟରେ ଲାଗିଯାନ୍ତି । ଅମଳ ହୋଇଥିବା ଫସଲରୁ ଶୁକ୍ଳବର୍ଣ୍ଣ ଧାନ ଆଣି ନୂଆ ଗୌଣି ଧାନ ମାପ ପାତ୍ରରେ ବା ଖଟୁଲିରେ ରଖି ଧାନପେଣ୍ଡା ବା କେଣ୍ଡାକୁ ବେଣି ବା ବେଷ୍ଟିକରି ଥୋଇ ପୂଜା କରାଯାଏ । ରଙ୍ଗୀନ ପାଟଲୁଗାରେ ସେହି ଗୌଣି ବା ଖଟୁଲିକୁ ବୋହୂ ଭଳି ସଜାଇ ଆଖୁ, ମୂଳା, କଦଳୀ, ଛେନା, ନଡ଼ିଆ, ଭୋଗ କରାଯାଏ । ଅରୁଆ ଚାଉଳକୁ ବାଟି ଖଟୁଲି, ଦେବୀ ସ୍ଥାପନ ସ୍ଥାନ ଓ ଘର ଦୁଆରମାନଙ୍କରେ ଝୋଟି ଚିତା ପକାଯାଏ । ଧୂପ, ଦୀପାଦି ସହ ସୁସ୍ୱାଦୁ ବ୍ୟଞ୍ଜନ ନୈବେଦ୍ୟ ବଢ଼ାଯାଏ ।

ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କ ନିଜସ୍ୱ ରାନ୍ଧଣାର ନିଦର୍ଶନ । ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳାଶାଗ, ରାଇ, ସୋରିଷ ଶାଗ ରାଇ, ଚିତଉ ଚକୁଳି, ଖିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ି ପକା ମହୁର, ବେସର ନଡ଼ିଆ ପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା, କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟ ଆଡ଼େ ହୁଏ ନାହିଁ ।

ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କ ସାମାଜିକ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ବାରି ହୋଇ ପଡ଼େ । ଘରଣୀ ହେଉଛି ଘର । ଘରଣୀ ବିନା ଘରର କଳ୍ପନା କରାଯାଇପାରିବ ନାହିଁ । ଏପରିକି ବଡ଼ ଦେଉଳ ମଧ୍ୟ ଲକ୍ଷ୍ମୀଙ୍କ ବିନା ଛାରଖାର ହୋଇଯାଇଛି । ଜଗନ୍ନାଥ, ବଳଭଦ୍ରଙ୍କ ପରି ଦେବତା ମଧ୍ୟ ଦେହି ଦେହି ହୋଇ ବାରଦ୍ୱାର ତେର ପଦାଡ଼ ବୁଲିଛନ୍ତି । ପଦ୍ମପୋଖରୀରୁ ପାଣି ଶୁଖିଯାଇଛି । ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦୁଆର ଦୁଆର ବୁଲିଛନ୍ତି । ଯେଉଁଠି ନିଷ୍ଠା, ପବିତ୍ରତା ଦେଖିଛନ୍ତି, ସେଇଠି ସନ୍ତୁଷ୍ଟ ହୋଇ ଆପେ ଆପେ ଯାଚି ବରଦାନ କରିଛନ୍ତି । ଏ ବ୍ରତରେ ଜାତିଭେଦ ନାହିଁ । ଲକ୍ଷ୍ମୀ ପୁରାଣର ଏହି ମାର୍ମିକ କାହାଣୀ ପ୍ରତ୍ୟେକ ଘରେ ଏହିଦିନ ପାଠ କରାଯାଏ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନୀରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଏଲ୍‌ଜି ଚଣ୍ଡୀପ୍ରସାଦ ମହାନ୍ତିଙ୍କୁ ପିଭିଏସ୍‌ଏମ୍

॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥

ଏବେ ସାରା ରାଜ୍ୟ ତଥା ଜଗତସିଂହପୁର ଜିଲ୍ଲାରେ ଖୁସିର ଲହରୀ। ଭାରତୀୟ ସ୍ଥଳସେନାର ଉପମୁଖ୍ୟ ଓଡିଆ ପୁଅ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତିଙ୍କୁ ମଙ୍ଗଳବାର ସମ୍ମାନ ଜନକ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍‌ଏମ୍) ରେ ଆଭୁଷିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ରାଷ୍ଟ୍ରପତି ଭବନରେ ଆୟୋଜିତ ସେନା ପୁରସ୍କାର ପ୍ରଦାନ ସମାରୋହରେ ତାଙ୍କୁ ଏହି ସମ୍ମାନ ମିଳିଛି । ଏଥିପାଇଁ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ଏଲଜି ଚଣ୍ଡିପ୍ରସାଦ ପ୍ରଥମ ଓଡିଆ ଭାବେ ଭାରତୀୟ ସ୍ଥଳ ସେନାର ଉପମୁଖ୍ୟ ହୋଇଛନ୍ତି। ଏଥିସହିତ ସେ ସେନାର ୪୨ତମ ଉପମୁଖ୍ୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଚଳିତବର୍ଷ ଫେବୃଆରୀ ୧ ତାରିଖରେ ସେ ଏହି ଦାୟିତ୍ୱ ଗ୍ରହଣ କରଥିଲେ। ଚଣ୍ଡୀପ୍ରସାଦ ଦୀର୍ଘ ୩୮ ବର୍ଷ କ୍ୟାରିଅରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ମହାନ୍ତି ସେନାର ଦକ୍ଷିଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଙ୍ଗ୍ ଇନ୍-ଚିଫ ଥିଲେ। କୁହାଯାଏ-ନିରବଚ୍ଛିନ୍ନ ପ୍ରୟାସ ଓ କଠିନ ପରିଶ୍ରମ କେବେ ବ୍ୟର୍ଥ ଯାଏ ନାହିଁ। ଏହାହିଁ ଅବଧାରିତ ସତ୍ୟ । ଏହି କଥାକୁ ନିଜ ଜୀବନରେ ପ୍ରମାଣିତ କରିଛନ୍ତି ଚଣ୍ଡୀପ୍ରସାଦ।

ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଜୟବଡ ଗ୍ରାମରେ ଚଣ୍ଡୀପ୍ରସାଦଙ୍କ ଜନ୍ମ। ତାଙ୍କ ପିତା ଜିତେନ୍ଦ୍ର କୁମାର ମହାନ୍ତି ପ୍ରଶାସନିକ ଅଧିକାରୀ ଓ ମାଆ ଶାରଦା ମହାନ୍ତି ଜଗତସିଂହପୁର ଏସ୍‌ଭିଏମ କଲେଜରେ ଅଧ୍ୟାପିକା ଥିଲେ । ବାଲ୍ୟକାଳରୁ ସେ ଜଣେ ମେଧାବୀ ଛାତ୍ରଥିଲେ। ସ୍ଥାନୀୟ ବାଗସାହି ୟୁପି ସ୍କୁଲରୁ ଶିକ୍ଷା ସମାପ୍ତ ପରେ ଚଣ୍ଡୀପ୍ରସାଦ ଡେରାଡୁନସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ନାମ ଲେଖାଇଥିଲେ । ଏଠାରୁ ଶିକ୍ଷା ସମାପ୍ତପରେ ସେ ଏନଡିଏରେ ଯୋଗଦେଇଥିଲେ । ଭାରତୀୟ ସ୍ଥଳ ସେନାର ଉପମୁଖ୍ୟ ପଦ ପାଇଁ ତାଙ୍କ ନାମ ଘୋଷଣା ପରେ ସେ ଝଙ୍କଡବାସିନୀ ମା'ସାରଳାଙ୍କ ଦର୍ଶନ କରିବାକୁ ଆସିଥିଲେ। ସେଠାରୁ ଜୟବଡସ୍ଥିତ ନିଜ ଘରକୁ ଆସି ପରିବାର, ପଡୋଶୀ ଓ ସାଙ୍ଗ ସାଥୀଙ୍କ ସହ କିଛି ସମୟ ବିତାଇଥିଲେ। ଏହି ସମୟ ଭିତରେ ତାଙ୍କୁ ଅଭିନନ୍ଦନ ଜଣାଇବା ଓ ଭେଟିବା ପାଇଁ ତାଙ୍କ ବାସ ଭବନରେ ସବୁ ବର୍ଗର ଲୋକଙ୍କ ଭିଡ ଜମିଥିଲା। ସେମାନଙ୍କ ସହ ଆଲୋଚନା ସମୟରେ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ- 'ନିଜ ଜନ୍ମ ମାଟିକୁ ଆସି ପରିବାର ଓ ପଡୋଶୀଙ୍କ ସହ ମିଶି ବହୁତ ଖୁସି ଲାଗିଲା। ମୁଁ ଏହିଠାରେ ଜନ୍ମ ନେଇଛି, ପଢିଛି ଓ ବଢିଛି। ନିଜ ଲୋକଙ୍କ ସହ ମିଶିବାର ମଜା ନିଆରା। ମାଆ ଥିଲେ ବହୁତ ଖୁସି ହୋଇଥାନ୍ତେ ବୋଲି ସେ କହିଥିଲେ'।

ଏଠାରେ ସୂଚନାଯୋଗ୍ୟ ଯେ, ୱେଲିଂଟନ୍‌ସ୍ଥିତ ଡିଫେନ୍ସ ସର୍ଭିସ୍ ଷ୍ଟାଫ କଲେଜରେ ସ୍ନାତକ ଶେଷ କରିବ ସେ ୧୯୮୨ ମସିହାରେ ରାଜପୁତ ରେଜିମେଣ୍ଟରେ ସେକେଣ୍ଡ ଲେଫ୍ଟନାଣ୍ଟ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ସେ ପଛକୁ ଫେରି ଚାହିଁନାହାଁନ୍ତି । ତା ପରର ଘଟଣା ହେଉଛି ସର୍ଣ୍ଣାଭ ଇତିହାସ। ପରବର୍ତ୍ତୀ କାଳରେସେ ଜାମ୍ମୁ-କାଶ୍ମୀରରେ ଓ ଉତ୍ତର-ପୂର୍ବାଞ୍ଚଳରେ ସେନା ବାହିନୀରେ ନେତୃତ୍ୱ ନେବା ସହିତ ମିଲିଟାରୀ ସେକ୍ରେଟାରୀ ଓ ଆର୍ମଡ୍ ବ୍ରିଗେଡ୍‌ରେ ମଧ୍ୟ କାମ କରିଛନ୍ତି । ପ୍ରତିରକ୍ଷା ବାହିନୀର ୩୮ ବର୍ଷର ଅଭିଜ୍ଞତା ତାଙ୍କ ପାଖରେ ରହିଛି । ପ୍ରତିରକ୍ଷା କ୍ଷେତ୍ରରେ ଏମ୍‌ଫି ଓ ଦୁଇ ମାଷ୍ଟରଡିଗ୍ରି ହାସଲ କରିଥିବା ମହାନ୍ତି ଦକ୍ଷିଣ ଏସିଆ ଉତ୍ତର ପୂର୍ବ ଭାରତ ଉପରେ ବ୍ୟାପକ ଅନୁଧ୍ୟାନ କରିଛନ୍ତି । ଆସାମରେ ଉଲ୍ଫା ହିଂସା କୁ ଦମନକରି ଶାନ୍ତି ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଏତଦ୍ ବ୍ୟତୀତ କିଛିଦିନ ଧରି ସେ କଙ୍ଗୋ ସାଧାରଣତନ୍ତ୍ରରେ ଜାତିସଂଘ ବ୍ରିଗେଡ୍‌ର କମାଣ୍ଡର ଥିଲେ। ସିଚେଲସ ସରକାରଙ୍କ ସାମରିକ ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟ କରିବାରେ ତାଙ୍କ ଅଭିଜ୍ଞତା ରହିଛି। ସେ ଭାରତ-ଚୀନ ସୀମା ଓ ଆସାମରେ ମାଉଣ୍ଟେନ୍ ବ୍ରିଗ୍ରେଡ୍ କମାଣ୍ଡର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟସ୍ଥିତ ଇଣ୍ଟିଗ୍ରେଟେଡ୍ ହେଡ୍‌କ୍ୱାର୍ଟର୍ସର ଅପରେସନାଲ୍ ଲିଜିଷ୍ଟିକ୍ସ୍ ଏବଂ ଷ୍ଟ୍ରାଟେଜିକ୍ ମୁଭ୍‌ମେଣ୍ଟର ମହାନିର୍ଦ୍ଦେଶକ ଥିଲେ। ଡୋକ୍‌ଲାମ ସଂଘର୍ଷ ପରେ ଲେଫ୍ଟନାଣ୍ଟ ଜେନେରାଲ ମହାନ୍ତିଙ୍କୁ ଇଷ୍ଟର୍ଣ୍ଣ କମାଣ୍ଡ ଅନ୍ତର୍ଗତ ୩୩ କରର୍ କମାଣ୍ଡ ଭାବେ ନିଯୁକ୍ତି ମିଳିଥିଲା। ଏହାପରେ ସେ ଉତ୍ତର ଭାରତ ଏରିଆର ଜିଓସି ରୂପେ ବରେଲିଠାରେ ଅବସ୍ଥାପିତ ହୋଇଥିଲେ। ଜେନେରାଲ ଚଣ୍ଡୀପ୍ରସାଦ ମାହାନ୍ତି କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଆସିଛନ୍ତି। ସେଥିପାଇଁ ସେ ୨୦୦୯ ମସିହାରେ ବିଶିଷ୍ଟ ସେବା ମେଡାଲ୍, ୨୦୧୧ରେ ସେନା ମେଡାଲ ଓ ୨୦୧୬ରେ ଅତିବିଶିଷ୍ଟ ସେବା ମେଡାଲ ପାଇଛନ୍ତି।ଏହା ତାଙ୍କ ପାରିବାପଣିଆର ଗୋଟିଏ ଗୋଟିଏ ନମୁନା ।


ଚଣ୍ଡୀପ୍ରସାଦ ମହାନ୍ତି

ଏହି ସମୟ ମଧ୍ୟରେ ଭୁବନେଶ୍ୱର ସୈନିକ ସ୍କୁଲରେ ପରିଦର୍ଶନରେ ଆସି ସେ ଛାତ୍ରଛାତ୍ରୀଙ୍କ ସହ ମନର କଥା କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସୈନ୍ୟ ବାହିନୀରେ ପ୍ରତି ଗାଁରୁ ଜଣେ ଲେଖାଏଁ ଯୁବକ ଯୋଗ ଦେବା ଉଚିତ୍ ବୋଲି କହିଥିଲେ ଚଣ୍ଡୀପ୍ରସାଦ । ଏଠାରେ ସୈନ୍ୟ ବାହିନୀରେ ଯୋଗ ଦେବା ପାଇଁ କୌଣସି ପ୍ରଶିକ୍ଷଣ ବ୍ୟବସ୍ଥା ନାହିଁ। ତେଣୁ ପିଲାମାନଙ୍କୁ ଜଣା ନାହିଁ କଣ କେମିତି ପ୍ରସ୍ତୁତ ହେବେ। କେବଳ ସୈନିକ ସ୍କୁଲରେ ଏହି ପ୍ରଶିକ୍ଷଣ ବ୍ୟବସ୍ଥା ରହିଛି। ସୈନ୍ୟ ବାହିନୀ ପକ୍ଷରୁ ମଧ୍ୟ ଏପରି କରାଯାଇପାରିବ ନାହିଁ। ତେବେ ରାଜ୍ୟ ସରକାର ଚାହିଁଲେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜିତ କରି ସୈନ୍ୟ ବାହିନୀରେ ଯୋଗ ଦେବାକୁ ଆଶାୟୀ ପିଲାମାନଙ୍କୁ ଦୌଡିବା, ଚଢିବା ଓ ପହଁରିବା ଶିକ୍ଷା ଦେଇପାରିବେ। ଏହି ସବୁ ଶାରୀରିକ ପରୀକ୍ଷାରେ ପାସ୍ କରିବା ପରେ ଲିଖିତ ପରୀକ୍ଷା ଦେବେ। ସେଥିରେ ପାସ୍ କରିବା ପରେ ମେଡିକାଲ୍ ଟେଷ୍ଟରେ ପାସ୍ ହେଲେ ସୈନ୍ୟ ବାହିନୀରେ ଯୋଗଦେଇ ପାରିବେ। ଏହା ଏକ ଲମ୍ବା ପ୍ରକ୍ରିୟା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୃଢ଼ ଇଚ୍ଛା ଶକ୍ତି ସହ ଦେଶ ସେବା କରିବା ପାଇଁ ମନବୃତ୍ତି ଉଦ୍ରେକ ହେବା ଦରକାର। ସେ ପୁଣି କହିଥିଲେଯେ, ଦେଶ ସେବା ପାଇଁ ସୈନ୍ୟ ବାହିନୀରେ କାମ କରିବାରେ ଯେଉଁ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ ।

ମଣିଷ ଜୀବନ କେବଳ ବର୍ଷ, ମାସ ଓ ଦିନ ମଧ୍ୟରେ ସୀମିତ ନୁହେଁ। କର୍ମ ହିଁ ଜୀବନର ମାନ ଦଣ୍ଡ। ଯିଏ ଯେଉଁ ବୃତ୍ତିରେ ଥାଉ ନା କାହିଁକି ଦେଶ ପାଇଁ ସେବା କରିବା ବିଶେଷକରି ସେନା ବିଭାଗରେ କାମ କରିବାର ସୁଯୋଗ ସମସ୍ତ ଭାଗ୍ୟରେ ନଥାଏ।ଏବେ ପରମ ବିଶିଷ୍ଟ ସେବା ମେଡାଲ ପାଇବା ପରେ ତାଙ୍କ ଦାୟିତ୍ୱ ଆହୁରି ବଢିଯାଇଛି । ନୂତନ ସମ୍ମାନ ତାଙ୍କୁ ଆହୁରି ଅଧିକ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାରେ ସହାୟକ ହେଉ ଏହାହିଁ ଜଗତରନାଥ ଜଗନ୍ନାଥ ଓ ମା'ସାରଳାଙ୍କ ନିକଟରେ ପ୍ରାର୍ଥନା।

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ-୯୯୩୭୧୫୧୦୫**

# ମଣିଷର ସେବା ହିଁ ଈଶ୍ୱରଙ୍କ ଅର୍ଚ୍ଚନା:ରାଜ୍ୟପାଳ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମଣିଷର ସେବାରୁ ଯେଉଁ ନିର୍ମଳ ଆନନ୍ଦ ମିଳେ, ତାହା ଅନ୍ୟ କେଉଁ କାର୍ଯ୍ୟରୁ ମିଳେ ନାହିଁ। ମଣିଷର ସେବା ହିଁ ଈଶ୍ୱରଙ୍କ ଅର୍ଚ୍ଚନା। ଏହା ଆମ ସଂସ୍କୃତି ଓ ପରମ୍ପରାର ଶିକ୍ଷା ଓ ଦୀକ୍ଷା। ମାନବବାଦକୁ ଆଧାର କରି ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ପାଳନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି।

ରାଜଭବନରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂଗଠନର ନବନିଯୁକ୍ତ ସଭାପତି ଓ ଉପସଭାପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା ସଂଗଠନର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଲାଲ କହିଲେ ଯେ, ବସ୍ତୁ ବୋଲି କିଛି ନାହିଁ। ଏହା ଚେତନାର ରୂପାନ୍ତର। ସେହି ଚେତନାର ଅନୁଭବ ଓ ଉପଲବ୍ଧି ମଣିଷକୁ ଉର୍ଦ୍ଧ୍ୱମୁଖୀ କରାଇଥାଏ। ପ୍ରତ୍ୟେକ ଏକ ଉତ୍ସରୁ ଆସିଥିବାରୁ ସମତା ଭାବରେ ଆପ୍ଳୁତ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ବିଧାୟକ ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସଭାପତି ଭାବରେ ଏବଂ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, 'ସମାଜ'ର ପ୍ରକାଶକ ନିରଞ୍ଜନ ରଥ, ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା, ଅବସରପ୍ରାପ୍ତ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ଟି. ପ୍ରସାଦ ରାଓ ରାଜ୍ୟ ଉପସଭାପତି ଭାବରେ ଶପଥ ଗ୍ରହଣ କରିଥିଲେ।

ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିସ୍ରଯର ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜଭବନର ବରିଷ୍ଠ ଅଧିକାରୀଙ୍କ ସମେତ ସଂଗଠନର କର୍ମକର୍ତ୍ତାମାନେ ଉତ୍ସବରେ ଉପସ୍ଥିତ ଥିଲେ।




## ସିଏମ୍‌ସି କଲ୍ୟାଣ ମଣ୍ଡପରେ ଠକାମୀ

# ଅବସରପ୍ରାପ୍ତ ଡେପୁଟି ସଚିବଙ୍କ ନାଁରେ ଏତଲା !

**କଟକ(ସଂପର୍କବାର୍ତ୍ତା):-** ମହାନଗର ନିଗମ ପକ୍ଷରୁ ପୁରୀଘାଟ ଥାନାରେ ସିଏମ୍‌ସିର ଅବସରପ୍ରାପ୍ତ ଡେପୁଟି ସଚିବଙ୍କ ନାମରେ ଏତଲା ଦିଆଯାଇଛି । ଲୋକାଯୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏହି ଏତଲା ଦିଆଯାଇଥିବାର ଏକ ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି। ସିଏମ୍‌ସିର କଲ୍ୟାଣମଣ୍ଡପ ବୁକିଂରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରକାର ଅନିୟମିତତା କରାଯାଇ ଦେଢ଼କୋଟିରୁ ଅଧିକ ଟଙ୍କାର ଆତ୍ମସାତ୍ କରାଯାଇ ଥିବାର ୨୦୧୪-୧୫ର ଅଡିଟ୍‌ରେ ଧରା ପଡ଼ିଥିଲା। ସେତେବେଳେ କଲ୍ୟାଣମଣ୍ଡପ ଦାୟିତ୍ୱରେ ଥିବା ଡେପୁଟି ସଚିବ ନିର୍ମଳ ନାୟକଙ୍କ ଇଙ୍ଗିତରେ ଏହି ଅନିୟମିତତା କରାଯାଇଥିବାର ଜଣା ପଡ଼ିଥିଲଣ। ଅଡିଟ୍ ଅନିୟମିତତା ଧରିବା ପରେ ନିଗମ ପକ୍ଷରୁ ଶ୍ରୀ ନାୟକଙ୍କ ବିରୋଧରେ ଥାନାରେ ମାମଲା ସେ ସମୟରେ କରାଯାଇ ନଥିଲଣ। ମାତ୍ର ଏବେ ତାଙ୍କ ଅବସରନେବାର ଦୀର୍ଘ ବର୍ଷ ପରେ ତାଙ୍କ ନାମରେ ପୁରୀଘାଟ ଥାନାରେ ଏତଲା ଦିଆଯାଇଥିବାର ସୂଚନା ରହିଛି। ଡିସେମ୍ବର ପ୍ରଥମ ସପ୍ତାହରେ ସିଏଜି ପକ୍ଷରୁ ନିଗମରେ ଅଡିଟ୍ ହେବାକୁ ଥିବା ବେଳେ ସରକାରଙ୍କ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାର ସାଧାରଣରେ ଆଲୋଚନା ହୋଇଛି। ସୂଚନାଯୋଗ୍ୟ, ସାଧାରଣ ଲୋକେ ବାହାଘର, ବ୍ରତଘର ପରି ବିଭିନ୍ନ ଉତ୍ସବ ପାଇଁ ସିଏମ୍‌ସିର କଲ୍ୟାଣମଣ୍ଡପକୁ ଟଙ୍କା ଦେଇ ବୁକ୍ କରିଥଶନ୍ତି। ମାତ୍ର ସେମାନଙ୍କୁ ଜାଲ୍ ରସିଦ୍ ଦେଇ ଦାୟିତ୍ୱରେ ଥିବା ଅଧିକାରୀ ଡେପୁଟି ସଚିବ ନିଗମରେ ଟଙ୍କା ଡିପୋଜିଟ୍ କରୁ ନଥିଲେ। ଦୀର୍ଘ ବର୍ଷ ଧରି ଏପରି ଘଟଣା ଚାଲି ଆସୁଥିବା ବେଳେ ଏହା କାହାରି ନଜରକୁ ଆସିନଥିଲା। ୨୦୧୪-୧୫ ବର୍ଷର ଅଡିଟ୍‌ରେ ଏହା ଧରା ପଡ଼ିଥିଲା। କଲ୍ୟାଣମଣ୍ଡପରେ ବିଭିନ୍ନ ଉତ୍ସବ ଆୟୋଜନ ଅବସରରେ ମଣ୍ଡପର ଜେନେରେଟର ଚାଲିବା ପାଇଁ ତେଲ ଉଠୁଥିଲା। ମାତ୍ର ସେହି ଦିନ କଲ୍ୟାଣମଣ୍ଡପର ବୁକିଂ ଖାତାରେ କୌଣସି ଉତ୍ସବ ଆୟୋଜନର ରେକର୍ଡ଼ ନଥିଲା। ଗୋଟିଏ ଦିନରେ ଜେନେରେଟର ପାଇଁ ତେଲ ଉଠିବା ଓ ବୁକିଂ ଖାତାରେ ସେହିଦିନ ଉତ୍ସବ ପାଇଁ କୌଣସି ରେକର୍ଡ଼ ନରହିବା ବିଷୟକୁ ଅଡିଟ୍ ଧରିଥିଲା। କଲ୍ୟାଣମଣ୍ଡପ ବୁକିଂରେ ଦେଢ଼ କୋଟିରୁ ଅଧିକ ଟଙ୍କାର ଅନିୟମିତତା କରାଯାଇଥିବାର ଜଣା ପଡ଼ିଥିଲା। ସେତେବେଳେ ସିଏମ୍‌ସି ପକ୍ଷରୁ ଶ୍ରୀ ନାୟକଙ୍କ ବିରୋଧରେ ଥାନାରେ ଏତଲା ଦିଆଗଲା ନାହିଁ କି ତାଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ମାତ୍ର ଏବେ ସରକାରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୋଧରେ ପୁରୀଘାଟ ଥାନାରେ ଏତଲା ଦିଆଯାଇଛି।

# ଜଗତ୍‌ସିଂହପୁରରୁ ବର୍ଷକୁ ୨୦ହଜାର ଗୋରୁ କୋଲକାତା ଚାଲାଣ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତ୍‌ସିଂହୁପର ଜିଲ୍ଲାରୁ ବର୍ଷକୁ ପ୍ରାୟ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଗୋରୁ କୋଲକାତା ଚାଲାଣ ହେଉଛନ୍ତି । ଜଗତ୍‌ସିଂହପୁର ଜିଲ୍ଲା ଓ କଟକ ଜିଲ୍ଲାର କେତେକ ଥାନାର ପୋଲିସ୍‌ର କାର୍ଯ୍ୟ ସନ୍ଦେହ ଘେରରେ ରହିଛି । ପ୍ରକାଶ ଥାଉକି, ଜଗତ୍‌ସିଂହପୁର ଜିଲ୍ଲା ସଦର ମହକୁମାରୁ ପ୍ରତ୍ୟେକ ହାଟପାଳି ରେ ୨୦୦ ଗୋରୁ ଜଇପୁର ଓ ରଘୁନାଥପୁର ଭାୟା ମାହାଳ ହାଟ ଦେଇ କୋଲକାତା ଚାଲଣ ହେଉଛନ୍ତି । ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ହାଟବାରିରେ ଖୋଲା ଖୋଲି ଭାବେ କଂଶେଇ ମାନେ ବିଭିନ୍ନ ଚାରି ଚକିଆ ଭ୍ୟାନ୍‌ରେ ଗୋରୁ ବୋଝେଇ କରି ଜଗତ୍‌ସିଂହପୁରରୁ ଜଇପୁର ଦେଇ ଏବଂ ଜଗତ୍‌ସିଂହପୁରରୁର ରଘୁନାଥପୁର ଦେଇ ମାହାଳ ହାଟ, ନିଶ୍ଚିତ କୋଇଲି, ସାଲେପୁର ଦେଇ, ଚଣ୍ଡିଖୋଲ ରାସ୍ତା ଦେଇ କୋଲକତା ଚାଲାଣ କରାଯାଉଅଛି। ଏହି ଗୋରୁ ଚାଲାଣ ସ୍ପଷ୍ଟ ଦିବା ଲୋକରେ ହେଉଥିଲେ ମଧ୍ୟ ଯେଉଁ ରାସ୍ତା ଦେଇ ଏହା ଚାଲାଣ ହେଉଛି ସେହି ଅଂଚଳର ଥାନା ଓ ଫାଣ୍ଡି ପୋଲିସ୍ ନିରବ ରହୁଥିବାରୁ ସେମାନଙ୍କର କାର୍ଯ୍ୟ କଳାପ ପ୍ରତି ଜନସାଧାରଣ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ବର୍ଷ ବର୍ଷ ଧରି ଏହି ଗୋରୁ ଚାଲାଣ କରାଯାଉଥିଲେ ମଧ୍ୟ କୌଣସି ଥାନା ବା ଫାଣ୍ଡି ପୋଲିସ୍ ଏହି ଚୋରା ଚାଲାଣ ହେଉଥିବା ଗୋରୁ ବୋଝେଇ ଗାଡିକୁ ଅଟକାଇ ଜବତ କରୁନାହାଁନ୍ତି କାହିଁକି ତାହାହିଁ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠାରେ ସୂଚନା ଯୋଗ୍ୟ ପ୍ରତ୍ୟେକ ଗୋରୁ ବୋଝେଇ ଗାଡିରେ ଜଣେ ଜଣେ ଅସାମାଜିକ ଯୁବକ ମାରାଣାସ୍ତ୍ର ସାଙ୍ଗରେ ଧରି ନେଉଛନ୍ତି । ଏହି ଗାଡିକୁ ଅଟକାଇବା ପାଇଁ ଜନସାଧାରଣ ସାହାସ କରୁନାହାଁନ୍ତି । କାରଣ ଗତବର୍ଷ ଜଗତ୍‌ସିଂହପୁରରୁ କୋଲକତା ଭାୟା ଜଇପୁର ଦେଇ ଆସୁଥିବା ଏକ ଗୋରୁ ବୋଝେଇ ଟ୍ରକକୁ ବଜରଙ୍ଗ ଦଳର କେତେକ କର୍ମୀ ଅଟକାଇଥିଲେ। ମାତ୍ର ଉକ୍ତ ଗୋରୁ ବୋଝେଇ ଟ୍ରକରେ ଥିବା ଅସାମାଜିକ ଗୁଣ୍ଡା ମାନଙ୍କ ଆକ୍ରମଣରେ ବଜରଙ୍ଗ ଦଳର କର୍ମୀମାନେ ଗୁରୁତର ହୋଇଥିଲେ । ଏହା ଦେଖି ସ୍ଥାନୀୟ ଜନସାଧାରଣ ଶହ ଶହ ସଂଖ୍ୟାରେ ଆସି ଉକ୍ତ ଗୋରୁ ବୋଝେଇ ଟ୍ରକକୁ ଅଟକାଇ ଏଥିରେ ଥିବା ଗୁଣ୍ଡା ମାନଙ୍କୁ ଧରି ତିର୍ତ୍ତୋଲ ଥାନା ପୋଲିସ୍ ଜିମା ଦେଇଥିଲେ । ମାତ୍ର ଏହି ଘଟଣା ଘଟିବାରୁ ଅଳ୍ପ ଦିନ ପରେ ଯଥା ପୂର୍ବ ତଥା ପରଂ ଅବସ୍ଥା ସୃଷ୍ଟି ହୋଇଛି । ପୂର୍ବଭଳି ଜଗତ୍‌ସିଂହପୁର ଜିଲ୍ଲାରୁ ପ୍ରତି ହାଟ ପାଳିରେ ୨୦୦ ରୁ ଉର୍ଦ୍ଧ୍ୱ ଗୋରୁ କୋଲକୋତା ଚୋରା ଚାଲଣା ହେଉଛନ୍ତି । ଜଗତ୍‌ସିଂହପୁର ଥାନା ପୋଲିସ୍, ତିର୍ତ୍ତୋଲ ଥାନା ପୋଲିସ୍, ରଘୁନାଥପୁର ଥାନା ପୋଲିସ୍, ମାହାଳ ହାଟ ଫାଣ୍ଡି ପୋଲିସ୍, ନିଶ୍ଚିତ କୋଇଲି ଥାନା ପୋଲିସ୍, ସାଲେପୁର ଥାନା ପୋଲିସ୍, ଆଦି ଗୋରୁ ଗାଡି ଯାଉଥିବା ଥାନା ଅଂଚଳର ପୋଲିସ୍ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାଁନ୍ତି । ଯାହାଫଳରେ ଜଗତ୍‌ସିଂହପୁର ଜିଲ୍ଲାରୁ ବର୍ଷକୁ ପ୍ରାୟ ଲକ୍ଷାଧି ଗୋରୁ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଅଛି ।ଏଥି ପ୍ରତି ରାଜ୍ୟ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଏହି ଗୋରୁ ଚୋରା ଚାଲଣ ରୋକିବାକୁ ଏ ଅଂଚଳର ବୁଦ୍ଧିଜୀବି, ଗୋ ସୁରକ୍ଷା ବାହିନୀ, ବଜରଙ୍ଗ ଦଳ ଦାବୀ କରିଛନ୍ତି ।



ସଂପର୍କବାର୍ତ୍ତା
ନଭେମ୍ବର ୨୯ ରୁ ଡିସେମ୍ବର ୫, ୨୦୨୧, ଜଗତସିଂହପୁର
November 29 to December 5, 2021, Jagatsinghpur


# ସିଏମ୍‌ସି ମଶା ତେଲ ଟଙ୍କା କର୍ତ୍ତୃପକ୍ଷ କରୁଛନ୍ତି ଟଲୁ !

**କଟକ(ସଂପର୍କବାର୍ତ୍ତା):-** ସହରରେ ଏତେ ମଶା ଭଣଭଣ। ରାସ୍ତାରେ ଚାଲିଲେ ବି ମଶା ଗୋଡ଼ାଇଲା ଭଳି ସ୍ଥିତି। ମଶା ନିପାତ ପାଇଁ ସିଏମ୍‌ସି ପକ୍ଷରୁ ପ୍ରତି ସଂଧ୍ୟାରେ ଧୂଆଁ ଦେବାର ବ୍ୟବସ୍‌ଗଥା କରାଯାଇଥିବା ଦାବି କରାଯାଉଛି। ମାତ୍ର ସହରରେ ମଶାଙ୍କ ସଂଖ୍ୟା ଦେଖିଲେ ମଶା ଧୂଆଁ ଯୋଜନାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ମହାନଗର ନିଗମ ପକ୍ଷରୁ ମଶାର ପ୍ରତିକାର ପାଇଁ ଚଳିତ ମାସ ୧୦ ତାରିଖରୁ ପ୍ରତି ୱାର୍ଡ଼ରେ ମଶା ଧୂଆଁ ବା ଫଗିଙ୍ଗର ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ନଭେମ୍ବର ୧୦ରୁ ଡିସେମ୍ବର ୧ ତାରିଖ ମଧ୍ୟରେ ନିଗମର ୫୯ଟି ୱାର୍ଡ଼ରେ ଏହା କରିବାକୁ ଚିଠା ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରତି ୱାର୍ଡ଼କୁ ୨ଟି ହ୍ୟାଣ୍ଡ ମେସିନ ସହିତ ମେସିନ୍ ପିଛା ୧୦ ଲିଟର ଡିଜେଲ ଓ ୨ ଲିଟର ପେଟ୍ରୋଲ ମିଳୁଛି। ଏହା ସହିତ ପ୍ରତି ୱାର୍ଡ଼ ପାଇଁ ଦୁଇ ଜଣ ଧୂଆଁ ଦେବା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମଶା ଧୂଆଁ ପାଇଁ ପ୍ରତି ୱାର୍ଡ଼ ପିଛା ମୋଟ ୨୦ ଲିଟର ଡିଜେଲ ଓ ୪ ଲିଟର ପେଟ୍ରୋଲ ଦିଆଯାଉଛି। ୨୦ ଲିଟର ଡିଜେଲ ବାବଦକୁ ଆଜିର ତେଲ ଦରରେ ୧୮ ଶହ ୪୦ ଟଙ୍କା ଓ ୪ ଲିଟର ପେଟ୍ରୋଲ ବାବଦରେ ୪୦୮ ଟଙ୍କା ଖର୍ଚ୍ଚ ହେଉଛି। ଗୋଟିଏ ୱାର୍ଡ଼କୁ କେବଳ ତେଲ ବାବଦକୁ ୨୨ ଶହ ୪୮ ଟଙ୍କା ମିଳୁଛି। ଏହି ହାରେ ୫୯ଟି ୱାର୍ଡ଼ରେ ତେଲ ବାବଦରେ ଏକ ଲକ୍ଷ ୨ ହଜାର ୬୩୨ ଟଙ୍କା ଖର୍ଚ୍ଚ ହେବ। ଏହା ବ୍ୟତୀତ ଧୂଆଁ ଦେବାକୁ ୨ ଜଣ କର୍ମଚାରୀଙ୍କ ପିଛାରେ ଜଣକା ୩୧୫ ଟଙ୍କା ହିସାବରେ ୫୯ଟି ୱାର୍ଡ଼ ପାଇଁ ୩୭ ହଜାର ୧୭୦ ଟଙ୍କା ଖର୍ଚ୍ଚ ହେବ। ସେହିପରି ୱାର୍ଡ଼ରେ ଟିଫା ମେସିନ ବୁଲାଇବା ପାଇଁ ବ୍ୟବହାର ହେଉଥିବା ଗାଡ଼ିର ତେଲର ଅଲଗା ହିସାବ ରହିଛି। ମଶାଧୂଆଁ ବାବଦରେ ସିଏମ୍‌ସିର ୫୯ଟି ୱାର୍ଡ଼ରେ ତେଲ ଓ କର୍ମଚାରୀ ବାବଦରେ ୧ ଲକ୍ଷ ୭୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଉଛି। ମହାନଗର ନିଗମ ପକ୍ଷରୁ ଏହା ପୂର୍ବରୁ ଗତ ଅଗଷ୍ଟ ଓ ସେପ୍ଟେମ୍ବରରେ ପ୍ରତି ୱାର୍ଡ଼ରେ ବୁସ୍ କଟିଂ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ନିଗମ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମଶା ଧୂଆଁ ଓ ବୁସ୍ କଟିଂ କାମ କରାଯାଉ ଥିବା କୁହାଯାଉଥିବା ବେଳେ ମଶା ବଂଶ ବର୍ଦ୍ଧି ଚାଲିବା ଘଟଣା ଯୋଜନାର ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ସୃଷ୍ଟି କରୁଛି।

# ଜଗତସିଂହପୁର ମାଟିର ପୁଅ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତିଙ୍କୁ ବିଶିଷ୍ଟ ସେବା ମେଡ଼ାଲରେ ସମ୍ମାନିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ମାଟିର ପୁଅ ତଥା ସେନା ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡୀ ପ୍ରସାଦ ମହାନ୍ତିଙ୍କୁ ପରମ ବିଶିଷ୍ଟ ସେବା ମେଡ଼ାଲରେ ମହାମହିମ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ ସେନା ଉପମୁଖ୍ୟ ଲେଫ୍ଟନାଣ୍ଟଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତିଙ୍କୁ ଜଗତସିଂହପୁର ପୂର୍ବତନ ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, ପୂର୍ବତନ ନଗରପାଳ ତଥା ପିସି ସମ୍ପାଦକ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ୍, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରବିନ୍ଦ୍ର ନାଥ ମହାନ୍ତି, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ଜିଲ୍ଲା ଯୁବକଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ପ୍ରଧାନ, ପୂର୍ବତନ ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ସାହୁ, ରବିନ୍ଦ୍ର ଦାସ, ସଂଜିବ ସ୍ୱାଇଁ,



ମହିଳା କଂଗ୍ରେସ ସଭାପତି ମାନସୀ ନନ୍ଦ, ଯୁବକଂଗ୍ରେସ ନେତା ବାପୁ ନନ୍ଦ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ମହାନ୍ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ନବକୃଷ୍ଣଙ୍କ ଜୀବନୀ ଓ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା ଗାନ୍ଧିଜୀଙ୍କ ଆଦର୍ଶ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମହାନ୍ ବିପ୍ଳବୀ , ସର୍ବୋଦୟ ନେତା ,ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ଜଣେ ନିଷ୍ଠାପର କର୍ମୀ ତଥା ଓଡିଶାର ଦରିଦ୍ର, ଅବହେଳିତ, ନଷ୍ପେସିତ ବର୍ଗଙ୍କ ପ୍ରକୃତ ବନ୍ଧୁ। ସମ୍ଭ୍ରାନ୍ତ ଓ ଜମିଦାର ବଂଶର ବ୍ୟକ୍ତି ଥିଲେ ମଧ୍ୟ ସମାଜର ମୁଲିଆ ଓ ଦଳିତ ବର୍ଗର ଲୋକଙ୍କ ପାଇଁ ସେ ଜୀବନବ୍ୟାପି ସଂଗ୍ରାମ କରିଥିଲେ। ତାଙ୍କରି ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧକୁ ବୁଝି ଆଜିର ଯୁବପିଢି ରାଜ୍ୟ ଓ ଦେଶର ବିକାଶ ପାଇଁ ବ୍ରତୀ ହେବାକୁ ଆଜି ସଂଧ୍ୟାରେ ଜୟଦେବ ଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀରେ ଯୋଗଦେଇ ବକ୍ତାମାନେ ପ୍ରକାଶ କରିଛନ୍ତି।




ଉଭୟ ମଂଚ ଓ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ ଯେ, ନବକୃଷ୍ଣ ଚୌଧୁରୀ, ମହାତ୍ମା ଗାନ୍ଧିଙ୍କ ଜୀବନ ଓ ଆଦର୍ଶକୁ ପରୀକ୍ଷା ନିରୀକ୍ଷା କରି ନିଜ ଜୀବନରେ ଓ ଲୋକଙ୍କ ସେବାରେ ବ୍ରତୀ ଥିଲେ। କ୍ଷମତାର ଅହଂଭାବ, ଅହମିକା ତାଙ୍କର ନଥିଲା। ନବକୃଷ୍ଣ କଠୋର ଜୀବନଶୈଳୀ, ନିଷ୍ଠା ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ ଥିଲେ ବୋଲି ସେ ପ୍ରକାଶ କରିବା ସହିତ ଇତିହାସରେ ଜଣେ ମାନବବାଦୀ ଓ ଦରିଦ୍ର ଲୋକଙ୍କ ହୃଦୟତନ୍ତ୍ରକୁ ଚିହ୍ନିଥିବା ଏହି ମହାନ୍ ବ୍ୟକ୍ତିଙ୍କ ସଂପର୍କରେ ଆଜିର ଯୁବ ପିଢି ଅଧିକରୁ ଅଧିକ ଜାଣିବାର ଆବଶ୍ୟକତା ରହିଛି ବୋଲି ବିଧାୟକ ଶ୍ରୀ ଶତପଥୀ କହିଥିଲେ।

ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ, ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନବକୃଷ୍ଣ ଚୌଧୁରୀ ଜଣେ ପ୍ରଜାବତ୍ସଳ ମୁଖ୍ୟମନ୍ତ୍ରୀ ଥିଲେ। ଯେଉଁ ଚିନ୍ତା, ଚେତନା ଓ ଉଦ୍ଦୀପନାର ସହ ଆମର ପୂର୍ବସୂରୀମାନେ ଆମ ପାଇଁ କାର୍ଯ୍ୟକରି ଯାଇଛନ୍ତି, ଜାତିପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆମ୍ଭେମାନେ ସେମାନଙ୍କୁ ସ୍ମରଣ କରି ଦେଶ ଓ ଜାତିପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଡଃ ମହାନ୍ତି କହିଥିଲେ। ମୁଖ୍ୟ ବକ୍ତା ଭାବେ ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡଃ. ଜୟନ୍ତୀ ରଥ ଯୋଗଦେଇ ଗାନ୍ଧି ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ନବକୃଷ୍ଣଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଜମିଦାରୀ ପ୍ରଥା ଉଚ୍ଛେଦ, ସାମ୍ୟବାଦ ଧାରା ପ୍ରଚଳନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀତ୍ୱ କାଳରେ ରାଜ୍ୟର ବିଭିନ୍ନ ଉନ୍ନତି ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେବା ଓ ସାଧନାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି ପ୍ରକାଶ କରିଥିଲେ।

ରାଜ୍ୟ ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସ୍ୱର୍ଗତ ଚୌଧୁରୀଙ୍କୁ ଜଣେ ମହାନ୍ ଦେଶଭକ୍ତ ଓ ଦେଶ ସେବକ ଭାବରେ ଅଭିହିତ କରିଥିଲେ। ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ରନାଥ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୫୭ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବ୍ୟକ୍ତି ଜୀବନ ଓ ବିଶ୍ୱ ଜୀବନ ମଧ୍ୟରେ ସମତୁଲତା ହେଉଛି ମାନବୀୟ ସଂସ୍କୃତି। ମାନବୀୟ ସଂସ୍କୃତି ଗୁଣାତ୍ମକତାର କଥା କହିବାବେଳେ ବ୍ୟକ୍ତି ଓ ସଂସ୍କୃତି ପରିମାଣ ଓ ସ୍ୱାର୍ଥ ଉପରେ ଧ୍ୟାନ ଆକର୍ଷଣ କରିଥାଏ। ମନୁଷ୍ୟତ୍ୱର ଆହ୍ୱାନ ମାନବୀୟ ସଂସ୍କୃତିର ଅନ୍ତଃସ୍ୱର ବୋଲି ବିଶିଷ୍ଟ ଲେଖକ ତଥା ସ୍ତମ୍ଭକାର ଡ. ନିରଞ୍ଜନ ପାଢୀ ଉଲ୍ଲେଖ କରିଛନ୍ତି।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅନୁଷ୍ଠିତ ୫୭ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଡ. ପାଢୀ 'ସାମାଜିକ ଜୀବନରେ ମାନବୀୟ ସଂସ୍କୃତିର ଧାରା' ଶୀର୍ଷକ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଡ. ପାଢୀ କହିଥିଲେ ଯେ, ବ୍ୟକ୍ତି ପାଇଁ ଯାହା ସଂସ୍କାର ତାହା ସମାଜ ପାଇଁ ସଂସ୍କୃତି। ମାନବୀୟ ସଂସ୍କୃତି ହିଁ ମନୁଷ୍ୟ ପରିଚୟର ଉପଲବ୍ଧି। ସତ୍ୟତା ପରିବର୍ତ୍ତନଶୀଳ ହୋଇଥିବାବେଳେ ସଂସ୍କୃତିର ଆତ୍ମା ଅପରିବର୍ତ୍ତନୀୟ। ସେ କହିଲେ ଯେ, ଏ ଏବର ମଣିଷ 'ସର୍ବେ ଭବନ୍ତୁ ସୁଖୀନଃ', 'ବସୁଧୈବ କୁଟୁମ୍ବକମ୍' ବୋଲି କହୁଛି ଅଥଚ ମଣିଷକୁ ଚିହ୍ନି ନପାରି ସଂସ୍କୃତିର ଅବକ୍ଷୟରେ ଅଂଶୀଦାର ହେଉଛି। ସଂସ୍କୃତି ହେଉଛି ମଣିଷ ସହ ଅନ୍ତରଙ୍ଗତାର ଶ୍ରେଷ୍ଠତମ ସୂଚକ ବୋଲି ଡ. ପାଢୀ କହିଥିଲେ।



ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସଭା ପ୍ରାରମ୍ଭରେ ଅଭିଲେଗାଗାରର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପାଢୀଙ୍କୁ ଅଙ୍ଗବସ୍ତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ବୈଷୟିକ ସହକାରୀ ଉପେନ୍ଦ୍ର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ସିଆଇର ସାଧୀନତାର ଅମୃତ ମହୋତ୍ସବ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଗତସିଂହପୁର ଜିଲ୍ଲା ସଅଁରାସ୍ଥିତ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥା ର ସମ୍ମିଳନୀ କକ୍ଷରେ ଭାରତୀୟ ଖାଦ୍ୟ ନିଗମ ମଣ୍ଡଳ କାର୍ଯ୍ୟାଳୟ କଟକ ପକ୍ଷରୁ ସାଧୀନତାର ୭୫ତମ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଆଜାଦୀକା ଅମୃତ ମହୋତ୍ସବ ପାଳନ ହୋଇଯାଇଛି। ଏଫ.ସି.ଆଇ.ର ବରିଷ୍ଠ ପ୍ରବନ୍ଧକ ସୟଦ ମହମ୍ମଦ ହିଫ୍‌ଯୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ସରୋଜକାନ୍ତ ମହନ୍ତି, ସମ୍ମାନନୀତ ଅତିଥିଭାବେ ଆଡିସନାଲ ସିଏସଓ ରୋହିତ କୁମାର ଦାସ, ଏସିଏସଓ ପ୍ରଫୁଲ କୁମାର ବେହେରା, ମଧୁସ୍ମିତା ମହାପାତ୍ର ଯୋଗଦେଇ କରୋନା ମହାମାରୀ ସମୟରେ ରାଜ୍ୟକୁ ସୁଗ୍ଧରୂପେ ଖାଦ୍ୟ ସାମଗ୍ରୀ ଯୋଗାଣରେ ଏଫ.ସି.ଆଇ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରଶଂସାର ପାତ୍ର ପାଲଟିଛି। ସମସ୍ତ ନାଗରିକେ ଆତ୍ମ ନିର୍ଭର ହୋଇ ଦେଶକୁ ଆଗେଇ ନେବାକୁ ହାତକୁ ହାତ ମିଶେଇ ଆଗକ ବଢିବାର ଦିନ ଆସିଛି।ଏଫସିଆର ବରିଷ୍ଠ ପ୍ରବନ୍ଧକ ସୟଦ ରହେମାନ ଅଧକ୍ଷତା କରି କହିଥିଲେ ଭାରତ ସରକାରଙ୍କ ଯୋଜନା ଗୁଡିକ ଏଫସିଆଇ ସଫଳ ରୂପାୟନ କରି ତ୍ୱରିତ ଭାବେ କାର୍ଯ୍ୟକରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହିସଭାକୁ ପରିଚ୍ଳନା ରେ ଏଫସିଆଇ ଅଧିକାରୀ ଇନ୍ଦସିତ୍ ମିନା.ହେମନ୍ତ କୁମାର ବେହେରା, ରଞ୍ଜିତ କୁମାର ବାରିକ, ଡୁମୁନିମଣି ମୁର୍ମୁ ପ୍ରମୁଖ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ହିତାଧିକାରୀ ଯୋଗଦେଇଥିଲେ।

# ଔଷଧ ଦେବାକୁ ଦୋକାନୀ ଅମଙ୍ଗ

**କଟକ(ସଂପର୍କବାର୍ତ୍ତା):-** କଟକ ବଡ଼ମେଡ଼ିକାଲ (ଏସ୍‌ସିବି)ରେ ବିଜି ସ୍ୱାସ୍ଥ୍ୟ ଯୋଜନା ଏବେ ଦିଗହରା ହୋଇପଡ଼ିଛି। ଅନେକ ଗରିବ ରୋଗୀ ଏହି ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ରାଜ୍ୟ ସରକାର ରୋଗୀଙ୍କ ଚିକିତ୍ସା ଲାଗି ବିଜୁ ସ୍ୱାସ୍ଥ୍ୟ ଯୋଜନା କରିଛନ୍ତି। ଏହି ଯୋଜନାରେ ରୋଗୀଟିଏ ଉତ୍ତମ ସେବା ପାଇବା ନିମନ୍ତେ ସରକାର ଭଳି ଜନକଲ୍ୟାଣ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। ମାତ୍ର ଏହି ଯୋଜନା ଏବେ ଆଶାନୁରୂପ ସଫଳ ହେଉନଥିବା ଅଭିଯୋଗ ଉଠିଛି। ଏସ୍‌ସିବି ସହିତ ସରକାରଙ୍କ ସହିତ ବୁଝାମଣା କରିଥିବା ୬ଟି ଘରୋଇ ଔଷଧ କେନ୍ଦ୍ର ଏହି ଯୋଜନାରେ ହିତାଧିକାରୀଙ୍କୁ ଔଷଧ ଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସବୁ ଘରୋଇ ସଂସ୍ଥାଗୁଡ଼ିକର ବକେୟା ୪୦ କୋଟି ଟଙ୍କା ଟପିଲାଣି ବୋଲି ଜଣାପଡ଼ିଛି। ଫଳରେ ସଂସ୍ଥା କର୍ତ୍ତୃପକ୍ଷ ଦେବାଳିଆ ହୋଇଯିବା ଆଶଙ୍କାରେ ଔଷଧ ଦେବାକୁ ସିଧା ମନା କରି ଦେଉଛନ୍ତି। ଦୀର୍ଘ ୮ ମାସ ହେବ ଘରୋଇ ସଂସ୍ଥାଗୁଡ଼ିକୁ ଏସସିବି କ୍ତ୍ତୃପକ୍ଷ ଅର୍ଥ ପ୍ରଦାନ କରିନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବକେୟା ଅର୍ଥ ନମିଳିବାରୁ ବାଧହୋଇ କିଛି ଔଷଧ ଦେକାନୀ ରୋଗୀଙ୍କୁ ଔଷଧ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ବିଜୁ ସ୍ୱାସ୍ଥ୍ୟ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଜଣେ ରୋଗୀକୁ ସର୍ବାଧିକ ୫ ଲକ୍ଷ ଟଙ୍କା ଏବଂ ଜଣେ ମହିଳାଙ୍କୁ ସର୍ବାଧିକ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ତଥା ଔଷଧ ଯୋଗାଇ ଦିଆଯିବ। ରାଜ୍ୟର ସମସ୍ତ



ସରକାରୀ ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟାଳୟ ସମେତ କେତେକ ଘରୋଇ ଚିକିତ୍ସାଳୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏସ୍‌ସିବିରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ଏଠାରୁ ଆସୁଥିବା ରୋଗୀଙ୍କୁ ଔଷଧ ଯୋଗାଇ ଦେବାକୁ ୬ଟି ଔଷଧ ଦୋକାନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଔଷଧ ଦୋକାନୀଙ୍କୁ ବକେୟା ଅର୍ଥ କର୍ତ୍ତୃପକ୍ଷ ଦେଇଥିଲେ। ଏହାପରେ ପ୍ରାୟ ୮ ମାସ ହେବ ଔଷଧ ଦୋକାନୀଙ୍କୁ ବକେୟା ପ୍ରାୟ ମିଳୁନାହିଁ। କରୋନା ସମୟରେ ଡାକ୍ତରଖାନାକୁ ଅମ୍ଳଜାନଠାରୁ ଆରମ୍ଭ କରି ବହୁ ଜରୁରୀ ଔଷଧ ମଧ୍ୟ ଏହିସବୁ ଦୋକାନୀ ଡାକ୍ତରଖାନାକୁ ବିନା ସର୍ତ୍ତରେ ଯୋଗାଇ ଦେଇଥିଲେ। ୨୦୨୧ ଫେବୃଆରୀରୁ ଏ ପର୍ଯ୍ୟନ୍ତ କୌଣସି ଦୋକାନୀଙ୍କୁ ଟଙ୍କାଟିଏ ବି କର୍ତ୍ତୃପକ୍ଷ ପ୍ରଦାନ କରିନାହାନ୍ତି। ଗୋଟିଏ ଗୋଟିଏ ଔଷଧ ଦୋକାନୀଙ୍କର ୪ ରୁ ୬ କୋଟି ଟଙ୍କା ବକେୟା ପଡ଼ିଛି। ଏ ସମ୍ପର୍କରେ ସେମାନେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଔଷଧ ଦୋକାନୀମାନେ ଅଭିଯୋଗ କରିବା ସହ ଟଙ୍କା ମିଳୁନଥିବାରୁ ମାଗଣାରେ ଔଷଧ ଯୋଗାଇବା ସମ୍ଭବ ହେଉନଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରତିଦିନ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଔଷଧ ନେବାକୁ ଆସୁଛନ୍ତି। ଟଙ୍କା ନଥିବାରୁ ଦୋକାନରେ ଉପଯୁକ୍ତ ଔଷଧ ମହଜୁନ ହୋଇ ପାରୁନଥିବା କୁହାଯାଉଛି। ତେବେ ସରକାରଙ୍କଠାରୁ ଅର୍ଥ ମିଳିବା ପରେ ଔଷଧ ଦୋକାନୀଙ୍କ ବକେୟା ଅର୍ଥ ଦିଆଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ କହିଛନ୍ତି।

# ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିରୋଧ ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌରାଞ୍ଚଳର ୧ନଂ ୱାର୍ଡ କଣ୍ଠାବଲ୍ଲଭପୁର ଗ୍ରାମସ୍ଥ ମିଶନ ଶକ୍ତି ଭବନରେ ଜିଲ୍ଲା ପ୍ରଶାସନ ସହାୟତାରେ ରାଧାକୃଷ୍ଣ କ୍ଲବ ଦ୍ୱାରା ପରିଚ୍ଳିତ ସଖୀ-ୱାନଷ୍ଟପ ସେଣ୍ଟର ତରଫରୁ ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିରୋଧ ଦିବସ ପାଳିତ ହୋଇଯାଇଛି। ରାଧାକୃଷ୍ଣ କ୍ଲବର ନିର୍ଦ୍ଦେଶକ ପୁର୍ଣ୍ଣଚନ୍ଦ୍ର ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ ମହିଳା ସଚେତନତା ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ,ସମ୍ମାନୀତ ଅତିଥିଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ,ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବି ଶାରଦା ପ୍ରସାଦ ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ମା ଭଉଣୀ ମାନେ ସେମାନଙ୍କ ପାଇଁ ଥିବା ଆଇନ ବିଷୟରେ ସଚେତନତା ହେବା ସହିତ ଘରଭିତରୁ ଭାହାରକୁ ବାହାରି ନିଜ ଅଧିକାର ବିଷୟରେ ଲଢିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀତ ଅତିଥି ଶ୍ରୀ ରାଉତ ଶିଶୁ ମାନଙ୍କର ସତନ୍ତ୍ର ଭାବେ ବାଳିକା ମାନଙ୍କ ପାଇଁ ଥିବା ପୋକ୍ସଆଇନ, ବାଲ୍ୟବିବାହ ଆଇନ୍, ଶିଶୁ ମାନଙ୍କର




ଅଧିକାର ଇତ୍ୟାଦି ବିଷୟରେ ବିସ୍ତିର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ ପରିବାର ଓ ସମାଜରେ ମହିଳା ମାନଙ୍କ ସ୍ଥିତି ଉପରେ ଆଲୋଚନା କରି ମହିଳା ମାନଙ୍କ ମହନୀୟତା ଓ ସହନଶୀଳତାର ଉଦାହରଣ ଦେଇ ମହିଳା ମାନେ ସବୁ କ୍ଷେତ୍ରରେ ବିକାଶ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତରଫରୁ ମହିଳାମାନଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଥିବାରୁ ଏହାର ସୁଫଳ ମହିଳା ମାନେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ରାଧାକୃଷ୍ଣ କ୍ଲବର ନିର୍ଦ୍ଦେଶକ ଆଜିର ସଭା ଉଦ୍ଦେଶ୍ୟ ,ଅନୁଷ୍ଠାନ ଦ୍ୱାରା ପରିଚ୍ଳିତ ସଖୀ-ୱାନ ଷ୍ଟପ ସେଣ୍ଟର, ସୁଧାରଗୃହ, ଚାଇଲ୍ଡଲାଇନ୍ ବିଷୟରେ ଉପସ୍ଥିତ ଅତିଥି ଓ ମହିଳା ମାନଙ୍କୁ ସୂଚନା ଦେଇଥିଲେ। ସଖୀ-ୱାନ ଷ୍ଟଫ ସେଣ୍ଟର ତରଫରୁ କେନ୍ଦ୍ର ସଂଯୋଜକ ମେନକା ସିଂ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା ବେହେରା, ସୁସ୍ମିତା ଦାସ, ମଧୁସ୍ମିତା ଓଝା, ସୁଶାନ୍ତ କୁମାର ସାହୁ, ଇତ୍ୟାଦି ସଭା ପରିଚ୍ଳନା କରିଥିଲେ।

# କଟକରେ ଟ୍ରାଫିକ୍ ସମସ୍ୟା ଗୁରୁତର

**କଟକ(ସଂପର୍କବାର୍ତ୍ତା):-** ବିଡାନାସୀ ଥାନା କୃଷକ ବଜାରର ବ୍ୟବସାୟୀଙ୍କୁ ଗତ ବର୍ଷ ମାର୍ଚ୍ଚରୁ ପେଟାନାଳ ରାସ୍ତା ଉପରେ ବସି ବେପାର କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଭଳି କରାଯାଇଥିଲା। ସେହି ଦିନଠୁ ଆଜିଯାଏ ବ୍ୟବସାୟୀମାନେ ରାସ୍ତା ଉପରେ ବସି ବେପାର କରି ଆସୁଛନ୍ତି। ଏଥିଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜୁଥିଲେ ହେଁ ପ୍ରଶାସନ ହାତବାନ୍ଧି ବସି ପଡ଼ିଛି। ବାଲୁବଜାର ଛତ୍ରବଜାର ଆଦି ଅଞ୍ଚଳର ପରିବା ବ୍ୟବସାୟୀଙ୍କୁ ମୂଳ ଜାଗାରେ ବେପାର କରିବା ଲାଗି ଅନୁମତି ଦିଆଯାଇଥିଲା ବେଳେ କୃଷକବଜାର ବ୍ୟବବସାୟୀଙ୍କୁ କାହିଁକି ସେମାନଙ୍କ ମୂଳ ସ୍ଥାନକୁ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ ବୋଲି ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି।

ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ କରୋନା ପାଇଁ ସେମାନଙ୍କୁ ଏଠାକୁ ଅଣାଯାଇଥିଲା। ବର୍ଷେ ହେଲା ରାସ୍ତା ଉପରେ ବସି ବେପାର କରିବାକୁ ପଡୁଛି। ଏବେ କରୋନା କମିଛି। ସେମାନଙ୍କୁ କାହିଁକି କୃଷକବଜାର ଭିତରକୁ ଫେରାଇ ନିଆଯାଉ ନାହିଁ ତାହା ବୁଝା ପଡୁନି। ଅନ୍ୟପଟେ ବିଡ଼ାନାସୀଠାରୁ ଅଶ୍ୱିନୀ ହସପିଟାଲ ଯାଏ ପ୍ରାୟ ଏକ କିଲୋମିଟର ରାସ୍ତା ବେପାରୀଙ୍କ ଦ୍ୱାରା ଅବରୋଧ ହୋଇ ରହିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଛି। ଗୁରୁତର ରୋଗୀ ଅମ୍ବୁଲାନ୍ସ ଯୋଗେ ମେଡ଼ିକାଲ ଯିବାରେ ଅସୁବିଧା ହେଉଛି। ଅଫିସ ଯିବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ୧୫ ଦିନ ତଳେ ଆରଏମସିର ଚେୟାରମ୍ୟାନ ତଥା ସବ୍‌କଲେକ୍‌ଟର ଆରଏମସି ଅଫିସରେ ବୈଠକ କରି ସମସ୍ୟା ସମାଧାନ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଉପରେ ବସୁଥିବା ବେପାରୀ କିପରି କୃଷକ ବଜାରକୁ ଫେରିବେ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲେ। ଫଳସ୍ୱରୂପ ଜଂଗଲ ହୋଇ ପଡ଼ିଥିବା କୃଷକ ବଜାର ଅଞ୍ଚଳରେ ସଫେଇ ବି ଆରମ୍ଭ ହୋଇଥିଲା। କିନ୍ତୁ ପରିତାପର ବିଷୟ ଗୋଟିଏ ଦିନ କାମ ପରେ ଆଉ ସଫେଇ କାମ ହେଉନି। ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇଛି।

# ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜଳ ସମ୍ପଦ ଓ ୟୁନିସେଫ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ଜଳ ସଂପଦ ବିଭାଗ ଏବଂ ୟୁନିସେଫ ମଧ୍ୟରେ ଆଜି ଅପରାହ୍ଣରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ୫-ଟି ଉପକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସ୍ୱରୂପ ବିଭାଗର ଯୋଗାଯୋଗ ଓ ନୀତି ଉପକ୍ରମଗୁଡିକର ସୁଦୃଢ଼ୀକରଣ ପାଇଁ ସହଯୋଗ ନିମନ୍ତେ କରାଯାଇଥିବା ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ । ପୋଷଣୀୟ ଜଳ ପରିଚାଳନାରେ ବିଭିନ୍ନ ଗୋଷ୍ଠୀମାନଙ୍କୁ ନିୟୋଜିତ କରିବା, ଯତ୍ନଶୀଳ ଓ ବିଜ୍ଞତାର ସହ ଜଳର ସୁବ୍ୟବହାର, ଜଳ ବଣ୍ଟନରେ ସମାନତା, ଜଳ ସଂରକ୍ଷଣ, ଜଳ ପରିଚାଳନାରେ ମହିଳାମାନଙ୍କ ପ୍ରମୁଖ ଭାଗିଦାରିତା ତଥା ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଜଳସେଚନ ପରିଚାଳନା କରିବା ଏହି ଉଦ୍ୟମର ଲକ୍ଷ୍ୟ ରହିଛି ।




ୟୁନିସେଫ ସହ ବୁଝାମଣା ପତ୍ର ସ୍ୱାକ୍ଷର ପରିପ୍ରେକ୍ଷୀରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ, ଜଳ ସଂପଦ ବିଭାଗ ପ୍ରଥମ ଥର ଅଧିକ ଗୋଷ୍ଠୀଙ୍କୁ ନିୟୋଜିତ କରି ଜଳ ପରିଚାଳନା, ଜଳ ସଂରକ୍ଷଣ ଓ ଜଳକୁ ପରିଷ୍କାର କରିବା ନେଇ ରହିଥିବା ଏହାର କ୍ଷମତା ନିୟନ୍ତ୍ରଣକୁ କୋହଳ କରୁଛନ୍ତି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆମକୁ କିପରି ଜଳ ପରିଚାଳନା କରିବାକୁ ହେବ ଏବଂ ଏ ସଂପର୍କରେ ରହିଥିବା ପ୍ରମୁଖ 'ନିରନ୍ତର ବିକାଶ ଲକ୍ଷ୍ୟ' ସାଧନ ଯଥା-ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳର ସୁବିଧା; ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା; ଉନ୍ନତ ଗୁଣାତ୍ମକ ଜଳର ଉପଲବ୍ଧତା; ବର୍ଜ୍ୟଜଳର ପ୍ରକ୍ରିୟାକରଣ ଓ ନିରାପଦ ପୁନଃ ବ୍ୟବହାର; ଜଳ ପୁନଃ ବ୍ୟବହାର ଦକ୍ଷତା ବୃଦ୍ଧି; ସମନ୍ୱିତ ଜଳ ସମ୍ପଦର ପରିଚାଳନା; ଜଳ ସଂପର୍କିତ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ, ଜଳ ଓ ପରିମଳ ପରିଚାଳନାରେ ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ଅଂଶୀଦାରମାନେ କାର୍ଯ୍ୟ କରିବା ପାଇଁ ପୁନଶ୍ଚ ଚିନ୍ତା କରିବା ପାଇଁ ବାଧ କରିଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ । ରାଜ୍ୟ ଜଳ ନୀତିର ପୁନଃ ତର୍ଜମା କରିବା, ଜଳ ଓ ଭୂ-ପରିଚାଳନା ପ୍ରତିଷ୍ଠାନ(ୱାଲମୀ)କୁ ଉତ୍କର୍ଷ କେନ୍ଦ୍ର ରୂପେ ପ୍ରତିଷ୍ଠା, 'ୟୁଥ୍ ଫର ୱାଟର', 'ମୋ ନଦୀ' କାର୍ଯ୍ୟକ୍ରମର ପ୍ରଚାର ଆଦି ପ୍ରମୁଖ ବ୍ୟବସ୍ଥା ଆଗାମୀ ଦିନରେ ୟୁନିସେଫ୍‌ର ମିଳିତ ପ୍ରୟାସରେ ସାଧନ ହେବାକୁ ଯାଉଛି ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ମଧ୍ୟ କହିଥିଲେ । ଏହି ପରିପ୍ରେକ୍ଷୀରେ ବିକଶିତ ୱେବ୍ ସାଇଟ୍ 'ୟୁଥ୍ ଫର ୱାଟର'କୁ ପ୍ରମୁଖ ଶାସନ ସଚିବ ଶୁଭାରମ୍ଭ କରିଥିଲେ ।

ୟୁନିସେଫ୍‌ର ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲସନ ବୁଝାମଣା ପତ୍ରରେ ସ୍ୱାକ୍ଷର କହିଲେ ଯେ, ବହୁମାତ୍ରାରେ ସହରୀକରଣ, କୃଷି ପଦ୍ଧତିରେ ପରିବର୍ତ୍ତନ ଏବଂ ଶିଳ୍ପର ବୃଦ୍ଧି ଆମକୁ ନିରନ୍ତର ବିକାଶ ଲକ୍ଷ୍ୟ ସାଧନ ଏବଂ ଜଳ ଓ ଯୋଗାଯୋଗ ପାଇଁ ଅଧିକ ଯୋଜନାବଦ୍ଧ ଓ ତ୍ୱରିତ ବ୍ୟବସ୍ଥାରେ କାର୍ଯ୍ୟକରିବାକୁ ବାଧ କରାଇଛି । ଯଦିଓ ବିଭିନ୍ନ କ୍ଷେତ୍ରରେ ଏଥି ପାଇଁ ଆହ୍ୱାନ ରହିଛି. ତନ୍ମଧ୍ୟରୁ କେତେକ କ୍ଷେତ୍ରରେ ମୁକାବିଲା ପାଇଁ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ଅଧିକ ପ୍ରଭାବୀ ଯୋଗାଯୋଗ ପ୍ରଚାର ବ୍ୟବସ୍ଥା ଏବଂ ଜଳ ନୀତି ବିଶେଷ କରି ପିଲାମାନଙ୍କୁ ଏବଂ ମହିଳାମାନଙ୍କୁ ଜଳର ପୋଷଣୀୟ ବ୍ୟବହାର ଓ ସଂରକ୍ଷଣ ପାଇଁ ୟୁନିସେଫ୍ ପ୍ରତିବଦ୍ଧ ବୋଲି ୟୁନିସେଫ୍ କ୍ଷେତ୍ର ଅଧିକାରୀ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜଳ ସଂପଦ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜଳ ସଂପଦ ବିଭାଗ ସେଚାଂଚଳ ଉନ୍ନୟନ ତଥା ଭାଗିଦାରୀ ଜଳସେଚନ ପରିଚାଳନା ନିର୍ଦ୍ଦେଶକ ( ସିଏଡି-ପି.ଆଇ.ଏମ୍) ଶ୍ରୀ ରଶ୍ମି ରଂଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ନବଉତ୍କଳ ନିର୍ମାଣ କ୍ଷେତ୍ରରେ ଅନ୍ୟତମ ରାଜନେତା ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ସର୍ବଦା ସ୍ମରଣୀୟ । ବୀରେନ୍ ମିତ୍ର ଓଡ଼ିଶାବାସୀଙ୍କ ପାଇଁ ଅତି ପରିଚିତ ନାମ ଓ ପ୍ରତିଟି ଓଡ଼ିଆର ଦୁଃଖ ଲାଘବ କରିବା ପାଇଁ ସେ ଥିଲେ ସଦାପ୍ରସ୍ତୁତ । ଏକାଧାରରେ ସେ ଥିଲେ ସମାଜସେବୀ, ସଂଗ୍ରାମୀ, ସଂଗଠକ, ଅଭାବୀ ମଣିଷର ସୁଖଦୁଃଖର ସାଥୀ ଏବଂ ପ୍ରଖ୍ୟାତ ରାଜନେତା । ବୀରେନ୍ ମିତ୍ର ଜଣେ ଦକ୍ଷ ଛାତ୍ରନେତା ଥିଲେ ଏବଂ ଛାତ୍ରମାନଙ୍କ ପାଇଁ ତାଙ୍କର ଅମାପ ସ୍ନେହ ଥିଲା ବୋଲି ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଉଭୟ ପ୍ରତ୍ୟକ୍ଷ ଓ ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ରାଜ୍ୟସ୍ତରୀୟ ବୀରେନ୍ ମିତ୍ର ଜୟନ୍ତୀ ଉତ୍ସବର ଅତିଥି ଓ ବକ୍ତାମାନେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି ।



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତ୍ତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ, ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଓ ନିଃସ୍ୱାର୍ଥପର ଜନସେବା ସର୍ବଦା ସ୍ମରଣୀୟ ରହିବ ।

ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ଉପସ୍ଥିତ ରହି ପ୍ରଥମେ ବୀରେନ୍ ମିତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ରଜନୀକାନ୍ତ ସିଂ ଯୋଗଦେଇ ସ୍ୱର୍ଗତ ବୀରେନ୍ ମିତ୍ରଙ୍କୁ ଜଣେ ଦକ୍ଷ ସଂଗଠକ, ଛାତ୍ରନେତା ଅନନ୍ୟ ନେତୃତ୍ୱର ଅଧିକାରୀ ଏବଂ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ରଥୀ ବୋଲି ବର୍ଣ୍ଣନା କରିଥିଲେ । କଟକରୁ ଓଡ଼ିଶା ବିଧାନସଭାକୁ କ୍ରମାଗତ ଭାବେ ୪ଥର ନିର୍ବାଚିତ ହୋଇଥିଲେ । କଟକ ତାଙ୍କର ବିଜୟ ଦୁର୍ଗ ଥିଲା ବୋଲି ସେ କହିଥିଲେ ।

# ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦର ସମ୍ବିଧାନ ଦିବସ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ତରଡାପଡା କାର୍ଯ୍ୟାଳୟଠାରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦର ସଭାପତି ମାଧବେନ୍ଦ୍ର ଗୋଛାୟତଙ୍କ ସଭାପୋତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବାବାଜୀ ଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଷ୍ଣୁଚରଣ ସାଇଁ ଯୋଗଦେଇ କହିଥିଲେ ଭାରତର ସ୍ୱାଧୀନ ପରେ ଆଜିର ଦିନରେ ସମ୍ବିଧାନ ପ୍ରଣୟନ କରାଯାଇଥିଲା । ଆଜିର ଦିନ ସେହି ମହାନ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ଆଜି ମନେପକାଇବା । ସମ୍ବିଧାନକୁ ସଠିକ ମାର୍ଗରେ ସରକାରୀ କଳ ହେଉ ଅବା ବେସରକାରୀ କଳ ସମ୍ବିଧାନ ଅନୁଯାୟୀ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ମନୋଜ ପାତ୍ର ଓ ସାଧାରଣ ସଂପାଦକ ଚିନ୍ମୟ ନାଥ ସଭାପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସଦସ୍ୟ ଡମ୍ବରୁଧର ଜେନା, ଯଶୋବନ୍ତ ମଲ୍ଲିକ, ପ୍ରଦିପ୍ତ କୁମାର ଦାସ, ନିତ୍ୟାନନ୍ଦ ନାୟକ, ଜାମିଲ ଖାଁନ୍, ହରେକୃଷ୍ଣ ଦାସ, ରାଜେଶ ଗୋଛାୟତ, ସଚିତ୍ର ମଲ୍ଲିକ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ସମ୍ବିଧାନର ଓ ସାମ୍ବିଧାନିକ ଉପରେ ବିସ୍ତୃତ ଆଲୋକପାତ କରିଥିଲେ ।ଶେଷରେ ମିହିର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାର ପ୍ରାରମ୍ଭରେ ବାବା ସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ରେ ଓଡିଶାର ଉଲ୍ଲେଖନୀୟ ଅଗ୍ରଗତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରକାଶ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ଫଳାଫଳରେ ପ୍ରମୁଖ ଖାଦ୍ୟ-ପୋଷଣ ସୂଚକାଙ୍କରେ ଓଡିଶାର ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି । ଏଥିରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪କୁ ତୁଳନା କଲେ ଶିଶୁମାନଙ୍କର ଟୀକାକରଣ କ୍ଷେତ୍ରରେ ଓଡିଶା ଉଲ୍ଲେଖନୀୟ ଉନ୍ନତି ଘଟିଥିବା ଜଣାଯାଇଛି । ରାଜ୍ୟରେ ୯୦.୭୫ ପ୍ରତିଶତ ଶିଶୁଙ୍କର ସଂପୂର୍ଣ୍ଣ ଟୀକାକରଣ କରାଯାଇଛି । ଉପଯୁକ୍ତ ପୋଷଣ ଅଭାବରୁ ବୟସାନୁପାତରେ ଉଚ୍ଚତା କମ୍ ରହୁଥିବା ପିଲାଙ୍କ ସଂଖ୍ୟା ଗତ ଫଳାଫଳ ଅନୁସାରେ ଚଳିତ ଥର ୩.୧ ପ୍ରତିଶତ କମିଥିବା ବେଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ସମ୍ଭାବନା ଥିବା ଶିଶୁଙ୍କ ପ୍ରତିଶତ ୨.୩କୁ ହ୍ରାସ ପାଇଛି ଏବଂ କମ୍ ଓଜନ ଶିଶୁଙ୍କ ସଂଖ୍ୟା ୪.୭ ପ୍ରତିଶତ କମିଥିବା ବିବରଣୀରୁ ଜଣା ପଡିଛି ।

ଅନ୍ୟ ପୋଷକ ସୂଚକ ଯଥା ଶିଶୁ ଜନ୍ମପରେ ପ୍ରଥମ ସ୍ତନ୍ୟପାନ କରିଥିବା ଶିଶୁଙ୍କ ସୂଚକାଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ରେ ୬୫.୬ ଥିବା ବେଳେ ସର୍ବେକ୍ଷଣ-୫ରେ ଏହା ୭୨.୯ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ପରିପୂରକ ପୋଷକ ୫୪.୯ ପ୍ରତିଶତରୁ ୬୭ ପ୍ରତିଶତକୁ ବୃଦ୍ଧି ପାଇଛି । ଆବଶ୍ୟକ ପରିମାଣରେ ଖାଦ୍ୟ ଗ୍ରହଣ କରୁଥିବା ୬ରୁ ୨୩ ମାସର ଶିଶୁଙ୍କ ପ୍ରତିଶତରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ବୋଲି ଏହି ରିପୋର୍ଟରୁ ଜଣାପଡିଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଏହା ଜଣାଯାଇଛି ।

# ଲୋକନାଥ ସ୍ମୃତି ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ୍(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତରେ ଥିବା ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲୋକନାଥ ସ୍ମୃତି ସାହିତ୍ୟ ସଂସଦର ୮ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଡ଼ଃ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପୈରାହିତ୍ୟରେ ଶିଶୁ ଅନନ୍ତ ଆଶ୍ରମ ଅରିଲୋଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଷ୍ଠାନର ସଭାପତି ଦେବେନ୍ଦ୍ର ନାଥ କର, ସମ୍ପାଦିକା ଆରତୀ ତ୍ରିପାଠୀ, ଝଙ୍କଡ଼ ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଂପାଦକ ଗୋଲୋକ ବିହାରି ପଲାଇ, ବରିଷ୍ଠ କବି ପରମାନନ୍ଦ ମିଶ୍ର, ଡ଼. ସତ୍ୟ କାନୁନ୍‌ଗୋ, ସାରସ୍ୱତ ସଂଗଠକ ନିତ୍ୟାନନ୍ଦ ନାୟକ, ପଣ୍ଡିତ ବାସବ କୁମାର ନନ୍ଦ, ହେମନ୍ତ କୁମାର ନାୟକ, ବସନ୍ତ ମଞ୍ଜରୀ ଦାସ, ଝୁଲରାମ ଦାସ, ଦିଗମ୍ବର ରାଉତ ପ୍ରମୁଖ



ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମହାମାରୀ କୋଭିଡ଼ ନିୟମକୁ କଡ଼ା କଡ଼ି ଭାବେ ପାଳନ କରାଯାଇ ଉକ୍ତ ଉତ୍ସବ ଆସନ୍ତା ଡ଼ିସେମ୍ବର ମାସ ୨୬ ତାରିଖ ରବିବାର ଦିନ ଅରିଲୋ ଶିଶୁ ଅନନ୍ତ ଆଶ୍ରମ ନାଟ୍ୟ ମଣ୍ଡପ ଠାରେ ଅନୁଷ୍ଠିତ ହେବ ଓ ପୂଜ୍ୟ ପୂଜକ ବାବା ବଳିଆ ଉଦଘାଟକଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଆସରରେ ଅନୁଷ୍ଠାନର ମୁଖପାତ୍ର "ଶାଶ୍ୱତ ସେତୁ" ଉନ୍ମୋଚନ ହେବା ସହିତ କୃତୀ ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯିବାପାଇଁ ନିଷ୍ପତି ନିଆଯାଇଥିଲା । ଶେଷରେ କବି ପରମାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଦିକୁ ଯିବା ପୂର୍ବରୁ ଝିଅର ଅଳି ପୂରଣ କଲେ ବାପା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଜିକାଲିର ଯୁବପୀଢ଼ି ଆଧୁନିକତାକୁ ଜାବୁଡି ଧରିଥିଲେ ହେଁ ସେମାନଙ୍କ ପାଖରେ ମଣିଷ ପଣିଆ ମରିନାହିଁ ବିଭିନ୍ନ ଉପାୟରେ ଏବେ ସେମାନେ ଉଦାହରଣ ସୃଷ୍ଟି କରୁଛନ୍ତି । ଏମିତି ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ଗରିବଙ୍କୁ ପୋଷାକ, ଖାଦ୍ୟ ଦାନ କରି କିଏ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜୁଛନ୍ତି ତ ଆଉ କିଏ ନିଜ ରୋଜଗାରରୁ କାଟି ଅନ୍ୟର ଭଲ ପାଇଁ ଖର୍ଚ୍ଚ କରୁଛନ୍ତି । ସେମିତି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବତୀ ବାହା ହୋଇ ଶାଶୂ ଘରେ ବାଃ ବାଃ ନେବା ଅପେକ୍ଷା ସମାଜ ମଙ୍ଗଳ ପାଇଁ କିଛି କରିବାକୁ ସ୍ଥିର କରି ଯୁବତୀ ଜଣକ ସବୁ ଟଙ୍କା ଛାତ୍ରୀ



ନିବାସ ତିଆରି ପାଇଁ ଦାନ କରିଦେଲେ । ତାଙ୍କର ଏହି ଇଚ୍ଛାକୁ ମଧ୍ୟ ତାଙ୍କ ବାପା ସମ୍ମାନ ଜଣାଇଥବା ବେଳେ କୌଣସି ପ୍ରଶ୍ନ ବିନା ସେ ଏହି ଟଙ୍କା ଦାନ କରିଦେଇଛନ୍ତି । ଏହିଘଟଣା ରାଜସ୍ଥାନର ବାଡମେରରେ ଘଟିଛି । ବାଡମେର ବାସିନ୍ଦା କିଶୋର ସିଂହ କନୋଡ ନଭେମ୍ବର ୨୧ତାରିଖରେ ନିଜ ଝିଅ ଅଞ୍ଜଳୀଙ୍କ ବିବାହ ପ୍ରବୀଣ ସିଂହଙ୍କ ସହ ଠିକ୍ କରିଥିଲେ । ନିକଟରେ ପ୍ରକାଶିତ ଏକ ଖବର ମୁତାବକ, ବାହାଘର ପୂର୍ବରୁ ଅଞ୍ଜଳୀ ନିଜ ବାପାଙ୍କ ସହ କଥା ହୋଇଥିଲେ । ତାଙ୍କ ପାଇଁ ରଖାଯାଇଥିବା ଯୌତୁକ ଟଙ୍କାକୁ ଛାତ୍ରୀ ନିବାସ ତିଆରିପାଇଁ ଦାନ କରିବାକୁ କିଶୋରଙ୍କୁ କହିଥିଲେ । କିଶୋର ମଧ୍ୟ ନିଜ ଝିଅଙ୍କ କଥାରେ ହଁ ଭରିଥିଲେ । ଏହାପରେ କିଶେରଙ୍କ ସମେତ ଅଞ୍ଜଳୀଙ୍କ ପ୍ରଶଂସା ଚାରିଆଡେ ହେଉଛି । ବାପା ଏନଏଚ୍-୬୦ କଡରେ ଏକ ଛାତ୍ରୀ ନିବାସ ନିର୍ମାଣ ପାଇଁ କୋଟିଏ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଆହୁରି ୫୦-୭୫ ଲକ୍ଷ ଟଙ୍କା ଦାନ ଦେଇଛନ୍ତି ।

# ଜଗତସିଂହପୁର ଜିଲ୍ଲା ଦଳିତ ବିକାଶ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ଆଜି ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ଦଳିତ ବିକାଶ ଜିଲ୍ଲା ସଭାପତି ଶଙ୍କର ଦାସ ଯୋଗ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିକହିଥିଲେ ନଭେମ୍ବର ୨୬ତାରିଖ ହେଉଛି ଏକ ସ୍ମରଣୀୟ ଦିବସ । ଦେଶକୁ ଶାସନ କରିବାକୁ ସମ୍ବିଧାନ ର ଯଥେଷ୍ଟ ଆବଶ୍ୟକତା ରହିଛି । ତେଣୁ ସମ୍ବିଧାନକୁ ଗୁରୁତ୍ୱ ଦେବା ସହ ଆଇନକୁ ସଠିକ ଭାବେ କାର୍ଯ୍ୟକରି ଜଗତସିଂହପୁର ଜିଲ୍ଲା ପ୍ରଶାସନ ଦଳିତ ବର୍ଗର ଓ ସାଧାରଣ ଜନତାଙ୍କୁ ଉଚିତ ନ୍ୟାହୟ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ । ଏହି




କାର୍ଯ୍ୟକ୍ରମରେ ଜିଲ୍ଲା ଦଳିତ ବିକାଶପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ମିହିରକାନ୍ତ ସାହୁ, ସଂପାଦକ ଅକ୍ଷୟ କୁମାର ମଲ୍ଲିକ, ଗଣେଶ୍ୱର ବହାଁସଦା, ତ୍ରିଲୋଚନ କାଣ୍ଡି, ଭରତ କାଣ୍ଡି, ଶ୍ରୀରାମ ସେଠୀ, କାଳନ୍ଦୀ ଚରଣ ପ୍ରଧାନ, ଧ୍ରୁବ କାଣ୍ଡି, ଚୁକୁନା କାଣ୍ଡି, ପ୍ରସନ୍ନ କୁମାର ମୁର୍ମୁ, ବୈକୁଣ୍ଠ ଦାସ, ଅଜୟୟ କୁମାର ପ୍ରଧାନ, ସୁକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ରଘୁନାଥପୁର ବ୍ଲକ୍ ଆଦିବାସୀ ଆବାସ ଯୋଜନାରୁ ବଞ୍ଚିତ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଗରିବ ବାସହୀନ ଭଙ୍ଗା କୁଡିଆ ଘରେ ବାସ କରୁଥିବା ଲୋକମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦିରା ଆବାସ, ମୋ କୁଡିଆ, ବିଜୁ ପକ୍କା ଗୃହ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ସରକାରଙ୍କର ନିର୍ଦ୍ଦେଶ ଥିବାବେଳେ ରଘୁନାଥପୁର ବ୍ଲକର ସାଦେଇପୁର ଗ୍ରା.ପ.ର ଜଗନ୍ନାଥପୁର ଅଭିନ ଦଣ୍ଡା ନିକଟସ୍ଥ ଆଦିବାସୀ ସାହିରେ ୧୯ ଟି ପରିବାର ଭଙ୍ଗା କୁଡିଆ ଘରେ ବାସ କରୁଥିଲେ ମଧ୍ୟ ସେମାନଙ୍କୁ ଏଥିରୁ ବଂଚିତ କରାଯାଇଛି । ସେହପରି ସ୍ୱଚ୍ଛ ଭାରତ ଯୋଜନାରେ ସମସ୍ତ ପରିବାରରେ ପାଇଖାନା ନିର୍ମାଣ କରିବାପାଇଁ ସରକାର ୧୨ ହଜାର ଟଙ୍କା ଯୋଗାଇ ଦେଉଥିଲେ ମଧ୍ୟ ଏହି ୧୯ ଗୋଟି ଆଦିବାସୀ ଗରିବ ପରିବାର ଯେଉଁ ମାନଙ୍କର କାହାର ଜଣଙ୍କର ମଧ୍ୟ ପାଇଖାନା ନାହିଁ ସେମାନଙ୍କୁ ପାଇଖାନା ଯୋଗାଇ ଦିଆଯାଉ ନାହିଁ । ସେମାନେ ସ୍ୱଚ୍ଛ ଭାରତ ଯୋଜନାରୁ ବଂଚିତ ହୋଇଛନ୍ତି । ବାର୍ଦ୍ଧକ୍ୟ , ଭିନ୍ନକ୍ଷମ ଓ ବିଧବା ଭତା ରଘୁନାଥପୁର ବ୍ଲକରେ ସିମେ ଡିଲର, ଧନୀ ବ୍ୟବସାୟୀ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବାବେଳେ ଏହି



ଆଦିବାସୀ ସାହିର ୫ ଜଣ ବ୍ୟକ୍ତି ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ହୋଇଛନ୍ତି । ଏହି ଆଦିବାସୀ ସାହିରେ ରହୁଥିବା ୧୯ ଦିବାସୀ ପରିବାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଏହି ଘରଟି ଭାଙ୍ଗି ପଡିବା ସମୟରେ ଏହି ପରିବାର ଲୋକେ ଘରୁ ବାହାରକୁ ମୁଲ ଲାଗିବାକୁ ବାହାରେ ଥିଲେ । ଏହି ସମୟରେ ଘରଟି ଭାଙ୍ଗି ପଡିଥିଲା । । ଏହି ଆଦିବାସୀ ସାହିର ପରିବେଶ ଦୂଷିତ ହୋଇଅଛି । ସ୍ୱଚ୍ଛ ଭାରତ ଯୋଜନାରୁ ଏହି ଆଦିବାସୀ ସାହି ବହୁ ଦୂରରେ । ଏହି ସାହିର ଆଦିବାସୀ ଲୋକମାନେ ଇନ୍ଦିରାବାସଟିଏ ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି ଶେଷରେ ନିରାଶ ହୋଇ ଆଉ କାହା ପାଖକୁ ନଯାଇ ନିଜ ଭାଗ୍ୟକୁ ଆଦରି ଆଜକୁ ୫ ବର୍ଷ ହେଲା ଆଉ କାହାରିକୁ ଗୁହାରୀ କରୁନାହାଁନ୍ତି । ଜଗତ୍‌ସିଂହପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସେମାନଙ୍କୁ ବିଜୁ ପକ୍କା ଘର, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଓ ବାର୍ଦ୍ଧକ୍ୟ ଭତା ଯୋଗାଇ ଦେବାକୁ ରୋଇ ସୋରେନା, ଡାବନ ହାସଦା, କୁନି ସୋରେନ୍, ଦିଲୁ ସୋରେନ୍, ଦୁଲାରି ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ଗୋପି ହାଂସଦା, ବରଜା ମାରାଣ୍ଡି, ଶୁକ ଟୁଡୁ, ଶର୍ମିର ହାଂସଦା, ସମରା ସୋରେନ୍, ରୋବେନ୍ ହାଂସଦା, ଲାଲୁ ହାଂସଦା, ଖେଲା ହାଂସଦା, ନରି ମୁର୍ମୁ, ରଘୁଆ ହାଂସଦା, ବୁଧିଆ ସୋରେନ୍, ବାଇଧର ମାରେଣ୍ଡି ପ୍ରମୁଖ ନିବେଦନ କରିଛନ୍ତି ।

# ମଧୁମେହ ଏବଂ ଉଚ୍ଚ ରକ୍ତଚାପର ରାମବାଣ 'ଭୃଷଙ୍ଗ ପତ୍ର'

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଜିକାଲି ଖାଦ୍ୟପେୟରେ ଅନିୟମିତତା, ରାସାୟନିକ ସାର ପ୍ରୟୋଗଯୁକ୍ତ ଖାଦ୍ୟ ସାମଗ୍ରୀ ଖାଇବା ଏବଂ ଅତ୍ୟଧିକ ଉତ୍ତେଜନା ଆଦି କାରଣ ଯୋଗୁଁ ବୟସ୍କ ଲୋକଙ୍କ ସହ ଯୁବକମାନେ ମଧ୍ୟ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉଚ୍ଚ ରକ୍ତଚାପ, ମଧୁମେହ ଆଦି ପୂର୍ବରୁ ବୟସ୍କମାନଙ୍କୁ ହେଉନଥିଲା । କିନ୍ତୁ ବର୍ତ୍ତମାନ ଏହା ସମସ୍ତ ଆୟୁ ବର୍ଗର ଲୋକଙ୍କ ନିକଟରେ ଦେଖାଯାଉଛି । ଉକ୍ତ ରକ୍ତଚାପ ଦ୍ୱାରା ବିଶେଷ ଭାବରେ ଯୁବକମାନେ ଆକ୍ରାନ୍ତ ହେଉଛନ୍ତି । ଏହା ଗୋଟିଏ ଏପରି ଅବସ୍ଥା ଯେଉଁଠି ଧମନୀରେ ରକ୍ତ ଚାପ ବଢିଥାଏ ଓ ହାର୍ଟ କିଛି ମାତ୍ରାରେ ଅଧିକ କାମ କରିଥାଏ । ସାଧାରଣ ରକ୍ତଚାପ ୧୨୦/୮୦ ରହିବା ଆବଶ୍ୟକ । ତେବେ ରକ୍ତଚାପ ସ୍ତର ବୃଦ୍ଧି ହୋଇଥାଏ ସେତେବେଳେ ହାଇପରଟେନ୍‌ସନ୍ ହୋଇଥାଏ । ଶୀତ ଋତୁରେ ରକ୍ତଚାପ ସାମାନ୍ୟ ବୃଦ୍ଧି ପାଇଥାଏ । ତେଣୁ ସମୟ ଥାଉ ଥାଉ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଭୃଷଙ୍ଗ ପତ୍ରରେ କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଆଇରନ୍ ଓ କପର୍ ଭଳି ପୋଷକ ତତ୍ତ୍ୱ ଥାଏ । ଏହି ପତ୍ରରେ ଥିବା କର୍ବୋଜଲ୍ କୋଲେଷ୍ଟ୍ରଲ୍‌କୁ ନିୟନ୍ତ୍ରଣ କରିଥାଏ ।



**ଭୃଷଙ୍ଗ ପତ୍ରକୁ ନିୟମିତ ଭାବେ ସେବନ କରିବା ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଆମ ଠାରୁ ଦୂରେଇ ରହିବ**

❖ ପ୍ରତିଦିନ ୪-୫ ଭୃଷଙ୍ଗ ପତ୍ର ନିଅନ୍ତୁ, ଏହାକୁ ଭଲରେ ଧୋଇ ଖାଇଦିଅନ୍ତୁ । ପ୍ରତିଦିନ ଏହିପରି ଭାବରେ ସକାଳୁ ଖାଲି ପେଟରେ ଏହି ପତ୍ରକୁ ଖାଇଲେ ଉଚ୍ଚ ରକ୍ତ ଚାପ ଓ ମଧୁମେହରୁ ଆରମ୍ଭ ହୋଇଥାଏ ।

❖ ନିୟମିତ ଭାବରେ ପ୍ରତିଦିନ କିଛି ଭୃଷଙ୍ଗ ପତ୍ର ନେଇ ତାହାକୁ ଏକ କପ୍ ପାଣିରେ ସିଝାନ୍ତୁ, ଭଲରେ ଫୁଟାଇ ନେଇ ଗୋଟିଏ ଛଣା ସାହାଯ୍ୟରେ ଛାଣି ପିଇଦିଅନ୍ତୁ । ଦେଖିବେ ଧିରେ ଧିରେ ମଧୁମେହ ଓ ରକ୍ତ ଚାପ ନିୟନ୍ତ୍ରଣ ହୋଇଯିବ ।

# ବିଧାନସଭା ପରିସରରେ ସମ୍ବିଧାନ ଦିବସ ପାଳନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାରତୀୟ ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ବିଧାନସଭା ସଚିବାଳୟ ତରଫରୁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥପାଠ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାନସଭା ସଚିବ ଦାସରଥୀ ଶତପଥୀ ଯୋଗଦେଇ ବିଧାନସଭା ସଚିବାଳୟ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ସମ୍ବିଧାନ ପ୍ରତି ଆନୁଗତ୍ୟ ରକ୍ଷା କରିବା ପାଇଁ ତଥା ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସୁଚାର ରୂପେ ପାଳନ ପାଇଁ ସେ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପଶାସନ ସଚିବ ଶିଶିରକାନ୍ତ ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶକ(ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକଙ୍କ ସମେତ ବିଧାନସଭା ଅଧୀକାରୀମାନେ ଯୋଗଦେଇଥିଲେ ।



# ବ୍ରାଉନ୍‌ସୁଗାର ଜବତ ଜଣେ ଗିରଫ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂ ଜିଲ୍ଲାରୁ ଧଳାଜହର କାରବାର ଲୋପ କରିବାପାଇଁ ଚେଷ୍ଟା ଚଳାଇଥିବାବେଳେ ଏହି ନିଶାଦ୍ରବ୍ୟ ବେପୋର କମିବାର ନାଁ ଧରୁନି। ବୁଧବାର ସନ୍ଧ୍ୟାରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ - ପାରାଦ୍ୱିପ ରାସ୍ତା ଜଇପୁର ଛକଠାରେ ପୋଲିସ ୧୧ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଏହି କାରବାରରେ ସମ୍ପୃକ୍ତ ଜଇପୁର ଗ୍ରାମର ଚିତ୍ତରଞ୍ଜନ ମହାନ୍ତିଙ୍କ ପୁଅ ଗୋରେଖ ମହାନ୍ତି (ସାହେବା)୨୫ ବର୍ଷ ଙ୍କୁ ଗିରଫ କରିଛି। ଆଜି ତିର୍ତ୍ତୋଲ ଥାନା କେଶେ୍ ନମ୍ବର ୫୧୯/୨୧ ମୁତାବକ ସାହେବାକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ବାଚସ୍ପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନ୍ୟବର ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଗତ ୨୫ ତାରିଖ ଦିନଠାରୁ ତିନିଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅପରାହ୍ନ ୫ଟାରୁ ଭୁବନେଶ୍ୱରରୁ ବାହାରି ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଛନ୍ତି ଏବଂ ସେ ବ୍ରହ୍ମପୁର ସ୍ଥିତ ସର୍କିଟ୍ ହାଉସ୍‌ରେ ଅବସ୍ଥାନ କରିବେ। ସେ ନଭେମ୍ବର ୨୬ ତାରିଖ ଦିନ କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ବେଣ୍ଟାଳିଆ, ଲାଠି, ସୁକୁଣ୍ଡା, ଚଢିଆମରା, ନୂଆବାଇଗଣବାଡି, ନଭେମ୍ବର ୨୭ ତାରିଖ ଦିନ ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ କୋଟିନଡା, ପାଣ୍ଡିଆଝୋଳି, ଡଙ୍କାରି, ବି.ତୁରୁବୁଡି, ଛତ୍ରମନ୍ଦିର, ତେନ୍ତୁଆପଡା, ଜକର, ମାଣିକପୁର ଏବଂ ନଭେମ୍ବର ୨୮ ତାରିଖ ଦିନ କୁକୁଡାଖଣ୍ଡି ବ୍ଲକ୍ର ମଦନମୋହନପୁର, ଜି.ମନୋହର, କୁସୁମି, ବାଘଲଟି, କଙ୍କିଆ, ପୁରୁଣାପାଟଣା, ବଣିଆମାରି, ମିତ୍ରପୁର ଓ ସାରକୋଟ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବେ। ୨୮ ତାରିଖ ଅପରାହ୍ନ ୫ଟା ସମୟରେ ସେ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ନଭେମ୍ବର ୨୯ ତାରିଖ ଦିନ ବିଧାନସଭା ଅଧିବେସନ ଆରମ୍ଭ ଅବ୍ୟବହିତ ପୂର୍ବରୁ ବିଧାନସଭା ସଚ୍ଚିବାଳୟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ।

# ମୁଖ୍ୟମନ୍ତ୍ରୀଙ୍କୁ ଆଗାମୀ ଓଡିଶାର କୃତଜ୍ଞତା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ପୁରୀ ଶ୍ରୀମନ୍ଦିର ବେଢା ବାହାର ପାର୍ଶ୍ୱର ରୂପାନ୍ତରଣ ଏବଂ ପୁରୀ ଶ୍ରୀ କ୍ଷେତ୍ରର ନବକଳେବର, ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟ କରିବାପରେ ଗତକାଲି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ଜମି ପ୍ରଦାନ କରିଥିବା ଅଠର ମଠ ମହନ୍ତ ଓ ୧୦୮ ଜଣ ଜମିଦାତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଦେଢ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜାତୀୟ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଏଥିପାଇଁ ଅୟର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଗାମୀ ଓଡିଶା ସଭାପତି ପ୍ୟାରୀ ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇବା ସହିତ ଅନୁଷ୍ଠାନ ପକ୍ଷରୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସାଇଁ, ଶିକ୍ଷାବିତ ସୁରେଶଚନ୍ଦ୍ର ରାଉତ, ଏସଏଏନ କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ସମାଜସେବୀ ବିଜନ ମହାପାତ୍ର, ଅଧ୍ୟାପକ ଭଗବାନ ବିଶ୍ୱାଳ, ଶିକ୍ଷାବିତ ସଦାଶିବ ବିଶ୍ୱାଳ, ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ, ଶିକ୍ଷାବିତ ଯଦୁନାଥ ଜେନା, ପଣ୍ଡିତ ଶ୍ରୀବତ୍ସ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କର ଐତିହାସିକ ପଦକ୍ଷେପ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ନାରୀ ସଶକ୍ତିକରଣରେ ଓଡ଼ିଶାର ପ୍ରୟାସ ପ୍ରଶଂସନୀୟ:ରାଜ୍ୟପାଳ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସୃଷ୍ଟିର ଆଧାର ହେଉଛି ନାରୀଶକ୍ତି। ନାରୀଶକ୍ତିର ସଫଳ ଉପଯୋଗ ଓ ପ୍ରୟୋଗରେ ଅଛି ପ୍ରଗତିର ସୂତ୍ର। ଯେଉଁ ସମାଜ ନାରୀଶକ୍ତିକୁ ଅବହେଳା କରିଛି, ଶୀଘ୍ର ନକରାତ୍ମକ ଫଳ ଭୋଗିଛି। ଭାରତୀୟ ଐତିହ୍ୟ ଓ ପରମ୍ପରାରେ ନାରୀକୁ ସର୍ବୋଚ୍ଚ ଆସନ ଦିଆଯାଇଛି। ସୁଖର କଥା, ସଂପ୍ରତି ନାରୀ ସଶକ୍ତିକରଣ ପାଇଁ ଓଡ଼ିଶାରେ ପ୍ରଶଂସନୀୟ ପ୍ରୟାସ ହେଉଛି ଏବଂ ଏହାର ବ୍ୟାପକ ପ୍ରଭାବ ସବୁସ୍ତରରେ ଅନୁଭୂତ ହେଉଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି।

ଭୁବନେଶ୍ୱରରେ ଫିକି, ମିଶନ ଶକ୍ତି ଓ 'ସମ୍ବାଦ' ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଶା-୫୦' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଲାଲ କହିଲେ ଯେ ପରମ୍ପରା ସହ ଆଧୁନିକ ଜ୍ଞାନକୌଶଳର ସମନ୍ୱୟ ଆଜିର ଆବଶ୍ୟକତା। ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ନେଇପାରିବେ। ଏଥି ନିମନ୍ତେ ଅନୁକୂଳ ପରିବେଶ ଏକାନ୍ତ ଜରୁରୀ। ଏପରି ପ୍ରୟାସ ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଏବଂ ମହିଳା ସଶକ୍ତିକରଣ ଓ ମହିଳା ଔଦ୍ୟୋଗିକତା କ୍ଷେତ୍ରରେ ଏହା ଉତ୍ପ୍ରେରକ ଭୂମିକା ନେବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

ବିଧାୟକ ତଥା 'ସମ୍ବାଦ' ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରୟାସ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ପ୍ରକାଶ କରିବା ସହ ସଂପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପନ କରିଥିଲେ। 'ସମ୍ବାଦ' ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଫିକି ଓଡ଼ିଶାର ଅଧ୍ୟକ୍ଷ ମୋନିକା ନାୟାର ପଟ୍ଟନାୟକ ଓଡ଼ିଶା-୫୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ରାଜ୍ୟପାଳ ୩୩ଜଣ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ 'ଶାରଦା ସୀମା ସମ୍ମାନ' ପ୍ରଦାନ କରିଥିଲେ। ଏହି ଅବସରରେ ଏକ କଫି ଟେବୁଲ୍ ବୁକ୍ 'ଓଡ଼ିଶା-୫୦' ମଧ୍ୟ ଉନ୍ମୋଚିତ ହୋଇଥିଲା।

# ଐତିହ୍ୟ ସ୍ଥଳୀ ସୁରକ୍ଷା ନିମନ୍ତେ ଜନଜାଗରଣର ଆବଶ୍ୟକତା




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବହୁବିଧ ବାସ୍ତବଧର୍ମୀ ଓ ସଚେତନତା ମୁଳକ କାର୍ଯ୍ୟାଧାରତାକୁ ସଫଳ ରୂପାୟନ କରିଆସୁଥିବା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ୍ ଆନୁକୂଲ୍ୟରେ ୨୯ତମ ବିଶ୍ୱ ଐତିହ୍ୟ ସପ୍ତାହ -୨୦୨୧ ଅବସରରେ ସରକାରୀ ଉଚ୍ଚବିଦ୍ୟାଳୟ ନାଉଗାଁ ହାଟରେ ଏକ ଜନପ୍ରିୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ ମାନସ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ଇନସାଫ୍ ର ବୈଷୟିକ ଉପଦେଷ୍ଟା ଉତ୍କଳରଂଜନ ମହାନ୍ତିଆଲୋଚନା ଚକ୍ରର ଆଭିମୁଖ୍ୟ ସଂପର୍କରେ ବିଶଦ ଭାବେ ଆଲୋକପାତ କରିଥିଲେ। ଆଲୋଚକ ଭାବେ ଜଗନ୍ନାଥ ସଂସ୍କୃତିର ପ୍ରମୁଖ ପ୍ରବଚକ ବାବା ସତ୍ୟନନ୍ଦ ଦାସ ମହାରାଜ ଜଗତସିଂହପୁର ଜିଲ୍ଲାର ଐତିହ୍ୟ ,ପରମ୍ପରା ଓ ସଂସ୍‌ସ୍କୃତି ଅତୀବ ମହାନ୍ ତଥା ଗରୀୟାନ ବୋଲି ଦର୍ଶାଇବା ସହ ଏହି ଜିଲ୍ଲାରେ ଥିବା ଐତିହ୍ୟ ସ୍ଥଳି ଗୁଡିକ ଧାର୍ମିକ,ଆଧାତ୍ମିକ,ନୈତିକ ତଥା ପରିବେଶିୟ ସ୍ଥିତିକୁ ବଜାୟ ରଖିବା ସହ ସେ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଅନ୍ୟତମ ଆଲୋଚକ ଭାବେ ଗଙ୍ଗଦାହାଟସ୍ଥ ମଉଳା ଭଣଜା ମହାବିଦ୍ୟାଳୟର ପ୍ରଧାପକ ଡକ୍ଟର ନିରଞ୍ଜନ ବିଶ୍ୱାଳ ଯୋଗଦେଇ ଓଡିଶା, ଜଗତସିଂହପୁରଓ ସର୍ବୋପରି ନାଉଗାଁ ବ୍ଲକର ପ୍ରମୁଖ ଐତିହ୍ୟ ସ୍ଥଳୀ ଗୁଡିକର ମହାତ୍ମ୍ୟ ତଥା ବିଶେଷତ୍ୱ ସଂପର୍କରେ ବଖାଣିବା ସହ ଏହାର ମନମୁଗ୍ଧ କର କଳା ଓ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମାୟୁନୁକ୍ରମେ ଏଗୁଡିକର ଅବକ୍ଷୟ ମୁଖରୁ ସୁରକ୍ଷା ପ୍ରଦାନ ନିମନ୍ତେ ପ୍ରତିଟି ମହଲର ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠାପର ମାନସିକତା ର ଏକାନ୍ତ ଆବଶ୍ୟକ ରହିଛି ବୋଲି ଦର୍ଶାଇଥିଲେ। ଏହି ଅବସରରେ ମିଳିତ ଭାବେ ସବୁଜ ଶପଥ ପାଠ କରିଥିଲେ। ଶେଷରେ ପଣ୍ଡିତ ପୁରୁଷୋତ୍ତମ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ ସେଠୀ, ସୁଚିତ୍ରା ବୂୟାଁ, ବିଜୟ କୁମାର ନାୟକ, ଲକ୍ଷ୍ମୀଧର ମଲ୍ଲିକ, ପୃଥୀରାଜ ମଲ୍ଲିକ, ଶୁଭଶ୍ରୀ ସାଇଁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚ୍ଳଳନା କରିଥିଲେ।

# କୋଭିଡ୍ କଟକଣାରେ ବିଧାନସଭା ଅଧିବେଶନ ଚାଲିବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆସନ୍ତା ଡିସେମ୍ବର ୧ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଷୋଡଶ ଓଡ଼ିଶା ବିଧାନସଭା ଅଷ୍ଟମ ଅଧିବେଶନରେ ସଂପୂର୍ଣ୍ଣ କୋଭିଡ୍ କଟକଣା ଓ ସତର୍କତା ଅବଲମ୍ବନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜି ଏ ସଂକ୍ରାନ୍ତରେ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି କ୍ରମେ ସମସ୍ତ ବିଧାନସଭା ସଦସ୍ୟଙ୍କ ଉଭୟ ଆର୍.ଟି.ପି.ସି.ଆର୍ ଏବଂ ଆଣ୍ଟିବଡି ପରୀକ୍ଷା କରାଯିବ। ବିଧାନସଭା ପରିସରରେ ନଭେମ୍ବର ୨୮, ୨୯ ଏବଂ ୩୦ ତାରିଖ ପୂର୍ବାହ୍ନ ୮.୩୦ ମିନିଟ୍‌ରୁ ଅପରାହ୍ନ ୧.୩୦ ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତରୀ ଦଳ ଏବଂ ମେଡିକାଲ୍ ଷ୍ଟାଫ୍‌ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ହେବ। ଉପରୋକ୍ତ ସମୟରେ ମଧ୍ୟ ସମସ୍ତ ପ୍ରାଧିକୃତ ଗଣମାଧ୍ୟମ ପ୍ରତିନିଧିଙ୍କର ମଧ୍ୟ



ଆର୍.ଟି.ପି.ସି.ଆର୍. ଟେଷ୍ଟ କରାଯିବ। ସମସ୍ତ ବିଧାୟକଙ୍କ ଡ୍ରାଇଭର ଏବଂ ସୁରକ୍ଷାକର୍ମୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀଦଳ ନେତା, ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକଙ୍କ ସମସ୍ତ ଷ୍ଟାଫ୍, ବିଧାନସଭା ସଚ୍ଚିବାଳୟର ସମସ୍ତ ଷ୍ଟାଫ୍‌ଙ୍କ ମଧ୍ୟ ଆର୍.ଟି.ପି.ସି.ଆର୍. ଟେଷ୍ଟ କରାଯିବ। ବିଧାନସଭା ଅଧିବେସନ ସମୟରେ ଯଦି କୌଣସି ସଦସ୍ୟ ଅସୁସ୍ଥ ଅନୁଭବ କରନ୍ତି ତେବେ ତାଙ୍କର ତୁରନ୍ତ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ସମସ୍ତ ବିଧାୟକଙ୍କୁ ସିଲ୍କ ମାସ୍କ, ଗ୍ଲୋଭସ୍ ଏବଂ ସାନିଟାଇଜର ଅଧିବେଶନ ସମୟସୀମା ୨୬ଦିନ ପାଇଁ ପ୍ରଦାନ କରାଯିବ। ବିଧାନସଭା ଅଧିବେଶନ ଆରମ୍ଭ ପୂର୍ବରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଏହି କୋଭିଡ୍ ପ୍ରତିରକ୍ଷାତ୍ମକ ସାମଗ୍ରୀ ପ୍ରଦାନ କରାଯିବ। ବିଧାନସଭା ସଂପର୍କିତ କାର୍ଯ୍ୟରେ ଆସୁଥିବା ସମସ୍ତ ସରକାରୀ ପଦାଧିକାରୀ କୋଭିଡ୍ ନେଗେଟିଭ୍ ରିପୋର୍ଟ ଧରି ବିଧାନସଭାରେ ପ୍ରବେଶ କରିବେ, ବିନା କୋଭିଡ୍ ନେଗେଟିଭ୍ ରିପୋର୍ଟରେ ବିଧାୟକଙ୍କ ସମେତ କାହାରିକୁ ବିଧାନସଭା ପରିସରରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଡେଙ୍ଗୁ ମଶା ଦାଉରୁ ବିଧାନସଭାକୁ ମୁକ୍ତ ରଖିବା ପାଇଁ ସମ୍ପୂର୍ଣ୍ଣ ବିଧାନସଭା ପରିସରକୁ ସାନିଟାଇଜ୍ କରାଯିବ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ରାଜକିଶୋର ଶର୍ମା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଓଡ଼ିଶା ରାଜ୍ୟ ମେଡିକାଲ୍ କର୍ପୋରେସନ୍ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# କମିଶନରେଟ୍‌ର ୯୦ ଭାଗ ପୋଲିସଙ୍କର ଔଦ୍ଧତ୍ୟତା ଚରମ ସୀମାରେ

**କଟକ(ସଂପର୍କ ବାର୍ତ୍ତା) :** ସହର କମିଶନରେଟ୍ ଥାନା ମାନଙ୍କରେ କାର୍ଯ୍ୟରତ ୯୦ ଭାଗ ପୋଲିସ ମାନଙ୍କର ବ୍ୟବହାର ଜନତାଙ୍କ ପାଇଁ ଅସହ୍ୟ ହୋଇ ପଡ଼ିଛି। ଫିରଙ୍ଗୀଠାରୁ ବି ବଳି ପଡ଼ିଛି ସେମାନଙ୍କର ଔଦ୍ଧତ୍ୟତା। ଗୃହ ବିଭାଗର ବେଲଗାମ ଯୋଗୁ ସାଧାରଣ ଜନତା ତ୍ରାହି ତ୍ରାହି ଆତ୍ମ ଚିତ୍କାର କଲେଣି। ଭଦ୍ରବ୍ୟକ୍ତି ମାନେ ଥାନାର ଦ୍ୱାରସ୍ଥ ହେବାକୁ ଭୟ କଲେଣି କାରଣ ଭଦ୍ରବ୍ୟକ୍ତି ମାନେ ଦୁର୍ଘଟଣାର ଶୀକାର ହୋଇ ନ୍ୟାୟ ପାଇବା ଆଶାରେ ଥାନାରେ ପହଞ୍ଚିବା ପରେ ଥାନା କର୍ମଚାରୀମାନଙ୍କର ଅଶ୍ଳୀଳ ଇଙ୍ଗିତ, ତୁ, ତା, ବେ, ବା ଉଚ୍ଚାରଣ ଜଣେ ଭଦ୍ରବ୍ୟକ୍ତି ପାଇଁ ଅସହ୍ୟ। ଥାନା ମାନଙ୍କରୁ ନ୍ୟାୟ ପାଇବାତ ଦୂରର କଥଣ ଓଲଟି ନିର୍ଯ୍ୟାତନା ପାଇବାଟା ଥୟ ବୋଲି ବୁଦ୍ଧିଜୀବୀଙ୍କ ବିବୃତି। କମିଶନରେଟ ଲାଗୁହେବା ପରଠାରୁ ପୋଲିସମାନଙ୍କର ଔଦ୍ଧତ୍ୟତା ଶହେଗୁଣ ବଢ଼ିଯାଇଛି। ସେମାନେ ଧରାକୁ ସରା ମଣିବାକୁ ଲାଗିଲେଣି। ଗୃହ ବିଭାଗର ଏସବୁ ଉପରେ କଟକଣା ନଥିବା ଯୋଗୁ ଆଜି ସାଧାରଣ ଜନତା ନ୍ୟାୟ ପାଇବାରୁ ବଂଚିତ। ଏ ଦିଗରେ ଡି.ଜି. କମିଶନର, ଡି.ସି.ପି. ମହୋଦୟ କଡ଼ା ପଦକ୍ଷେପ ନେବାକୁ ପ୍ରତ୍ୟକ୍ଷଦର୍ଶୀଙ୍କ ମତ।

# ପୁନଙ୍ଗ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ପକ୍ଷରୁ ସହାୟତା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅନ୍ନସ୍ଥ ପୁନଙ୍ଗ ଠାରେ ଥିବା ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ତରଫରୁ ପୁନଙ୍ଗ ଗ୍ରାମର ସ୍ୱର୍ଗତ ଦୀପକ ଭଟ୍ଟାଚାର୍ଯ୍ୟ ଙ୍କ ଝିଅର ଜନ୍ମଦିନ ଉପଲକ୍ଷେ ସଂଘ ପକ୍ଷରୁ ଏକ ଲକ୍ଷ ଟଙ୍କା ତାଙ୍କ କୁନିଝିଅ ନାମରେ ଜୀବନବୀମା କରିଥିଲେ। ଗତ ସେପ୍ଟେମ୍ବର ମାସ ୨ତାରିଖରେ ଦୀପକଙ୍କର ଦେହାନ୍ତ ଘଟିଥିଲା । ଯାହା ଫଳରେ ତାଙ୍କର ଏକମାତ୍ର ୩ ବର୍ଷର ଝିଅ ଅଛି। ତାଙ୍କର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନଥିବାରୁ ସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ତାଙ୍କ ପରିବାରକୁ ସରକାରଙ୍କ ଜନହିତକାରୀ ଯୋଜନା ରହିଛି ସେହି ଯୋଜନା ମାଧ୍ୟମରେ ଦୀପକ୍ ଭଟ୍ଟାଚାର୍ଯ୍ୟଙ୍କ ପରିବାରଙ୍କୁ କିଛି ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ପକ୍ଷରୁ ସଂପାଦକ ରଜନୀକାନ୍ତ ଚୌଧୁରୀ,ଅସୀମ ବାନାର୍ଜୀ, ତ୍ରିଲୋଚନ ବେହେରା, ବଦ୍ରୀନାରାୟଣ ମହାନ୍ତି, ଲକ୍ଷ୍ମୀନାରାୟଣ ମିଶ୍ର, ଶାରଦା ରଣା, କୃଷ୍ଣଚନ୍ଦ୍ର ଦାସ, ଅଶୋକ ସାହୁ, ଗିରିଜା ଦାଶ, ଅଭୟ ଦାଶ, ଶରତ ଦାସ, ରବିନ୍ଦ୍ର ରଣା, ରମାକାନ୍ତ ଚୌଧୁରୀ, ସତ୍ୟନାରାୟଣଚୌଧୁରୀ, ସୁମିତ୍ ବେହେରା, ଅମିତ୍ ଅଧିକାରୀ, ଶାରଦା ସାହୁ, ଦୁର୍ଗାପ୍ରସାଦ ଦାସ, ଜୟନ୍ତ ଅଧିକାରୀ, ଗୋବିନ୍ଦ ବେହେରା, ସମୀର ଭଟ୍ଟାଚାର୍ଯ୍ୟ, ପ୍ରତାପ ମହାନ୍ତି, ଅଶୋକ ଦାସ ତ୍ରିଲୋଚନ ସାହୁ ପ୍ରମୁଖ ସଦସ୍ୟ ମାନେ ଦାବୀ କରିଛନ୍ତି। ବୀମା ରାଶିର ଚେକ ପ୍ରଦାନ ବେଳେ ତାଙ୍କ ଭାଇ ପ୍ରଦୀପ ଭଟ୍ଟାଚାର୍ଯ୍ୟ, ସ୍ତ୍ରୀ ରେଖା ଭଟ୍ଟାଚାର୍ଯ୍ୟ. ମାଆ ଶିବାନୀ ଭଟ୍ଟାଚାର୍ଯ୍ୟ ଓ ଝିଅ ଲକ୍ଷ୍ମୀପ୍ରିୟା ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ।




# ବୀରେନ୍ ମିତ୍ରଙ୍କ ପରି ଦରଦୀ ଜନନେତା ବିରଳ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ବିଶିଷ୍ଟ ଜନନାୟକ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ୍ ବୀରେନ୍ ମିତ୍ରଙ୍କର ୧୦୪ ତମ ଜୟନ୍ତୀ ଆଜି ଜଗତସଂହପୁର ସାରସ୍ୱତ ପରିଷଦ ପକ୍ଷରୁ କଲେଜ ଛକ ଠାରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ ଅଧକ୍ଷତାକରି ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ୍ ବୀରେନ ମିତ୍ର ସାଧାରଣ ଜନତାର ସୁଖଦୁଃଖର ସାଥୀ ଥିଲେ ବୋଲି କହିବା ସହ ତାଙ୍କ ପର ଦରଦୀ ଜନନେତା ଆଜିର ଦୁନିଆରେ ବିରଳ ବୋଲି ମତଦେଇ ଥିଲେ। ସେହିପରି ଶିକ୍ଷାବିତ୍ ଓ ଶିକ୍ଷକ ନେତା ବିଜୟ କୁମାର ବିଶ୍ୱାଳ କହିଥିଲେ ଯେ, ସ୍ୱର୍ଗତ ବୀରେନ୍ ମିତ୍ର ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ। ଏପରକି ଜମିଦାର ପରିବାରରେ ଜନ୍ମ ନେଇ ବି ଜମିଦାରୀ ହଟାଅ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ବେହେରା, ସମ୍ବିତ ଦାସ,ଅସିତ୍ ସାଇଁ, ଓ ପ୍ରଭାତୀ ବେହେରା ସେମାନଙ୍କ ବକ୍ତ୍ୟବରେ କହିଥିଲେ ଯେ, ବୀରେନ ମିତ୍ର ଏମିତି ଜଣେ ନେତା ଥିଲେ ଯାହାଙ୍କ ଘର ସମସ୍ତଙ୍କ ପାଇଁ ଖୋଲା ରହୁଥିଲା ଓ ଯିଏ ଯେତେବେଳେ ଚାହୁଁଥିଲେ ତାଙ୍କୁ ଭେଟି ପାରୁଥିଲେ । ଏହି ଅବସରରେ ଜଗତସିଂହପୁର ଅଞ୍ଚଳର ଜଣାସୁଣା ସମାଜସେବୀ ପ୍ରଦୀପ୍ ମିତ୍ର (ନିଲୁ ମିତ୍ର)ଙ୍କୁ



ଚଳିତବର୍ଷ ପାଇଁ 'ବୀରେନ୍ ମିତ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ରୂପାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



Vol.5 Issue-25 November 29 to December 5, 2021, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୨୫ ନଭେମ୍ବର ୨୯ ରୁ ଡିସେମ୍ବର ୫, ୨୦୨୧, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ୮ମ ଛାତ୍ରୀକୁ ରସିକ ଶିକ୍ଷକଙ୍କ ପ୍ରେମ ନିବେଦନ

## 'ମୋତେ ଭଲ ପାଅ' ମାଗଣାରେ ପାଠ ପଢାଇବି

**କେନ୍ଦ୍ରାପଡ଼ା(ସଂପର୍କବାର୍ତ୍ତା):-** ମୁଁ ତୋତେ ବହୁତ ଭଲ ପାଉଛି, ତୁ ମୋତେ ଭଲ ପାଅ। ମୁଁ ରାତିରେ ମାଗଣାରେ ତୋତେ ପାଠ ପଢାଇବି। ତୋ' ପ୍ରେମ ଓ ରୂପରେ ମୁଁ ପାଗଳ। ଇଏ କୌଣସି ହତାସ ପ୍ରେମୀକର ଅଭିବ୍ୟକ୍ତ ନୁହେଁ ବରଂ ମଣିଷ ତିଆରି କାରଖାନାରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଗୁରୁ ନିଜ ଝିଅ ବୟସର ୮ମ ଶ୍ରେଣୀ ଛାତ୍ରୀକୁ ଏଭଳି ଢଙ୍ଗରେ ଏକତରଫା ପ୍ରେମ ନିବେଦନ କରିଛନ୍ତି। ମାର୍ଶାଘାଇ ବ୍ଲକ୍ ଅଞ୍ଚଳ ଏକ ନାମକରା ପ୍ରତିଷ୍ଠିତ ହାଇସ୍କୁଲ୍‌ରୁ ଏଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିବା ପରେ ବେସ୍ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ସଂପୃକ୍ତ ଛାତ୍ରୀଙ୍କ ମା' ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଧାନ ଶିକ୍ଷକଙ୍କୁ ଦେବା ପରେ ପୁରା ଘଟଣା ସାମ୍ନାକୁ ଆସିଛି। ହେଲେ ଏ ଯାଏ ସଂପୃକ୍ତ ଖେଳ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଘଟଣାକୁ ପ୍ରଘଟ ନ କରି ଚାପି ଦେବାକୁ ସ୍କୁଲ୍ ସ୍ତରରେ ଜୋର୍‌ସୋର୍ ଉଦ୍ୟମ ଚାଲିଥିବା ବେଳେ ପୀଡିତାଙ୍କ ମା' କିନ୍ତୁ ଖେଳ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପୀଡିତାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଅଷ୍ଟମରେ ପଢୁଛି କିନ୍ତୁ ଗଲା ଦୁଇ ମାସ ହେବ ଖେଳ ଶିକ୍ଷକ ଜଣକ ଝିଅକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାକୁ ପ୍ରେମ କରିବାକୁ ବାଧ କରିଆସୁଥିଲେ। ଏମିତିକି ଘର ମୋବାଇଲ୍‌କୁ ବି ଅଶ୍ଳୀଳ ମେସେଜ୍ ପଠାଉଥିଲେ। ବାରମ୍ବାର ମୋବାଇଲ୍‌କୁ ଏଭଳି ମେସେଜ୍ ଓ ପ୍ରେମ ନିବେଦନ ଆସିବା ପରେ ଝିଅ ଭୟଭିତ ହୋଇ ଘରେ ସବୁକଥା କହିଦେଇଥିଲେ। ଏହାପରେ ଖେଳ ଶିକ୍ଷକଙ୍କୁ ଘଟଣା ସଂପର୍କରେ ପଚାରିବାରୁ ଭୁଲ୍ ହୋଇଯାଇଛି, ଆଉ କେବେ ବି ଏଭଳି ହେବ ନାହିଁ। ମୋତେ କ୍ଷମା କରିଦିଅ, ନଚେତ୍ ଚାକିରୀ ଚାଲିଯିବା ବୋଲି ଛାତ୍ରୀଙ୍କ ମା'ଙ୍କୁ ହାତ ଯୋଡି କ୍ଷମା ମାଗିଥିଲେ ଖେଳ ଶିକ୍ଷକ। ପରବର୍ତ୍ତୀ ସମୟରେ ପୁଣି ଛାତ୍ରୀକୁ ପରୀକ୍ଷାରେ ଫେଲ୍ କରିଦେବାର ଧମକ ଦେଖାଇ ମେସେଜ୍ କରିବାକୁ ବାଧ କରିଥିଲେ। ଛାତ୍ରୀଜଣକ ଏ କଥା ନ ମାନିବାରୁ ଗତ ୨୭ ତାରିଖରେ ଝିଅର ସାଇକେଲ୍‌କୁ ଅଟକାଇ ପିନ୍ଧା ପୋଷାକକୁ ଟଣାଓଟରା କରିବା ସହିତ କାହିଁକି ମା'ଙ୍କୁ ସବୁକଥା କହିଲୁ ବୋଲି ନାଲିଆଖି ଦେଖାଇ ଦୁଷ୍କର୍ମ କରିବାକୁ ଧମକ ଦେଇଥିବା ପୀଡିତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି।

ଛାତ୍ରୀଙ୍କ ସହିତ ଖେଳ ଶିକ୍ଷକ ରାସ୍ତାରେ କରିଥିବା ଏହି ପ୍ରକାର ହରକତ ସଂପର୍କରେ ଅନ୍ୟ ଦୁଇ ଛାତ୍ର ଦେଖିବା ପରେ ପ୍ରଧାନ ଶିକ୍ଷକଙ୍କୁ ଆସି ଘଟଣା ସଂପର୍କରେ ଜଣାଇଥିଲେ। ଏହା ପରେ ଗତ ମଙ୍ଗଳବାର ଛାତ୍ରୀଙ୍କ ମା' ପ୍ରଧାନ ଶିକ୍ଷକଙ୍କ ମା ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ରସିକିଆ ଖେଳ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏହି ଅଭିଯୋଗକୁ ପ୍ରଧାନ ଶିକ୍ଷକ ଗ୍ରହଣ କରିଥିବା ବେଳେ ତେବେ ସେହି ରସିକ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉଛି ତାରି ଉପରେ ସଭିଙ୍କ ନଜର ରହିଛି।




# ବିନା ଦାଢି ସ୍ୱାମୀ ଦରକାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦାଢି ପାଇଁ ବିବାଦ। ଦାଢି ରଖିଥିବାରୁ ମିଳିଲା ତଲାକ ଧମକ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଅଲ୍ଲିଗଡ଼ରେ। ଗଲ୍ଲିଗଡ଼ରେ ଜଣେ ମୁସଲମାନ ଧର୍ମଗୁରୁ ଦାଢି ରଖିଥିଲେ ବୋଲି ତାଙ୍କୁ ତଲାକ ଦେବେ ବୋଲି କହିଛନ୍ତି ତାଙ୍କ ପତ୍ନି। ମୁସଲମାନ ଧର୍ମଗୁରୁଙ୍କ ପତ୍ନୀଙ୍କ କହିବା ଯେ ସେ ଜଣେ ଆଧୁନିକ ଝିଅ ଅଟନ୍ତି। ତେଣୁ ମୋତେ ବିନା ଦାଢି ସ୍ୱାମୀ ଦରକାର। ତେବେ ଦାଢିକୁ ନେଇ ହେଉଥିବା ବିବାଦ ମଧ୍ୟରେ ମୁସଲମାନ ଧର୍ମଗୁରୁ ଏସ୍‌ଏସ୍‌ପିରେ ଅଭିଯୋଗ କରିଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଏଫଆଇଆର ରୁଜୁ ହୋଇନାହିଁ। ଅଭିଯୋଗ କରିବାକୁ ଯାଇ ମୁସଲମାନ ଧର୍ମଗୁରୁ କହିଥିଲେ କି ତାଙ୍କ ବାହାଘର ୨୦୨୦ରେ ହୋଇଥିଲା। ମୋର ସ୍ତ୍ରୀ ମୋତେ କହିଥିଲେ କି ତୁମେ ଦାଢି କାଟିଦିଅ। କାହିଁକି ନା ମୁଁ ଜଣେ ଆଧୁନିକ ଝିଅ ବୋଲି କହିଥିଲେ ମୁସଲମାନ ଧର୍ମଗୁରୁଙ୍କ ପତ୍ନୀ। ତେବେ ଏହି ମାମଲାରେ ମୌଲାନା କହିଛନ୍ତି ଯେ, ଧାର୍ମିକ କାରଣରୁ ମୁଁ ଦାଢି କାଟିପାରିବି ନାହିଁ। ସେ ଆହୁରି କହିଛନ୍ତି କି, ବାହାଘରର କିଛି ଦିନ ପରେ ମୋତେ ମୋ ସ୍ତ୍ରୀ ଦାଢି କାଟିବା ପାଇଁ ଧମକ ଦେଇଥିଲେ। କହିଥିଲେ କି ମୁଁ ଜଣେ ଆଧୁନିକ ଝିଅ। ଏମିତି ଦାଢି ରଖିଲେ ମୁଁ ତୁମ ପାଖରେ ରହିପାରିବି ନାହିଁ। ତେଣୁ ଦାଢି କାଟିବାକୁ ଧମକ ଦେଉଥିଲେ। ଦାଢି କାଟିବାକୁ ନେଇ ବିବାହ ପରଠାରୁ ମୋ ପତ୍ନୀ ଲଗାତାର ଭାବରେ ବିବାଦ କରୁଛନ୍ତି ବୋଲି କହିଛନ୍ତି ମୁସଲମାନ ଧର୍ମଗୁରୁ। ଏହି ମାମଲାରେ ଧର୍ମଗୁରୁ ଏସ୍‌ଏସ୍‌ପି ଅଫିସ୍‌କୁ ଆସି ଅଭିଯୋଗ କରିଛନ୍ତି। ଏହି ମାମଲାରେ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି ମୁସଲମାନ ଧର୍ମଗୁରୁ।

# ଟିଟିଲାଗଡରେ ସେକ୍ସ ରାକେଟ୍

**ଟିଟିଲାଗଡ(ସଂପର୍କବାର୍ତ୍ତା):-** ଟିଟିଲାଗଡ ବ୍ଲକ ଶଗଡଘାଟଠାରେ ପୁଲିସ ଏକ ସେକ୍ସ ରାକେଟ ଠାବ କରିଛି। ଏଥିରେ ୩ ଯୁବତୀଙ୍କ ସହ ୨ଯୁବକ ପୁଲିସ ହାବୁଡରେ ପଡିଛନ୍ତି। ଯୁବତୀଙ୍କୁ ଛାଡି ଦିଆଯାଇଥିବା ବେଳେ ଦୁଇ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଦୁଇ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଦୈନିକ ବଜାର ନିକଟସ୍ଥ ଛକ ଓ ଶଗଡଘାଟ ଆଇଟିଆଇ ନିକଟରେ ସେକ୍ସ ରାକେଟ ଚାଲିଥିବା ପୁଲିସ ଖବର ପାଇ ଚଢାଉ କରିଥିଲେ। ବିଭିନ୍ନ ସ୍ଥାନରୁ ୩ ଯୁବତୀ ଜଣେ ଗ୍ରାହକ ଓ ଜଣେ ଦଲାଲକୁ ଠାବ କରାଯାଇଥିଲା। ତିନି ଯୁବତୀଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହଜାର କରାଯାଇ ତାଙ୍କୁ ଛାଡି ଦେଇଥିବା ବେଳେ ଯୁବକଙ୍କୁ କୋର୍ଟ ଚାଲଣ କରାଯାଇଛି। ଏହି ଯୁବତୀମାନେ ଭୁବନେଶ୍ୱର ଓ ବୌଦ୍ଧ ଅଂଚଳର ବୋଲି ପୁଲିସ ସୂଚନା ଦେଇଛି।

# ମହିଳା ବ୍ୟାଙ୍କ ମ୍ୟାନେଜର ଗିରଫ

## ଜଗତସିଂହପୁରରେ ଗୁଡ୍ ନ୍ୟୁଜ୍

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବାଲିକୁଦା ଥାନା ଅନ୍ତର୍ଗତ ପରାହାଟ ସିଣ୍ଡିକେଟ ବ୍ୟାଙ୍କ ତଥା ବର୍ତ୍ତମାନର କାନାଡା ବ୍ୟାଙ୍କର ପୂର୍ବତନ ମ୍ୟାନେଜର୍ ସୁହାନା ଟପ୍ନଙ୍କୁ ୨୦ଲକ୍ଷ ଟଙ୍କା ଠକେଇ ମାମଲାରେ ବାଲିକୁଦା ଥାନା ପୁଲିସି ଗିରଫ କରିଛି। ୩ ବର୍ଷ ତଳେ ଉକ୍ତ ବ୍ୟାଙ୍କ ଶାଖାରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ସମୟରେ ସୁହାନା ମହିଳା ସମିତି ଗ୍ରୁପର ଜମା ଟଙ୍କା ସମେତ ବ୍ୟାଙ୍କ କର୍ତ୍ତପକ୍ଷ ତାଙ୍କୁ ଚାକିରିର ବହିଷ୍କାର କରିଥିଲେ। କିନ୍ତୁ ସେହି ସମୟ ଠାରୁ ଗିରଫ ଭୟରେ ସେ ଫେରାର ଥିଲେ। ଏପଟେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ୧୬ଟି ମହିଳା ଗ୍ରୁପ ପକ୍ଷରୁ ଅଲଗା ଆଲଗା ଭାବେ ୧୭ଟି ଅଭିଯୋଗ ତାଙ୍କ ନାମରେ ବାଲିକୁଦା ଥାନାରେ ରୁଜୁ କରାଯାଇଥିଲା ଘଟଣାର ୩ ବର୍ଷ ପରେ ତାଙ୍କୁ ଆଜି ବାଲିକୁଦା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଲିକୁଦା ଥାନା ଅଧିକାରୀ ରଶ୍ମିରଞ୍ଜୀନ ସାହୁ ସୂଚନା ଦେଇଛନ୍ତି।

# ୮୦ ବର୍ଷର ବୃଦ୍ଧଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ୬୫ବର୍ଷିୟ ମହିଳା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୮୦ ବର୍ଷ ବୟସରେ କରିଛନ୍ତି ଦୁଷ୍କର୍ମ ଉଦ୍ୟମ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶର ଜବଲପୁରରେ। ୮୦ବର୍ଷର ବୃଦ୍ଧ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହେବା ପରେ ପୋଲିସ୍ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ନାଗପୁରର ଏହି ମହିଳା ଜଣକ ମଧ୍ୟ ପ୍ରଦେଶରେ ଘରଭଡା ନେଇ ରୁହନ୍ତି। ରହିବା ସମୟରେ ୮୦ବର୍ଷର ବୃଦ୍ଧଙ୍କ ସହିତ ତାଙ୍କ ପରିଚୟ ହୁଏ। ବୃଦ୍ଧଜଣକ ନିୟମିତ ତାଙ୍କ ଘରକୁ ଆସୁଥିବା ବେଳେ ତାଙ୍କ ଅନିଚ୍ଛା ସତ୍ତ୍ୱେ ବଳପୂର୍ବକ ସଂପର୍କ ସ୍ଥାପନ କରିଥିଲେ। ଏହାପରେ ବୃଦ୍ଧଜଣକ ନିୟମିତ ଭାବେ ତାଙ୍କୁ ଦୁଷ୍କର୍ମ କରିଥିଲେ। ତେବେ ଏପରି ବ୍ୟବହାରରେ ଅତିଷ୍ଠ ହୋଇ ୬୫ବର୍ଷିୟ ବୃଦ୍ଧାଜଣକ ପୋଲିସ୍‌ର ଦ୍ୱାରସ୍ତ ହୋଇଥିଲେ। ମାମଲା ଶୁଣିବା ପରେ ପୋଲିସ୍ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ପୋଲିସ୍ ଏଫ୍‌ଆଇଆର୍ ରୁଜୁ କରି ମାମଲାକୁ ଯାଞ୍ଚ କରୁଥିବା ବେଳେ ବୃଦ୍ଧ ଜଣକ ଏବେ ଫେରାର୍ ଅଛନ୍ତି।




# ଭୁବନେଶ୍ୱରରେ ଛେଚା ଖାଇଲେ ୨ ସାମ୍ବାଦିକ, ଭଲ ଖବର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜଣେ ଠିକାଦାରଙ୍କଠାରୁ ବଟି ଆଦାୟ କରିବାକୁ ବ୍ଲାକମେଲ୍ କରିବା ଦୁଇ ନକଲି ସାମ୍ବଦିକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ସ୍ଥାନୀୟ ଲୋକେ ଦୁଇ ନକଲି ସାମ୍ବଦିକଙ୍କୁ ବହେ ପୁଲିସ ଜିମା ଦେଇଛନ୍ତି। ଅଟୋଚାଳକ ଭାବେ କାମ କରୁଥିବା ଏହି ଦୁଇଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ଏହି ଦୁଇ ଯୁବକ ଏକ ରାସ୍ତା କାମର ଫଟୋ ଉଠାଇଥିଲେ। କାମ ନିମ୍ନମାନର ହେଉଛି ବୋଲି କହି ସେମାନେ ଠିକାଦାରଙ୍କୁ ବ୍ଲାକ୍ ମେଲ୍ କରିବା ଆରମ୍ଭ କରିଥିଲେ। କିଛି ଟଙ୍କା ଦେଲେ, ସେମାନେ ଚୁପ୍ ରହିବେ ବୋଲି କହିଥିଲେ। କିନ୍ତୁ ଠିକାଦାର ସେମାନଙ୍କୁ ଡରି ନଯାଇ ସ୍ଥାନୀୟ ମୁରବିମାନଙ୍କୁ ଡକାଇଥିଲେ। ସ୍ଥାନୀୟ କିଛି ଯୁବକ ସେଠାରେ ପହଂଚିବା ଦେଖି ଠକ ଦ୍ୱୟ ସେଠାରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଯୁବକମାନେ ସେମାନଙ୍କୁ କାବୁ କରି ବହେ ଛେଚିବା ସହ ଥାନା ପୁଲିସ ଜିମା ଦେଇଥିଲେ। ପରେ ଜଣାପଡିଥିଲା ସେ ଯୁବକଦ୍ୱୟ ଅଟୋଚାଳକ ଓ ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ଲୋକଙ୍କୁ ଭୁଆଁ ବୁଲାଉଥିଲେ। ଥାନାରେ ବିଭିନ୍ନ ମାମଲାର ସମାଧାନ କରାଇବାକୁ କହି ମୁଦେଇ ଓ ମୁଦଲାଙ୍କ ଠାରୁ ଚାନ୍ଦା ଆଦାୟ କରୁଥିଲେ। ଏଥିରେ କିଛି ପୁଲିସ କର୍ମଚାରୀ ସେମାନଙ୍କୁ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି।

# ଜଗତପୁରରେ ବସ୍ତିବାସିନ୍ଦାଙ୍କ ଘର ନିର୍ମାଣ ନିମ୍ନମାନର !

**କଟକ(ସଂପର୍କବାର୍ତ୍ତା):-** କଟକ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଥିବା ବସ୍ତିଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ବିଶେଷକରି କଟକ ବଡ଼ ମେଡ଼ିକାଲ ଚତୁଃପାର୍ଶ୍ୱରେ ଥିବା ବସ୍ତିବାସିନ୍ଦାଙ୍କୁ ଜଗତପୁର ନିମପୁର ଓ ସିଏମ୍‌ସି ୫୧ ନମ୍ବର ୱାର୍ଡ଼ର ନୂଆପଡ଼ା ବାଲିସାହି ଅଞ୍ଚଳରେ ଥଇଥାନ କରାଯାଇଛି। ତେବେ ଉଚ୍ଛେଦ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦିଆଯାଇଥିବା ଆର୍ଥିକ ସହାୟତାରେ ଘର ନିର୍ମାଣ କରାଯାଉଛି। କେତେକ ଘର ନିର୍ମାଣ ଶେଷ ହୋଇଥିବାବେଳେ ଆଉ କେତେକ ନିର୍ମାଣାଧୀନ ରହିଛି। ଏହି ଘର ନିର୍ମାଣ ଶେଷ ହୋଇଥିବାବେଳେ ଆଉ କେତେକ ନିର୍ମାଣାଧୀନ ରହିଛି। ଏହି ଘର ନିର୍ମାଣ ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଠିକାଦାରର ମନମୁଖି କାର୍ଯ୍ୟ କରୁଥିବାରୁ ନିମ୍ନମାନର ଏହି ଘରଗୁଡ଼ିକ ଭୁଶୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ସମ୍ପ୍ରତି କଟକ ସହରର ବିଭିନ୍ନ ଅଞ୍ଚଳରୁ ବାଲିସାହିକୁ ପ୍ରାୟ ସ୍ଥାନାନ୍ତର ହୋଇଥିବା ୧୫୦୦ ପରିବାରଙ୍କ ପାଇଁ ଘର ନିର୍ମାଣ ଚାଲିଛି। ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଛି। ତେବେ ଏହି ନିର୍ମାଣଧୀନ ଘରଭିତରେ ମାଟି ଫିଲିଂ ପାଇଁ ବେଆଇନ୍ ଭାବେ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ ଘର ନିକଟରୁ ମାଟି ଉଠାଯାଉଛି। ଫଳରେ ମାଟି ଉଠୁଥିବା ସ୍ଥାନରେ ବିରାଟ ବିରାଟ ଖାଲ ସୃଷ୍ଟି ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଫଳରେ ସେଠାରେ ପାଣି ଜମି ରହିବା ସହିତ ଅତଡ଼ା ଖାଇବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଅତଡ଼ା ଖାଇଲେ ପରେ ଏହି ଘର କାନ୍ଥଗୁଡ଼ିକ ଭୁଶୁଡ଼ି ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବାରୁ ଏଭଳି ବେଆଇନ୍ କାର୍ଯ୍ୟ ସତ୍ତ୍ୱେ ଅଧିକାରୀମାନେ ନିରବ ରହୁଛନ୍ତି। ଅନ୍ୟପକ୍ଷରେ ଏନେଇ ବସ୍ତିବାସିନ୍ଦା ମୁହଁ ଖୋଲିଲେ ଘର ନିର୍ମାଣ ହୋଇପାରିବ ନାହିଁ ବୋଲି ସମ୍ପୃକ୍ତ ଠିକା ସଂସ୍ଥା ଧମକ ଦେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ ଯେ କଟକ ମହାନଗର ନିଗମ ଅଞ୍ଚଳରେ କଟକ ବଡ଼ ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଏହାର ଭିତ୍ତିଭୂମିର ବିକାଶ ଓ ମେଡ଼ିକାଲକୁ ସଂଯୋଗ କରୁଥିବା ତାଳଦଣ୍ଡା କେନାଲ ରାସ୍ତାର ସମ୍ପ୍ରସାରଣ ପାଇଁ କେନାଲର ଉଭୟ ପାର୍ଶ୍ୱରେ ଥିବା ବସ୍ତିଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ବସ୍ତିବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ଜମି ଯୋଗାଇ ଦିଆଯିବା ସହ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରାଯାଇଥିଲା। ହେଲେ ସମ୍ପୃକ୍ତ ବସ୍ତିବାସିନ୍ଦାମାନେ ଘର ନିର୍ମାଣ କରିବାରେ ସକ୍ଷମ ନହେବା ଦୃଷ୍ଟିରୁ ଏହାର ସୁଯୋଗ ନେଇ ଠିକାଦାରମାନେ ସେମାନଙ୍କୁ ପ୍ରଲୋଭିତ କରି ଗୃହ ନିର୍ମାଣ କରାଇଦେବାର ଅନୁମତି ନେମଇଗଲେ। ତେବେ ବିଭିନ୍ନ ସ୍ଥାନରେ ଠିକାସଂସ୍ଥା ଅତ୍ୟନ୍ତ ନିମ୍ନମାନର ଘର ତିଆରି କରି ବସ୍ତିବାସିନ୍ଦାଙ୍କୁ ଦେଇଥିବାବେଳେ କିଛିଦିନ ମଧ୍ୟରେ କାନ୍ଥରେ ଫାଟ ସୃଷ୍ଟି ହେବା ଅଭିଯୋଗ ହୋଇଥିଲା। କିନ୍ତୁ ଏବେ ଠିକାଦାରମାନେ ବାଲିସାହି ଅଞ୍ଚଳରେ ଘର ନିର୍ମାଣ କରୁଥିବାବେଳେ ଘର ନିକଟରୁ ମାଟି ଉଠାଇବା କେତେଦୂର ସମୀଚିନ, ସେନେଇ ବସ୍ତିବାସିନ୍ଦା ଅଭିଯୋଗ ଆଣିଛନ୍ତି। ତେବେ ଏନେଇ ସିଏମ୍‌ସି ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଓଡ଼ିଶା ପୋଲିସ୍‌ରେ କଳଙ୍କ ଫାଣ୍ଡିରେ ମହିଳାଙ୍କୁ ଦୁଷ୍କର୍ମ !

**ଟାଙ୍ଗୀ(ସଂପର୍କବାର୍ତ୍ତା):-** ଟାଙ୍ଗୀ ଥାନା ମଙ୍ଗୁଳି ପୁଲିସ୍ ଆଉଟ୍‌ପୋଷ୍ଟ ଭିତରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଡ୍ୟୁଟି ସମୟରେ ଜଣେ ହୋମଗାର୍ଡ ଏହି କାଣ୍ଡ ଘଟାଇଥିବା ଜଣାପଡିଛି। ଏହି ଘଟଣା ସାମ୍ନାକୁ ଆସିବାପରେ ପୁଲିସ ମାମଲା ରୁଜୁ କରିବା ସହ ସଂପୃକ୍ତ ହୋମଗାର୍ଡଙ୍କ ସମେତ ୩ ଜଣଙ୍କୁ ଅଟକ ରଖିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପୂର୍ବରୁ ସନ୍ଦିଗ୍ଧ ଆତଙ୍କବାଦୀ ଅବଦୁଲ୍ ରେହେମାନର ଆଡା ଠାରୁ ଆରମ୍ଭ କରି ବହୁ ଚୋରା ଓ ନକଲି କାରବାରର ପେଣ୍ଠସ୍ଥଳ, ହାଜତରେ ତଣ୍ଟିକାଟି ଆତ୍ମହତ୍ୟା ଉଦ୍ୟମ ଓ ପାଟ୍ରୋଲିଂ ବେଳେ ଲକ୍ଷାଧିକ ଟଙ୍କା ଲୁଟ୍ ମାମଲାରେ ତିନି ଜଣ ପୋଲିସ୍ କର୍ମଚାରୀ ଜେଲ୍ ଯିବା ଭଳି ଘଟଣାକୁ ନେଇ ଟାଙ୍ଗୀ ଥାନା ପୁଲିସ୍ ରାଜ୍ୟରେ କୁଖ୍ୟାତି ଅର୍ଜନ କରିଥିଲା ଏବେ ଏଭଳି ଏକ ଘଟଣା ପୁଣିଥରେ ପୁଲିସକୁ ସାଧାରଣରେ ନିନ୍ଦିତ କରିଛି। ତେବେ, ଏହି ଘଟଣା ସଂପର୍କରେ ପୁଲିସ ଆଜି ସୂଚନା ଦେବାକୁ ମନା କରିଦେଇଛି।




# ଦେଶରେ କଂଗ୍ରେସର ରାଜୁତି ଶେଷ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିକୁ ଧୂଳି ଚଟାଇ କ୍ଷମତା ଅକ୍ତିଆର କରିବା ପରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଜାତୀୟ ସ୍ତରରେ ରାଜୁତି ଆରମ୍ଭ କରିଛି। ସୁପ୍ରିମୋ ମମତା ବାନାର୍ଜି ଗୋଆ, ତ୍ରିପୁରା, ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟକୁ ଗସ୍ତ କରି ନିଜ ଆସ୍ଥାନ ଜମାଇଲେଣି। ଆଗକୁ ଆସାମ ମଣିପୁର ସହ ଅନ୍ୟ ରାଜ୍ୟରେ ମଧ୍ୟ ଟିଏମ୍‌ସି ଖେଳ ଆରମ୍ଭ କରିବାକୁ ଯୋଜନା କରୁଛି। ପଶ୍ଚିମବଙ୍ଗରେ ମଧ୍ୟ ଭାରତୀୟ ଜନତା ପାର୍ଟିର ଅନେକ ନେତା ଦଳ ପରିବର୍ତ୍ତନ କରି ଟିଏମ୍‌ସିରେ ମିଶି ସାରିଲେଣି। ପୁଣି ମେଘାଳୟରେ ଟିଏମ୍‌ସି କଂଗ୍ରେସର ୧୨ଜଣ ବିଧାୟକଙ୍କୁ ନିଜ ସପକ୍ଷକୁ ଆଣିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ଉତ୍ତର-ପୂର୍ବାଞ୍ଚଳରେ ଟିଏମ୍‌ସି ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହେବାକୁ ଯାଉଛି। ଏହା ପରେ ଧିରେ ଧିରେ ଟିଏମ୍‌ସି ଜାତୀୟ ରାଜନୀତିରେ ମଧ୍ୟ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହେବ ବୋଲି ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

ତେବେ ଦିଦି ଯେ, ୨୦୨୪ ମେଗା ଫାଇଟ୍ ପୂର୍ବରୁ ନିଜକୁ ପ୍ରସ୍ତୁତି କରୁଛନ୍ତି। ଏଥିରେ ଦ୍ୱିମତ ନାହିଁ। ମାତ୍ର କଂଗ୍ରେସକୁ ମାତ୍ ଦେଇ ସେହି ଆସନରେ ଟିଏମ୍‌ସି କ'ଣ ସତରେ ବସିପାରିବ? ବଙ୍ଗ ଦଖଲ ପରେ ପ୍ରଶାନ୍ତଙ୍କ ରଣନୀତିକୁ ଆଧାର କରି ଦିଦି ଦିଲ୍ଲୀ ଗସ୍ତରେ ଯାଇ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ୍ କରିଥିଲେ। ଟିଏମ୍‌ସି ଓ କଂଗ୍ରେସ ମିଶି ନରେନ୍ଦ୍ର ମୋଦିଙ୍କୁ କ୍ଷମତାରୁ ଦୂରେଇବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୋଧହୁଏ ଉକ୍ତ ଆଲୋଚନା ସଫଳ ହୋଇନଥିଲା, ତେଣୁ ଏବେ ଦିଦି 'ଏକଲା ଚଲୋ ରେ' ନାରା ଦେଇ ଆଗକୁ ବଢ଼ିବାରେ ଲାଗିଛନ୍ତି। କଂଗ୍ରେସର ଯୁବରାଜଙ୍କ ଜାଗା ଦିଦି ଯେ ନେବାକୁ ଯାଉଛନ୍ତି ଏକଦା ବୋଧ ହୁଏ କଂଗ୍ରେସ ହାଇକମାଣ୍ଡଙ୍କୁ ହୃଦ୍‌ବୋଧ ହୋଇଥିଲା। ତେଣୁ ସେ ଦିଦିଙ୍କ ପ୍ରସ୍ତାବରେ ରାଜି ହୋଇନଥିବା ଚର୍ଚ୍ଚା ହେଉଥିଲା। କ୍ଷମତା ଲଢେଇ ପାଇଁ କଂଗ୍ରେସ ଓ ଦିଦିଙ୍କ ମଧ୍ୟରେ ଫାଇଟ୍ ହେବ ନା 'ମିଲ୍‌କେ ଚଲେଗେଁ' ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ। ତେବେ ମୋଦିଙ୍କୁ ହରାଇବା ତ ଅଲଗା କଥା, ମୁଖ୍ୟ ବିରୋଧୀ ଦଳ ତଥା ନଂ-୨ ଆସନରେ କେଉଁ ଦଳ ରହିବ ତାହା ସମୟ କହିବ।



**ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି ଟିଏମ୍‌ସି !**

# ପାରାଦ୍ୱୀପ ଟ୍ରକ ମାଲିକ ସଂଘର ନିର୍ବାଚନି ବୈଠକ

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦ୍ୱୀପ ଟ୍ରକ୍ ମାଲିକ ସଂଘର ଏକ ନିର୍ବାଚନୀ ବୈଠକ ସ୍ଥାନୀୟ ଗରାପୁର ମାରୁତି ଛକ ନିକଟସ୍ଥ ସୌଭାଗ୍ୟ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଂଘର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ବର୍ତ୍ତମାନର ସଭାପତି ପ୍ରାର୍ଥୀ ବିରଞ୍ଚି ନାରାୟଣ ପରିଡା(ଆଲୋକ) ଚଳିତ ନିର୍ବାଚନ ପାଇଁ ସଂଘର ଉପ-ସଭାପତି ପ୍ରାର୍ଥୀ ମହମ୍ମଦ ସଲିମ୍ ଖାନ୍ ଓ ସଲିଳ କୁମାର ଦାସ, ସାଧାରଣ ସମ୍ପାଦକ ପ୍ରାର୍ଥୀ ସାରଦା ପ୍ରସନ୍ନ ରାଉତ, କୋଷାଧ୍ୟକ୍ଷ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଅକ୍ଷୟ କୁମାର ସ୍ୱାଇଁ ଓ ବିପିନ ଲେଙ୍କା(ସିକୁ) ପ୍ରମୁଖ ଯୋଗଦେଇ ଆସନ୍ତା ୨୮ ତାରିଖରେ ହେଉଥିବା ସଂଘର ନିର୍ବାଚନରେ ସେମାନଙ୍କୁ ବିଜୟ କରିବା ପାଇଁ ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନଙ୍କୁ ନିବେଦନ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ପାରାଦ୍ୱୀପ ଟ୍ରକ ମାଲିକ ସଂଘରେ କେନ୍ଦ୍ରାପଡା ଜିଲ୍ଲାର ୫ଶହ ଜଣ ଟ୍ରକ ମାଲିକ ସଦସ୍ୟ ଥିବା ବେଳେ ଜଗତସିଂହପୁର ଜିଲ୍ଲାର ୭୫୦ଜଣ ଟ୍ରକ ମାଲିକ ସଦସ୍ୟ ଅଛନ୍ତି। ପାରାଦ୍ୱୀପ ଟ୍ରକ ମାଲିକ ସଂଘର ସାମୁହିକ ବିକାଶ ଏବଂ ସଦସ୍ୟମାନଙ୍କ ସାମଗ୍ରୀକ ଉନ୍ନତି, ସମ୍ମାନ, ସ୍ୱାଭିମାନ ଓ ସମ୍ମାନତା ପ୍ରତିଷ୍ଠା ପାଇଁ ଆଲୋକ ବାବୁଙ୍କ ନେତୃତ୍ୱରେ ଚଳିତ ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କୁ ବିଜୟୀ କରିବା ପାଇଁ ପ୍ରାର୍ଥୀମାନେ ନିବେଦନ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ହିବଜୁର ରହମାନ ଧନ୍ୟବାଦ ଅର୍ପଣ କରିଥିଲେ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera